ଜଣା ପଡ଼ ଥାନ୍ତା । ନିମ୍ନଶିକ୍ଷାର ଭାର ପ୍ରଧାନରୂପେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ହାତରେ ରହିଅଛି । ଉକ୍ତ ମାଜିଷ୍ଟ୍ରେଟ ଆପଣା ଜିଲ୍ଲାରେ ଉକ୍ତ ପୁସ୍ତକ ଚଳାଇ ପାରନ୍ତି । ଏ ଶିକ୍ଷାନିମନ୍ତେ ଖଣ୍ଡିଏ ପୁସ୍ତକ ନିର୍ଦ୍ଦେଶ କରିବା କମିଟୀଙ୍କର ଉଚିତ କାର୍ଯ୍ୟ କି ? ଅମ୍ଭମାନଙ୍କ ବିବେଚନାରେ କମିଟୀ କେବଳ ସମଶ୍ରେଣୀୟ କେତେଖଣ୍ଡ ପୁସ୍ତକ ବାଛି ଦେଇ କ୍ଷାନ୍ତ ରହିଥାନ୍ତେ । ବୋଧୋଦୟ ବିଶେଷରୂପେ ନିମ୍ନଶିକ୍ଷାର ପାଠ୍ୟପୁସ୍ତକ ବୋଲି ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା ଧାର୍ଯ୍ୟ ହୋଇଅଛି । ସେ ପୁସ୍ତକ ଇଂରାଜୀ ଚେମ୍ବର୍ସ ସାହେବଙ୍କ ବୋଧୋଦୟର ଆଦର୍ଶରେ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କଦ୍ୱାରା ପ୍ରଣୀତ ଏବଂ ବଙ୍ଗଳାର ଅଧିକାଂଶ ବିଦ୍ୟାଳୟରେ ପ୍ରଚଳିତ ଥିବା ପ୍ରତ୍ୟକ୍ଷେ କେଉଁ କାରଣରେ କମିଟୀ ଏହାକୁ ଅଯୋଗ୍ୟ ଜ୍ଞାନ କଲେ ତାହା ବୁଝାଯାଉ ନାହିଁ । ପାଠମାଳାର ମୂଲ୍ୟ ବୋଧୋଦୟର ଦ୍ୱିଗୁଣ ଏବଂ ସେଥିରେ କେତେଗୁଡ଼ିଏ ଏମନ୍ତ କଥା ଅଛି ଯାହାକି ନିମ୍ନ ପ୍ରାଇମେରୀ ବିଦ୍ୟାଳୟର ଛାତ୍ରଙ୍କ ପ୍ରତି ଅଯୋଗ୍ୟ ଅଟଇ । ସ୍ୱୟଂ ଜଏଣ୍ଟ ଇନ୍‌ସ୍ପେକ୍ଟର ସ୍ୱଳ୍ପ ମୂଲ୍ୟର ପୁସ୍ତକ ନେଉବାର କେତେଥର ଶୁଣା ଯାଇଅଛି ସ୍ତୁଲେ ମୋଫସଲର ଗରିବ ଛାତ୍ରଙ୍କୁ ଦୁଇଣା ବଦଳରେ ଚାରିଅଣାର ପୁସ୍ତକ କିଣିବାକୁ ବାଧ୍ୟ କରିବା ଉଚିତ ହୋଇଅଛି କି ? ପ୍ରତ୍ୟୁତ କମିଟୀ ପ୍ରକୃତ କରିଥିବାର କୌଣସି କାରଣ ଦେଖା ଯାଉ ନାହିଁ । ଅମ୍ଭେମାନେ ଜାଣୁଁ ଯେ ବୋଧୋଦୟ ସହିତ ଅମ୍ଭମାନଙ୍କର ସମ୍ପର୍କ ରହିଥିବାରୁ ସ୍ୱାର୍ଥପରତାର ଦୋଷ ଦେଇ ଅମ୍ଭମାନଙ୍କ କଥା ଅଗ୍ରାହ୍ୟ କରିବାକୁ କେହି ସର୍ବସାଧାରଣଙ୍କୁ ଅନୁରୋଧ କରିବେ ମାତ୍ର ସ୍ୱାର୍ଥବାନ୍ ବ୍ୟକ୍ତିମାନେ (ଯଥା ପୁସ୍ତକ ପ୍ରଣେତା ବା ସେମାନଙ୍କ ଆତ୍ମୀୟ ଓ ପୁସ୍ତକ ବିକ୍ରେତା ଇତ୍ୟାଦି ) ଯେବେ ତନ୍ନକମିଟୀର ସଭ୍ୟ ମଧ୍ୟରେ ରହିଥିବା ସ୍ଥଳେ ସେ କଥା କେତେ ପ୍ରବଳ ହେବ ଧୀରଭାବରେ ବିଚାର କରିବା ଆବଶ୍ୟକ । କମିଟୀର ସଭ୍ୟମାନେ ସୁଦ୍ଧା ମନୁଷ୍ୟ ସେମାନଙ୍କର ଚକ୍ଷୁଲଜ୍ଜା ଉପରୋଧ ଅନୁରୋଧ ବା ସ୍ୱାର୍ଥପ୍ରତି ଆସ୍ଥା ନାହିଁ ଏକଥା କପରି ବୋଲା ଯିବ ? ଯାହା ହେଉ ଜଏଣ୍ଟ ଇନ୍‌ସ୍ପେକ୍ଟର ଏକାକି ଅଛା ଜଣି ଅଛନ୍ତି ।

ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟସାଧନବିଷୟରେ ବକ୍ତବ୍ୟ ଏତିକି ଯେ ଏ ପୁସ୍ତକ ମପ୍ରାଦ ଗତ ଉପସ୍ଥିତ ହେବାରୁ କମିଟୀ ଅଗ୍ରାହ୍ୟ କଲେ । ପୁଣି ବାବୁ ରାମଶଙ୍କର ରାଉତଙ୍କ ପ୍ରସ୍ତାବ ଏବଂ ବାବୁ ଅକ୍ଷୟାଷ୍ଟକ ଚଟ୍ଟୋପାଧ୍ୟାୟଙ୍କ ଅନୁମୋଦନ କ୍ରମେ ଅଧିକାଂଶ ସଭ୍ୟଙ୍କ ମତରେ ଏହି ପୁସ୍ତକ ଏବର୍ଷ ସକାଶେ ଧାର୍ଯ୍ୟ ହେଲା । ଅର୍ଥାତ୍ କମିଟୀ ଯାହାକୁ ଅଗ୍ରାହ୍ୟ କଲେ ତାହାକୁ ଧାର୍ଯ୍ୟ କଲେ ଅଉ ଯେବେ ଏହି ପୁସ୍ତକ କମିଟୀ ବିବେଚନାରେ ରହିଥିବା ଅନ୍ୟ ସମସ୍ତ ପୁସ୍ତକଠାରୁ ଭଲ ହୋଇଥିବ ତେବେ ଆରବର୍ଷ ଏହାକୁ ଉପେକ୍ଷା କରିବା କି ଉଚିତ ହେବ ? ଏଥର କମିଟୀ ବସିବାର ପ୍ରାୟ ଏକ ମାସ ପୂର୍ବରୁ ଜଏଣ୍ଟ ଇନ୍‌ସ୍ପେକ୍ଟର କନିଂହାମ ସାହେବଙ୍କ ସ୍ୱାସ୍ଥ୍ୟରକ୍ଷା ଶେଷ ହୋଇଥିବାର ଉକ୍ତ କମିଟୀକି ଜଣାଇ ଥିଲେ ଏଥିପାଇଁ ସ୍ୱାସ୍ଥ୍ୟସାଧନକୁ ପାଠ୍ୟପୁସ୍ତକ ଧାର୍ଯ୍ୟ କରିବାର ପ୍ରସ୍ତାବ ହେଲା । ଏଥିରୁ କନିଂହାମଙ୍କ ପୁସ୍ତକ ଏପରି ନୂତନ ଯେ ଅଳ୍ପକାଳ ମଧ୍ୟରେ ଆଉ ଏକଥର ଛପା ହୋଇ ନ ପାରନ୍ତା ଏବଂ ତାହା ଗବର୍ଣ୍ଣମେଣ୍ଟଙ୍କ ପୁସ୍ତକ ଥିବାରୁ ଏବର୍ଷର ପ୍ରୟୋଜନ ଅନୁସାରେ ଛପାଇ ନେବାରେ ବହୁ ବାଧା ନ ଥିଲା । କନିଂହାମ ସ୍ୱାସ୍ଥ୍ୟରକ୍ଷା ବଦଳରେ କମିଟୀ ନୂତନ ପୁସ୍ତକ କେଉଁ ଅଛନ୍ତି ଯେବେ ତାହା ବାଛି ନେବାରେ ବିଳମ୍ବ ହେଲା ତେବେ ପ୍ରଚଳିତ ପୁସ୍ତକକୁ ଏବର୍ଷ ରଖିବାର ସରଳ ବାଟ ଥିଲା । ମାତ୍ର ଜଏଣ୍ଟ ଇନ୍‌ସ୍ପେକ୍ଟର କମ୍ବା କମିଟୀର ଅନ୍ୟ କୌଣସି ଏପରି ପ୍ରସ୍ତାବ କଲେ ନାହିଁ ଅଗ୍ରାହ୍ୟ ପୁସ୍ତକକୁ ଚଳାଇବାର ପ୍ରସ୍ତାବ ହେଲା ଏବଂ ଅଧିକାଂଶ ସଭ୍ୟ ତହିଁରେ ସମ୍ମତି ପ୍ରଦାନ କଲେ । ଚତୁର୍ଭୁଜ ବାବୁ କମିଟୀର ଭାବଗତି ଜାଣି ପାରି ହେଉ ଅଥବା ସାହସପୂର୍ବକ ହେଉ ଆଗବଳ ପୁସ୍ତକ ଛପାଇ ଥିଲେ ବୋଲି ଫଳଲାଭ କଲେ ଆଉ ଦୁଇ ଘନିଜଣ ଗ୍ରନ୍ଥକାର ଏହିପରି କରିଥିଲେ କମିଟୀ ହରବରରେ ପଡ଼ି ବୁଝିଥାନ୍ତେ ଯେ ତାହାଙ୍କ କାର୍ଯ୍ୟ କେମନ୍ତ ଅନ୍ୟାୟ ହୋଇ ଅଛି ।

---

## ଅଲଙ୍କାର ବୋଧୋଦୟ ।

ସ୍ଥାନାନ୍ତରେ ପ୍ରକାଶିତ ବାମଣ୍ଡା ବିଜ୍ଞାପନରେ ଏ ପୁସ୍ତକର ଆବଶ୍ୟକୀୟ ପରିଚୟ ପାଠକମାନେ ପାଇ ଅଛନ୍ତି ଏବଂ ପ୍ରଶଂସା ପତ୍ରମାନ ପାଠକରି ଏଥିର ଗୁଣାଗୁଣ ମଧ୍ୟ ବୁଝିଅଛନ୍ତି । ଏ ପୁସ୍ତକ ମୁଦ୍ରିତ ହେବାପୂର୍ବେ ଗ୍ରନ୍ଥକାର ଅମ୍ଭମାନଙ୍କ ଜଏଣ୍ଟ ଇନସ୍ପେକ୍ଟର ବାବୁ ରାଧାନାଥ ରାୟଙ୍କୁ ଏହାର ପାଣ୍ଡୁଲିପି ଦେଖାଇଥିଲେ ଏବଂ ସେ ଯେଉଁ ଅନୁକୂଳମତ ପ୍ରଦାନ କରି ଅଛନ୍ତି ତାହା ମଧ୍ୟ ପୁସ୍ତକସଙ୍ଗେ ଛପା ହୋଇଅଛି । ସୁତରାଂ ପୁସ୍ତକ ଖଣ୍ଡିକ ଭଲ ହୋଇଅଛି ଏକଥା ଆଉ କୋହିବାର ପ୍ରୟୋଜନ ନାହିଁ । ଗଡ଼ଜାତ ରାଜାମାନଙ୍କ ମଧ୍ୟରେ ବାମଣ୍ଡାଧିପତି ଜଣେ ବୁଦ୍ଧିମାନ୍ ସୁସଭ୍ୟ ଏବଂ ଉନ୍ନତ ରାଜା ଅଟନ୍ତି । ବିଦ୍ୟା ପ୍ରତି ଏହାଙ୍କର କେମନ୍ତ ଅନୁରାଗ ମୁକ୍ତିକୋପନିଷତ୍ ପୁସ୍ତକ ଭାଷା ଅନୁବାଦ ସହିତ ପ୍ରକାଶ ଓ ବିନାମୂଲ୍ୟରେ ବିତରଣ ଏବଂ ସ୍ୱରାଜ୍ୟରେ ଗୋଟିଏ ହାଇସ୍କୁଲ ସ୍ଥାପନ କରିବାରୁ ସର୍ବ ସାଧାରଣ ଉତ୍ତମରୂପେ ଜାଣିଅଛନ୍ତି । ସମସ୍ତ ରାଜକାର୍ଯ୍ୟ ସ୍ୱୟଂ ଦେଖି ଶୁଣି ନିର୍ବାହ କରିବା ଏବଂ ସ୍ୱରାଜ୍ୟର ଉନ୍ନତି ଚିନ୍ତାରେ ସର୍ବଦା ବ୍ୟସ୍ତଥାଇ ସେ ଦେଶୀୟଭାଷା ଶୁଦ୍ଧରୂପେ ଲେଖିବାର ଶିକ୍ଷା ଦେବା ଉଦ୍ଦେଶରେ ସଂସ୍କୃତ ଅଲଙ୍କାର ଶାସ୍ତ୍ରର ସାରକଥାମାନ ଭାଷାରେ ରଚନା କରିବାକୁ ଏବଂ ନାନାଭାଷାଗ୍ରନ୍ଥରୁ ଉଦାହରଣମାନ ନେଇ ତହିଁରେ ସନ୍ନିବେଶ କରିବାକୁ ଅବସର ପାଇ ଅଛନ୍ତି ଏକଥା ଆହୁରି ଅଧିକ ପ୍ରଶଂସାର ବିଷୟ ଅଟଇ । ସାଧାରଣ ହିତକାର୍ଯ୍ୟରେ ନିତାନ୍ତ ଅନୁରାଗ ନ ଜନ୍ମିଲେ ସ୍ୱକଭୋଗରେ ପଡ଼ିଥିବା ଲୋକ ଏତାଦୃଶ ଶ୍ରମଶୀଳ କାର୍ଯ୍ୟରେ ପ୍ରବର୍ତ୍ତିତ ହୁଅନ୍ତି ନାହିଁ । ଅଲଙ୍କାରର କେତେଗୁଡ଼ିଏ ମୂଳସୂତ୍ର ସର୍ବସାର ବ୍ୟାକରଣରେ ପ୍ରକାଶ ହୋଇଥିଲେ ହେଁ ଅଲଙ୍କାର ବୋଧୋଦୟ ଉକ୍ତ ବିଷୟର ଖଣ୍ଡିଏ ସ୍ୱତନ୍ତ୍ର ଗ୍ରନ୍ଥ ହେବାରୁ ଏହାକୁ ଓଡ଼ିଆଭାଷାର ନୂତନଗ୍ରନ୍ଥ ବୋଲିଯାଇପାରେ । ଏଥିରେ ଅନେକଗୁଡ଼ିଏ ପ୍ରୟୋଜନୀୟ ବିଷୟ ଶୁଦ୍ଧରୂପେ ବୁଝାଇ ଦିଆଯାଇଅଛି ଏବଂ ଶିକ୍ଷାବିଭାଗର କର୍ତ୍ତୃପକ୍ଷମାନେ ଏହାର ପ୍ରୟୋଜନୀୟତା ଅନୁଭବ କରି ନର୍ମାଲ ବିଦ୍ୟାଳୟର ପାଠ୍ୟପୁସ୍ତକର ତାଲିକାରେ ଏହାକୁ ସ୍ଥାନଦେଇ ଅଛନ୍ତି । ଅବଶ୍ୟ ପ୍ରଥମ ଉଦ୍ୟମରେ ଏପରି କଠିନ ପୁସ୍ତକ ସର୍ବାଙ୍ଗ ସୁନ୍ଦରହେବ ଏପରି ଆଶା କରାଯାଇ ନ ପାରେ କେଣୁ ପୁସ୍ତକର ସ୍ଥାନେ କେତେଗୁଡ଼ିଏ ତ୍ରୁଟି ଲକ୍ଷିତ ହୋଇଅଛି । ଏକ ସ୍ଥଳରେ ଏକ ସଜ୍ଞାର ଯେ ବ୍ୟାଖ୍ୟା ହୋଇଅଛି ତହିଁର ଅର୍ଥ ସହଜରେ ବୁଝାଯାଉ ନାହିଁ ଓ ବୁଝାଇ ଦେବାର ଚେଷ୍ଟା ହୋଇ ନାହିଁ । ଯଥା 'ଅଭିଧାଶକ୍ତିଦ୍ୱାରା ଯେଉଁ

Digitized by srujanika@gmail.com

ଅର୍ଥ ଜଣାଯାଏ ତାହାକୁ ବାଚ୍ୟାର୍ଥବୋଲି । କିନ୍ତୁ ଅଭିଧାଶକ୍ତି ବୁଝାଇବାର ଚେଷ୍ଟା ହୋଇ ନାହିଁ । ଅନେକ ଉଦାହରଣକୁ କେବଳ ସଂସ୍କୃତ ବାକ୍ୟ ଭାଷାରେ ଅନୁବାଦ କରି ଦିଆଯାଇଅଛି । ଏପ୍ରଣାଳୀ ଆମ୍ଭମାନଙ୍କ ବିବେଚନାରେ ଉତ୍ତମ ନୁହଇ । ଏଥିରୁ କେହି ଅନୁମାନ କରିପାରନ୍ତି ଯେ ଗ୍ରନ୍ଥକାର ସେ ସବୁ ଶିକ୍ଷିଲ ନାହିଁ । ଅବଶ୍ୟ ଅମ୍ଭେମାନେ ସ୍ୱୀକାର କରୁଁ ଯେ ଉଦାହରଣମାନ ଶୋଧ ଅଣିମା ଅଳ୍ପସମୟ ସାପେକ୍ଷ ନୁହଇ ଏବଂ ଏଥିପାଇଁ ଅମ୍ଭେମାନେ ଆଶା କରୁଁ ଶ୍ରୀ ରଜାମହୋଦୟ ଏହି ସମୟରୁ ପୁସ୍ତକ ରହି ଭବିଷ୍ୟତ ସଂସ୍କରଣରେ ବର୍ତ୍ତମାନର ତ୍ରୁଟିମାନ ପୂର୍ଣ୍ଣ କରିବେ ।

---

# ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ପ୍ରାୟ ପ୍ରତିଦିନ ଏକଅଣ୍ଡା ବୃଷ୍ଟି ହୋଇଥିଲେହେଁ ବର୍ଷାର ପରିମାଣ ଜଣା ହୋଇବାକୁ ହେବ । ଏତି କଷ୍ଟ ନସାବଧି ହୋଇ ନାହୁ ।

ଯୋବର ପଥରବନ୍ଧ ଭଙ୍ଗିଯିବାରୁ ମହାନଦୀରେ ଜାହାଜ ଯିବାଆସିବା କରୁ ନାହୁ । ଜାହାଜମାନ ଜଗତପୁରଠାରୁ ଯାତ୍ରୀ ନେଇ ଚନ୍ଦବାଲି ଯାଉଅଛି ।

ପୁଷ୍ପର ପାଣ୍ଡି ଫେଡିବା ସଙ୍ଗେ ଏ ନଗରରେ ଓଲାଉଠା ଆରମ୍ଭ ହୋଇଅଛି ମାତ୍ର ଯାତ୍ରିଙ୍କଠା ଅନ୍ୟଲୋକଙ୍କ ମଧ୍ୟରେ ଏହାର ବିସ୍ତର ଉପଦ୍ରବ ଦେଖାଯାଇ ନାହୁ ।

ଅମ୍ଭେମାନେ ଶୁଣିଅଛୁ ଯେ, କପିଳିବାସ ପୂର୍ବେ ବୋଷ୍ଟ ଅବସରରେ ଜଣେ ପଥିକ ବଜ୍ରାଘାତରେ ପଞ୍ଚତ୍ୱ ପ୍ରାପ୍ତ ହୋଇଅଛି ।

ଗତମାସ ତା ୨୦ ଦିନରେ ତାଳଦଣ୍ଡା କେନାଲରେ ପାଣି ଅସିଲ କିନ୍ତୁ ଉକ୍ତ କେନାଲର ଅନେକ ଗ୍ରାମ୍ୟଘାଟରେ ସ୍ଥପ ବନ୍ଧାଯାଇ ନ ଥିବାରୁ ସାଧାରଣଙ୍କ ଗତାଗତ ପକ୍ଷରେ ନିତାନ୍ତ ଅସୁବିଧା ହେଉଅଛି । ଉପ୍ଲାଇସ୍ପୁରରେ ଏହିପ୍ରକାର ବିଶେଷ କଷ୍ଟ ସହିଥିବାର ଅବଗତ ହୋଇଅଛୁ ।—ଉକ୍ତଗ୍ରାମର କର୍ତ୍ତୃପକ୍ଷମାନେ ଶୀଘ୍ର ଏ ବିଷୟରେ ଦୃଷ୍ଟିପାତ କରିବେ ।

## କଲିକତା ଗେଜେଟ ।

କଟକର ପ୍ରେସିଡ଼େନ୍ସୀ ମାଜିଷ୍ଟ୍ରେଟ ଓ ଲୋକ୍ୟାଲ କଲେକ୍ଟର ବାବୁ ମହାନନ୍ଦ ଗୁପ୍ତଙ୍କ କାର୍ଯ୍ୟ ବନ୍ଦୋବସ୍ତ ଜନମେଣ୍ଟ କରୀସ୍ ଭଡ୍ଡ଼ି-ଜମସଙ୍କ ରେଭିନିଉ ଡିପାର୍ଟମେଣ୍ଟର ଅଧୀନରେ ରହିବ ଓ ସେ ଓଡ଼ିଶାରେ ସନ ୧୮୭୦ ସେପ୍ଟେମ୍ବର ଅ ୧୦ ଇନ ଆକ୍ଟରେ କଲେକ୍ଟରଙ୍କ କ୍ଷମତା ପ୍ରାପ୍ତ ହେଲେ। ଏଥିର ମର୍ମ ଏହି କି ସରକାର ଭୂମି କବୋ କାର୍ଯ୍ୟ କେବଳ ଭେଦଙ୍କ ଅଫିସରୁ ପୃଥକ୍ ହୋଇ ମହାନନ୍ଦ ବାବୁଙ୍କ ଜିମା ହେଲା ।

ଏଥର ଅଡିସନେଲ ମାଜିଷ୍ଟ୍ରେଟମାନଙ୍କ ଓଡ଼ିଆ ଭିଙ୍ଗ ପରୀକ୍ଷା ପରୀକ୍ଷାରେ ଏଠା ମୋହନ୍ତେମ ସାହେବ ଓଡ଼ିଆ ଭାଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ।

ଏଠା ମହାଜନଙ୍କ ବଳବନ ଏକଜିକ୍ୟୁଟିଭ ଇଞ୍ଜିନିୟର ଯେ, ଏବ୍ ଟ୍ରେଞ୍ଚ ସାହେବ କଲିକତାର ବାଇସାନାଦଲର କରିଥିବା ହେଲେ ଓ ତାଙ୍କ କର୍ମରେ ଚ, ଜଂଲର ଫକ୍ସନ ସାହେବ ନିଯୁକ୍ତ ହେଲେ ।

---

ଇତିଶର ଜଣେ ମେହେରଙ୍କ ମୃତ୍ୟୁରେ ଉକ୍ତ ଜମିଦାର ଚାଏଦନବନ୍ଧ ଶେଷ ଅବଦୁଲ ହମିଦ ମୁକଦ୍ଦମର ପରୱାନା ଜାରି କରିଥିବାରୁ ତାହାର ସୁପର୍ଦ୍ଦ ହେବା କଥା ଏଥିପୂର୍ବେ ପ୍ରକାଶ କରିଥିଲୁଁ । କାଲେକ୍ଟରର ସଦ ଦଉରରେ ମୋକଦ୍ଦମାର ବିଚାର ହୋଇ ଅସାମିଙ୍କ କଠିନ ପରିଶ୍ରମ ସହିତ ବ ୩ ବର୍ଷ କାରାବାସ ଦଣ୍ଡ ବିଧାନ ହୋଇଅଛି ।

କଲିକତା ହାଇକୋର୍ଟର ସହେନ ବସଗ ରହିଗଲେ କୌଣସି ହରକତ ହେବ କି ନା ଏକଥା ବୁଝିବା ପାଇଁ ସରକାର କମିଟି ସ୍ଥାପନ କରନ୍ତୁ ସତ୍ତ୍ୱ ଲେଖିଅଛନ୍ତି । କାଏସ ସଂକ୍ଷେପ କରିବା ଉଦ୍ଦେଶରେ କମିଟି ଏପରି ପ୍ରସ୍ତାବକରେ ମାତ୍ର ଜଜମାନେ ଏଥିରେ ସମ୍ମତ ନାହାନ୍ତି ଏବଂ ତହିଁରେ ଯଥାର୍ଥକାରଣ ଦର୍ଶାଇଅଛନ୍ତି ।

ମଫସଲଷ୍ଟରେ ୫୦୦ ୮ କା ବେତନରେ ଜଣେ ସ୍କୁଲ ସବ ଇନସ୍ପେକଟର ନିଯୁକ୍ତ ହେବେ । କର୍ମ ପ୍ରାର୍ଥିମାନେ ଚଳିତମାସ ତା ୧୦ ଦିନ ମଧ୍ୟରେ କଟକ ଇନସ୍ପେକଟରଙ୍କ ନିକଟରେ ଆବେଦନ କରିବାର ବିଜ୍ଞାପନ ଦିଆଯାଇଅଛି ।

## ଭଣପୁର ସମ୍ବାଦ ।

ଏ ଅଞ୍ଚଳରେ ପ୍ରଚୁର ବୃଷ୍ଟି ହୋଇ ଥିବାରୁ ବେନୁଡ଼ କେନ୍ଦ୍ରଠ କାର୍ଯ୍ୟ ଘରି ଅଛି ଓ ଦେଓ୍ୱାନ ବାବୁ ଗତ ବର୍ଷରେ ଗୌରଙ୍ଗପୁର ଠାରେ ଗଜପତ ବସାଇ ସେହିଁ ବନ୍ଧ ପକାଇ ଥିଲେ ସେହିଠାରୁ ଏକ ନାଳ ଖୋଳାଇ ଥିବାରୁ ଏହି ନାଳ କେତେକ ଜମିମାନଙ୍କର ଅନେକ ଉପକାର ହୋଇଅଛି । ବାବୁମହାଶୟ ଏହିପରି ଗୋଟିଏ ଉପକାରଜନକ କାର୍ଯ୍ୟ କରି ଦେଶର ମଙ୍ଗଳ କରନ୍ତୁ ଏହାହିଁ ଏକାନ୍ତ କାମନା। ଏଠାରେ ଧାନ ଚାଉଳର ଉତ୍ତମ କାର୍ଯ୍ୟ ହେଲେହେଁ ଦେଓ୍ୱାନବାବୁଙ୍କ ଯତ୍ନରୁ ଜଣେବାକୁ ମିଳୁଅଛି କାରଣ ୨ ଗୋଟି ଶୋଭାନ ଖୋଲାଇ ଅଛନ୍ତି ।

ଏ ଉତ୍ତରରେ ଅଡପରୀକ୍ଷା ଅସ୍ଥି ମିଳୁଅଛି ବାହାରାଇ ପର୍ଯ୍ୟନ୍ତ ମିଳିବାର ଆଶା କରାଯାଏ ।

ଭାରତବର୍ଷର ଜୟପାଶ୍ୱ ଉପଲକ୍ଷରେ ରଥମାନ ପ୍ରସ୍ତୁତ ହୋଇ ମଣ୍ଡଳୀ ଉତ୍ସବ କାର୍ଯ୍ୟମାନ ଶେଷ ହୋଇଯାଇଅଛି । କୌଣସିବର୍ଷ ଏତେ ଶୀଘ୍ର ଶେଷ ହେବାର ଦେଖାନ ଥିଲ ଏ ଭଣ ଚଳାଇ ହେବୁ ଏ ବର୍ଷର ସମସ୍ତ ପ୍ରକାରର ଉତ୍ସବ କାର୍ଯ୍ୟ ନିର୍ବାହ କରିବାରେ ଅବସର ନାହିଁ ଏ ଦେବଭୂମି ପ୍ରତିଗ୍ରାମରେ କୋଳାହଳ ଲଗି ଅଛି ।

ଗଡଠାରୁ ମୂଳାଶଳା ପର୍ଯ୍ୟନ୍ତ ହେଉଥିବା ସଡ଼କର କାର୍ଯ୍ୟ ଲଗିଅଛି ।

ଗତ ମାଇନର ଓ ଭର୍ଣ୍ଣାକ୍ୟୁଲର ପରୀକ୍ଷାରେ ଏଠାର ସ୍କୁଲରେ ନ ୩ ଣ ଛାତ୍ର ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ଏମାନଙ୍କ ମଧ୍ୟରେ ସ୍ୱଜନମାନେ ଶ୍ରୀହରିହର ଜଗଦେବ ସାମନ୍ତ ଏକଜଣ ଅଛନ୍ତି । ଗତ ଅପର ପ୍ରାଇମେରୀ ପରୀକ୍ଷାରେ ଏ କଷ୍ଟାର ଗୋପାଳପୁର ସ୍କୁଲରୁ ନ ୭ ଣ ଓ ରୁଦ୍ରପୁର ସ୍କୁଲରୁ ନ ୨ ଣ ଓସୁନାଗଲା ସ୍କୁଲରୁ ନ ୨ ଣ ଛାତ୍ର ପାସ କରିଅଛନ୍ତି ଏମାନଙ୍କ ମଧ୍ୟରୁ ଗୋପାଳପୁରରେ ଉତ୍ତୀର୍ଣ୍ଣ ହୋଇଥିବା ଏକଜଣ ସରକାରୀ ବୃତ୍ତି ଓ ରୁଦ୍ରପୁରରେ ଏକ ଛାତ୍ର ସରକାରଙ୍କ ବୃତ୍ତି ପାଇ ଏହି ଗଡ଼ ସ୍କୁଲରେ ପଢ଼ୁ ଅଛନ୍ତି

ଏଠାରେ ନେଉଥିବା କାଗଜ ଗୁଣ୍ଡା ତେଲ ଇତ୍ୟାଦି ପ୍ରସ୍ତୁତ ହୋଇ ବିକ୍ରୀ ହେଉଅଛି ।

---

## ପ୍ରେରିତ ପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ନିମ୍ନଲିଖିତ କେତେକ ପଂକ୍ତିକୁ ସ୍ଥାନ ପ୍ରଦାନକରି ବାଧିତ କରିବା ହେବେ ।

ଚଳିତ ବର୍ଷରୁ ନେଇ ପଞ୍ଚବର୍ଷଠାରେ ସାଇଲେ ପ୍ରଗଣାର ଅନ୍ତର୍ଗତ ଚଉଳପୁର ମୌଜାରେ ଚତୁର୍ଦ୍ଧାର ଶ୍ରୀ ରାମକୃଷ୍ଣ ଦାସଙ୍କ ପ୍ରଯତ୍ନରୁ ରଥଯାତ୍ରା ହେଉଅଛି । ଯାତ୍ରାସ୍ଥଳୀଟି ନୂତନ ବନ କିନ୍ତୁ ଉକ୍ତ ମହାଶୟ ବିଶେଷ ଅର୍ଥବ୍ୟୟ କରି ଗୋଟିଏ ସୁ ପ୍ରଶସ୍ତ ମାର୍ଗ ଫିଟାଇ ଅଛନ୍ତି ଏଯୋଗେ ଚତୁର୍ଦ୍ଦିଗରୁ ଦର୍ଶକମାନେ ଆସି ରଥ ଦେଖି ମହା ଆନନ୍ଦରେ ଫେରି ଯାଉଅଛନ୍ତି ଏବଂ ଉକ୍ତ ମହାଶୟଙ୍କୁ ଅସଂଖ୍ୟ ଧନ୍ୟବାଦ ପ୍ରଦାନ କରୁଅଛନ୍ତି । ଉକ୍ତ ମହାଶୟ ଏକାର୍ଯ୍ୟଟି କରିବାରୁ ଗଲବେଳେ ଅନେକ ଲୋକ ଅନେକପ୍ରକାର ବାଧା ଦେଇଥିଲେ କିନ୍ତୁ ସେ ସବୁ ଅତିକ୍ରମ କରି ସେ ଆପଣାର ମନୋରଥ ସିଦ୍ଧ କରିଅଛନ୍ତି । ଅମ୍ଭେ ଆଶା କରୁଁ ଉତ୍କଳର ଅନ୍ୟାନ୍ୟ ଧନଲୋକମାନେ ଏହିପରି ସତ୍କାର୍ଯ୍ୟରେ ଅର୍ଥ ବ୍ୟୟକରି ଉଚିତ ମନ ଦେବେ ।

ଶାଠ୮୬ } ବଶମ୍ବଦ ।
ଭଣ୍ଡାରିପୁର } ଶ୍ରୀ ରାମଚନ୍ଦ୍ର ଦାସ ।

---

ମହାଶୟ !

ନିମ୍ନଲିଖିତ ପ୍ରଶ୍ନ ଟିକି ଆପଣଙ୍କ ସୁବିଖ୍ୟାତ ପତ୍ରିକାରେ ପ୍ରକାଶିତ କରିଣ ଅନୁଗୃହୀତ କରିବା ହେବେ ।

ପ୍ରଶ୍ନ ।

ଏକହାତ୍ ଲମ୍ବର ଦୁଇଗୋଟି ସାମନ୍ତ ସଳ୍ୟାକ ଜନ୍ମହୋଇ କେତେ ସମୟ ବଞ୍ଚି ଗୋଟିଏ ମରିଗଲା ଆଉ ଗୋଟିଏ ବଞ୍ଚିଛି ଅଛି । ଏଥିର ଅଶୌଚ ପାଳନ କପର ହେବ । ଆଉ ଏକବ୍ୟକ୍ତିର ସେହିପରି ଦୁଇଗୋଟି ଯମଳ

ସନ୍ତାନ ଜନ୍ମିଥିଲେ ଯେ ଗୋଟିଏ ବାଳକ ଗର୍ଭରୁ ମରିଥିଲା ଆଉ ଗୋଟିଏ ବଞ୍ଚିଅଛି । ଏ ସ୍ଥଳରେ କପଟ ଅଶୌଚ ପାଳନ ହେବ । ଉକ୍ତ ମୂଳ ପ୍ରଶ୍ନର ଉତ୍ତର କେହି କୃତବିଦ୍ୟ[illegible] କୌଣସି ଖବର କାଗଜରେ ପ୍ରକାଶିତ କରାଇ ସଂଶୟ ଛେଦନ କଲେ ବଡ ବାଧିତ ହେବୁଁ । ଇତି ।

୬।୭।୮୬ । ।ନା। ଶ୍ରୀ ,ବ, ।

---

ଏଥର କଟକ ମେଡିକଲ ସ୍କୁଲରୁ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

୧ । କୃଷ୍ଣଦାସ ଘୋଷ
୨ । ଅଘୋରନାଥ ବୋଷ
୩ । ଶ୍ୟାମସୁନ୍ଦର ସିଂହ
୪ । ହେଲଙ୍ଗ ସିଂହ
୫ । ସୁରେଶ୍ୱର ପଣ୍ଡା
୬ । ପ୍ରିୟନାଥ ଚନ୍ଦ
୭ । ଅନନ୍ତଚରଣ ଦାସ
୮ । ଜଗନ୍ନାଥ ପଟ୍ଟନାୟକ

ଓଡ଼ିଆ ସ୍କୁଲବିଭାଗରୁ ନିମ୍ନଲିଖିତ ଉତ୍ତୀର୍ଣ୍ଣ ଛାତ୍ରମାନେ ଜୁନିୟର ଛାତ୍ରବୃତ୍ତି ପାଉଛନ୍ତି ।

୨ ୟ ଶ୍ରେଣୀ ।

| | |
|---|---|
| ଫଣୀନ୍ଦ୍ରମୋହନ ଚଟ୍ଟୋପାଧ୍ୟା | ରେ: କ: ସ୍କୁଲ |
| ଜୟଦାସସୁଣ ଚୌଧୁରୀ | ,, ,, |
| ବୈଦ୍ୟନାଥପ୍ରସାଦ ଷଡ଼ଙ୍ଗୀ | ବାଲେଶ୍ୱର ,, |

୩ ୟ ଶ୍ରେଣୀ ।

| | |
|---|---|
| କରୁଣାସିନ୍ଧୁ ସିଂହ | ଲକ୍ଷ୍ମଣନାଥ ସ୍କୁଲ |
| ଉ, ସଂ ଭେଇୟର | ରେ: କ: ,, |
| ହରେକୃଷ୍ଣ ମହାନ୍ତି | ,, ,, |
| ଶ୍ୟାମଚରଣ ମିଶ୍ର | ପ୍ୟାରୀମୋହନ ଏକାଡେମୀ |
| ମିର୍ଜ୍ଜା ମହମ୍ମଦ ନାଜିର | ଭଦ୍ରକ ସ୍କୁଲ |
| ବନମାଳୀ ପଟ୍ଟନାୟକ | ପୁରୀ ,, |

# ବି ଜ୍ଞା ପ ନ ।


## ଶ୍ରୀମଦ୍ଭଗବଦ୍ଗୀତା ।

ଉତ୍କଳଭାଷାନୁବାଦ ସହିତ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଆଠଅଣା ଡାଂ ୫ ମାତ୍ର ।

**SCHOOL BOOKS ! SCHOOL BOOKS !**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printing Company, Dargha Bazar Cuttack.

ନାନାପ୍ରକାର ଇଂରାଜୀ ଏବଂ ଓଡ଼ିଆ ବିଦ୍ୟାଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।


## NOTICE.

It is hereby notified that the undermaintained Orissa Canals, which had been closed for repairs, were reopened for traffic on the dates specified.

Kendrapara, Gobree and Gobree Extension Canals from Jugguthpur to Albah on the 5th June 1886, Jumboo, 7th and High Level Canal Range I, 8th idem.

Sd. C. TAYLOR
Executive Engineer
Brahamini Bytarni division

---

ସାହେବ ଗବର୍ଣ୍ଣମେଣ୍ଟ ଓଡ଼ିଆ ସ୍କୁଲର ପ୍ରଧାନଶିକ୍ଷକଙ୍କ ପଦ ଶୂନ୍ୟ ଅଛି । ମାସିକ ବେତନ ଟ ୧୫/ ଙ୍କା କଟକ ନର୍ମାଲସ୍କୁଲ ପଣ୍ଡିତ ବର୍ଗର ଶେଷ ପରୀକ୍ଷା କିମ୍ବା ଏଣ୍ଟ୍ରେନ୍ସ ପାସକରି କୌଣସି ମଧ୍ୟମଶ୍ରେଣୀ ବିଦ୍ୟାଳୟରେ ପ୍ରଶଂସା ସହିତ କାର୍ଯ୍ୟ କରିଥିବା ବ୍ୟକ୍ତିମାନଙ୍କର ଆବେଦନ ପତ୍ର ଆଦରପୂର୍ବକ ଗ୍ରହଣ କରାଯିବ । ଆବେଦନକାରୀମାନେ ଦରଖାସ୍ତରେ ଆପଣା ୨ ବୟସ ଲେଖିବେ ।

୨୮।୬।୮୬ } ପ୍ୟାରୀମୋହନ ସେନ ବାଲେଶ୍ୱର ଜିଲ୍ଲା ସ୍କୁଲସମୂହର ଡେପୁଟି ଇନ୍ସପେକ୍ଟର ।

---


## ପ୍ରଜାବନ୍ଧୁର ଉପହାର ।

ପ୍ରଜାବନ୍ଧୁର ଗ୍ରାହକମାନଙ୍କ ମଧ୍ୟରେ ବହୁମୂଲ୍ୟ ଉପହାର ବିତରଣ

୧୦୦୦୦ ଗ୍ରାହକ । ୧୦୦୦୦ ଉପହାର

କେହି ନିରାଶ ହେବେ ନାହିଁ

ଅଗ୍ରିମ ବାର୍ଷିକ, ଡା, ମା, ସମେତ ଟ ୧୫ ଙ୍କା

| | | |
|---|---|---|
| ୧ମ ଉପହାର | ଟ ୨୫୦୦/ | ନଗଦ ଟଙ୍କା |
| ୨ ,,ୟ | ଟ ୫୦୦/ ଙ୍କା | ,, ,, |
| ଏବଂ ୩ୟ ଓ ୪ର୍ଥ | ଟ ୨୫୦/ ଙ୍କା | ହିସାବରେ |

ଅନୁମାନିକ ମୂଲ୍ୟ

| | |
|---|---|
| ୧ ଯୋଡା ଉତ୍କୃଷ୍ଟ କାଶ୍ମୀର ସାଲ | ଟ ୧୨୦/ ଙ୍କା |
| ୧ ଗୋଟା ସୁନାର ଘଡ଼ୀ | ଟ ୧୦୦/ ଙ୍କା |
| ୫ ,, ଉତ୍କୃଷ୍ଟ ରୁପାର ଘଡ଼ୀ | ଟ ୨୦୦/ ଙ୍କା |
| ୫ ,, ସୁନାର ଅଙ୍ଗୁରୀୟ | ଟ ୧୦୦/ ଙ୍କା |
| ୧ ସେଟ ଶବ୍ଦକଳ୍ପଦ୍ରୁମ | ଟ ୭୫/ ଙ୍କା |
| ୧ ସେଟ କାଳୀ ସିଂହର ମହାଭାରତ | ଟ ୨୫/ ଙ୍କା |

୫୦ ଯୋଡା ଫରାସଡାଙ୍ଗାର କଭୁସା ଓ ଧଡ଼ୀଦାର ଧୋତି ଶାଢ଼ୀ ଏବଂ ଅବଶିଷ୍ଟ ୯୯୩୨ ଗୋଟି ଉପହାର ବହୁମୂଲ୍ୟ ଦ୍ରବ୍ୟାଦି ଯଥା ସୁନା ଓ ରୂପାର ଗହଣା, ଆବଶ୍ୟକୀୟ ପୁସ୍ତକ ଯୋଡା, କୁର୍ତ୍ତା, ଭଲଭଲ ଛତି, କଣ୍ଟେଇ ଇତ୍ୟାଦି ଟ ୩୩୮୦ ଙ୍କା ।

ଆଗାମୀ ଶ୍ରାବଣର ଦ ୩୧ ନ ମଧ୍ୟରେ ଅର୍ଥାତ ଅଗଷ୍ଟମାସର ତା ୧୫ ଇଖ ରବିବାର ପର୍ଯ୍ୟନ୍ତ ଯେଉଁମାନେ ଟ ୧୨ ଙ୍କା ମୂଲ୍ୟ ଦେବେ ସେମାନଙ୍କୁ ଗ୍ରାହକଶ୍ରେଣୀ ଭୁକ୍ତ କରି ଛମାସପର୍ଯ୍ୟନ୍ତ ଖଣ୍ଡେ ୨ ପ୍ରଜାବନ୍ଧୁ ଓ ଗୋଟିଏ ୨ ଉପଯୁକ୍ତ ଉପହାର ଦିଆଯିବ । ଶ୍ରାବଣର ଦ ୩୧ ନ ଉତ୍ତାରେ ଶୁଭଦିନ ଯାଏ ମୂଲ୍ୟଗ୍ରହଣ କରାଯିବ ସେହି ମୂଲ୍ୟ ଦାତାମାନେ ଗ୍ରାହକ ହୋଇପାରିବେ କିନ୍ତୁ ଉପହାରରୁ ବଞ୍ଚିତ ହେବେ । ବର୍ତ୍ତମାନ ଯେଉଁମାନେ ପ୍ରଜାବନ୍ଧୁର ଗ୍ରାହକ ଅଛନ୍ତି ସେମାନେ ସମସ୍ତେ ଉପହାର ପାଇବେ କିନ୍ତୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଯେଉଁମାନଙ୍କର ମୂଲ୍ୟ ଶେଷ ହେବ ସେମାନେ ଅଗ୍ରିମ ମୂଲ୍ୟ ନ ପଠାଇଲେ ପ୍ରଜାବନ୍ଧୁ ବା ଉପହାର ପାଇବାର ଆଶା ରଖିବେ ନାହିଁ ଆଗାମୀ ଭାଦ୍ରମାସ ଦ ୭ ଦିନରେ ଅର୍ଥାତ ଅଗଷ୍ଟମାସ ତା ୨୨ ଇଖ ରବିବାର ଦିନ ଶ୍ରୀ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀର ପୁଣ୍ୟଦିନ ପ୍ରଜାବନ୍ଧୁର କାର୍ଯ୍ୟାଳୟରେ ପାରିତୋଷିକ ବିତରଣ ହେବ ।

ଭାଦ୍ରମାସ ଶେଷ ହେଲେ ପ୍ରଜାବନ୍ଧୁ ୪ର୍ଥ ବର୍ଷ ଅତିକ୍ରମ କରି ୫ମ ବର୍ଷରେ ପଦାର୍ପଣ କରିବ ଆମ୍ଭେମାନେ ସେହି ଶୁଭ ଦିବସରେ ଭରସା କରୁଁ ଗ୍ରାହକବୃନ୍ଦଙ୍କ ହସ୍ତରେ ନାନାବିଧ ଉପହାର ଓ ଆମ୍ଭମାନଙ୍କ ବହୁମୂଲ୍ୟ ଓ ପରିବର୍ଦ୍ଧିତ ପ୍ରଜାବନ୍ଧୁ ଅର୍ପଣକରି ସୁଖୀ ହୋଇପାରିବୁଁ

ପ୍ରଜାବନ୍ଧୁ ସାପ୍ତାହିକ ସମ୍ବାଦପତ୍ର । ଏହା ଫରାସିଅଧିକାରରେ ଲାଳିତ ପାଳିତ ଫରାସି ସାଧାରଣତନ୍ତ୍ର ସ୍ନିଗ୍ଧଛାୟାରେ ଆଶ୍ରିତ ସୁତରାଂ ଏହା ସାମ୍ୟ ସ୍ୱାଧୀନତା ଓ ମୈତ୍ରୀର ବନ୍ଧୁ ସେଥିପାଇଁ ଏହା ସମସ୍ତଙ୍କ ନିକଟରେ ଶ୍ରଦ୍ଧାର ପାତ୍ର । ସେଥିପାଇଁ ଆମ୍ଭେମାନେ କୃତଜ୍ଞତା ପରଦର୍ଶନାର୍ଥ


Digitized by srujanika@gmail.com

Split by PDF Splitter



ଅର୍ଦ୍ଧ ଆମ୍ଭମାନଙ୍କ ଗ୍ରାହକବୃନ୍ଦଙ୍କୁ ଉପହାର ଦେବାପାଇଁ କୃତସଙ୍କଳ୍ପ ହୋଇଅଛୁଁ । ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଯେଉଁ ପରିମାଣରେ ମୂଲ୍ୟ ସଂଗୃହୀତ ହେବ ସେହି ପରିମାଣରେ ଉପହାର ପ୍ରଦାନ କରାଯିବ । ପୁରସ୍କାର ଅନୁଯାଇ ଗ୍ରାହକ ସଂଖ୍ୟା ଉପରେ ନିର୍ଭର କରବ ।

ଯେ ଏହି ବିଜ୍ଞାପନକୁ ଦେଖାଇ ନୂତନ ଗ୍ରାହକଙ୍କର ମୂଲ୍ୟ ପଠାଇଦେବେ ସେ ବିନାବ୍ୟୟରେ ଛମାସ ପାଇଁ ଏକ୨ ଖଣ୍ଡ ପ୍ରଜାବନ୍ଧୁ ପାଇବେ ଓ ଯେ ଜ ୧୦ ଜଣଙ୍କର ଦେବେ ସେ ଛମାସ ପାଇଁ ଏକଖଣ୍ଡ ହିସାବରେ ପ୍ରଜାବନ୍ଧୁ ଓ ଗୋଟିଏ ଉପହାର ପାଇବେ ।

ପ୍ରଜାବନ୍ଧୁର ମୂଲ୍ୟ ପଶ୍ଚିମ ଚନ୍ଦନନଗରେ ପ୍ରଜାବନ୍ଧୁର କାର୍ଯ୍ୟାଧ୍ୟକ୍ଷ ଶ୍ରୀ ଭନକଡ଼ି ବନ୍ଦ୍ୟୋପାଧ୍ୟାୟଙ୍କ ନିକଟକୁ ପଠାଇବାକୁ ହେବ ମୂଲ୍ୟ ପ୍ରାପ୍ତ ହେଲେ ନମ୍ବର ଲିଖିତ ରସିଦ ପ୍ରେରିତ ହେବ ଯେଉଁମାନେ ମୂଲ୍ୟ ଡାକଦ୍ୱାରା ପଠାଇବେ ସେମାନେ ଚନ୍ଦନନଗର ପୋଷ୍ଟ ଅଫିସର ଠିକଣାକୁ ମନିଅର୍ଡର କରି ପଠାଇବେ । କାରଣ ପୋଷ୍ଟେଲନୋଟ ଓ ଡାକଷ୍ଟାମ୍ପ ପ୍ରଭୃତି ଦ୍ରବ୍ୟ ହଜଯାଇ ପାରେ ।

---

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ତସରକୋଣା ଓ କଲିଙ୍ଗା ଓ ରେସମୀଓଟେଗର ଲୁଗା ଓ ଷ୍ଟେସନରୀ ଓ କଲ୍‌ଦଙ୍ଗା ଇମାଖି ସତନ୍ତର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍‌ଭିନ୍ନ ଅଉ କେତେକ ଫେନସି ଜିନିସାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଡ଼ା ଅମ୍ଭେମାନେ ବଲୋର ଝାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଝାଡ଼ମାନ ବିକ୍ରୟ ହେବା ପୂର୍ବେ ଅପଣା ମଜଲିସ ସକାଶେ ଭଡ଼ା ଲୋଡ଼ାନ୍ତି ତେବେ ଏକ ରାତିକୁ ଫି ବଗ ଟ୦।୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ସବୁ ଦାୟିତ୍ୱଭାର ତାଙ୍କ ଉପରେ ରହିବ । ସବୁ ହେଲେ ଝାଡ଼ର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

## ତଫସିଲ ।

କଲର ଖେଳଣା କି ତ ହୁଁରେ ଗୃହ ଦେଲେ ଚଳେ ।
କପେଲିଶାଭ
କବେଷୀନ୍ ତେଲ ନଡିକା ସେଜ ସାବା ଓ ହୋମ ସବୁତ ।
ତୁଦଂ ଅର୍ଥାତ୍ ନକସ କରିବା କାଗଜ ପେନ୍‌ସିଲ ଓ କଲମ ।
ପେନ୍‌ସିଲ କାଟିବା ଯନ୍ତ୍ର ।
ନାନା ପ୍ରକାରର ଚଠି କାଗଜ ଓ ଲଫାଫା
ହେୟାର ବ୍ରଶ ।
ଟିଭଲ ସଡ ।
କଲମ ସାବୁନ ।
ଡାକାଇ ସାବାନ ଯହିଁରେ ଲୁଗା ପରିଷ୍କାର ହୁଏ ।
ଫଟୋଭ ବ୍ରେକ—ଅର୍ଥାତ୍ ସୁଗନ୍ଧୀ ଦ୍ରବ୍ୟ ।
ଅବଲ ଲୁଥ ।
ଓଡ଼ାଟର ସ୍ପ୍ରଟ ଛଡ଼ା ।
ବଚ୍ଚର ଅର୍କ ।
ହୋଇଭୋଲନ୍ ।
ପୋରସିଲେନର ହେଲର ମେଜ ଓ ଡାଲିକ ଗୋଭରେ ଝରେ
ବୁଟ୍‌ଟାଇ ବାନ୍ଧ ଅର୍ଥାତ୍ ଲେଖିବାବେଳେ ଗଜ ଓ ପୁଞ୍ଛିଲେ କଟା ହେବ ।
ଅଲଙ୍କା ଚକ୍ର
୧୨×୧୦ ଇଞ୍ଚ
୧୪×୧୨ ଇଞ୍ଚ
ପକେଟବୁକ ନଂ ଗଲ ପାଞ୍ଚ ସତର ଟ ୦।୫
ମୋଜା ଓ ମୋଜାବନ୍ଦ ଭଲନ ଧଅ ନନଗାଟ
ବସଲ ସାଫ କରା କଡି ଓ ପାଲଦଳ ଟୋପ୍ ପିତା

ବାଲ ଟିସ୍ୱ ସାଜ ନ ଡଭ ଦଳିନ ଓ ଶାଡ଼ୀ
ଲଗା ଦେହେର
ଭଜର୍ଷ ଗୁରପଙ୍କୁନ୍ଦ
„ ଏକଫର ତୁର
ହେଲସନ ଉପୋଇ ମେ ବେଶର ଅଏଲ
ସାବୀଂ କାଳୀ ଲୁଗାରେ ଦଣ୍ଡ ଦେଲେ ଖୋଭ ସବେ ବତଳ ହେଉ ନାହିଁ ।
ଏ, ସୋଖଳ ସାବ୍ରତେଲ ଭାମୀଭ ଓ କୁଚୁନା ।
କଲମ ଅରଖୋଟ ।
ଏକନ ବାରସ ।
ମୁଆନ ସେନ ।
ଅଟମେଟିକ ପେନ୍‌ସିଲ ଅର୍ଥାତ୍ ଏ ପେନ୍‌ସିଲରେ ସେଣ୍ଟ ଭଟିଙ୍ଗ ପେପରକୁ ସକାଲ ସେହି ପେନ୍‌ସିଲ ଲେଖା ଉଭେ ଦେଇ ତଳାଇ ଦେଲେ ତହିଁର ନକଲ ଉଠେ ।
କପିଙ୍ଗ ପେପର ।
କସ୍ତୁରିନ ତେଲରେ ଲଇ ବାଲ ଥାଏ ।
ଉଟଲର ସ୍କୋପର ଅର୍ଥାତ୍ ଧଠୀର ଚଣ୍ଡଲ ଟା ଛିବାର ଉକଳ ।
ନନଷାମା ।
ରେଭ୍ ବ୍ଲୁ ପେନ୍‌ସିଲ !
ଇନ୍ନ ବୋତଲ
ବନାରସୀ ଶାଢ଼ୀ ଓ ଯୋଡ଼ ଓ ଜର
ମସୃଢାକାସ ଓ ଜିର ପାଇ ପାଟଯୋଡ ଓ ଶାଢ଼ୀ ।
ପ୍ରିଣ୍ଟ ବାଦ

ଅରଭକଷ୍ଟଦ ଦର କମ୍ପାନୀ

---

## ଏକଡ଼ିସର ମଲମ ।

ଦେଶୀୟ ଉପକରଣଦ୍ୱାରା ପ୍ରସ୍ତୁତ ମଲମମାନ । ଏଥିରେ ପାରଦ କିମ୍ବା ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବାଅ ଟ।୵୧ ପ୍ୟାକିଂ ଖର୍ଚ୍ଚ ଟ ୦। ଅଣା ।

## ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରକୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନଷ୍ଟ ହୋଇଯାଏ । ପାରଦ ଘା, ଗରମୀ ଘା, ନାଲି ଘା, ବେଙ୍ଗ ଓ ନାକ ଭିତରର ଘା, ଗୋଲ ଘା, କାନ ଘା, କାଳର ଚକ୍ଷୁ, କୋଷ୍ଠ କାଠିନ୍ୟ, ଅଙ୍ଗୁଳିହା, ଯେତେ ଶିରବ୍ୟଥା, କାଶ, ଶଯ୍ୟାକାଶ, ପ୍ରସ୍ରାବପୀଡ଼ା, କ୍ରିମିଅ, ଧାତୁଦୌର୍ବଲ୍ୟ ଏବଂ ଉତ୍ତେଜନା ଜ୍ୱର ଇତ୍ୟାଦି ପୀଡ଼ା ଏବଂ ନିଶ୍ଚୟ ଆରୋଗ୍ୟ ହୁଏ ।

## ଶାମ୍ବର ତେଲ ।

ଡାକ୍ତରୀ ଉପାୟରେ ଶାମ୍ବରୁ ପ୍ରସ୍ତୁତ ତେଲ । ଧବଳ ଓ କୁଷ୍ଠ ରୋଗର ଯେତେ ଜାତି ଔଷଧ ଥାଏ ତେବେ ତାହା ଶାମ୍ବ । ଶାମ୍ବର ତେଲ ଅମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରିଅଛୁଁ । କାଛୁ, ଯାଦୁ, କୁଣ୍ଡଅ, ଛୁଲି, ପଦ୍ମଯାଦୁ, ଧବଳ, କୁଷ୍ଠ, ଗଳତକୁଷ୍ଠ, ଇତ୍ୟାଦି ରୋଗର ମହୌଷଧ । ଏହା ବ୍ୟବହାର ଯେତେ ପ୍ରକାର ଘା ଅଛି, ତହିଁରେ ଏହା ସର୍ବପ୍ରକାରେ ଉପକାରୀ ଅଟେ । ପ୍ରତି ବଡ ବୋତଲ ଟ ୩୵୦ କା ଓ ଛୋଟ ବୋତଲ ଟ ୵୦ କା ।

ପୀଡ଼ା ଆରୋଗ୍ୟ ନ ହେଲେ ମୂଲ୍ୟ ଫେରାଇ ଦିଆଯିବ । କଲିକତା ବେଚୁ ଚାଟୁର୍ଯ୍ୟା ଷ୍ଟ୍ରିଟ ୪୬ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୲ କା, ପ୍ୟାକିଂ ଟ ୦। ଅଣା । ଡାକ ଟ ୧୦, ଅଣା ।

# ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ସିସିକୁ ଟ ୧।

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ବିଜ୍ଞାପନ ଯେତେ ଥର ଛପାଇବ ତାହା —

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ି ପ୍ରତି | ଟ ୦। |
| ଅଧ ସ୍ତମ୍ଭ | ଟ ୨୲ |
| ପୂର୍ଣ୍ଣ ସ୍ତମ୍ଭ | ଟ ୪ |

ମାତ୍ର ଦ୍ୱିତୀୟ ଥରଠାରୁ ଯେତେ ଥର ଛପାହେବ ତହିଁର ଦର ଟ ୦ ଅଣା ହେବ ନାହିଁ ।

ଦୀର୍ଘ ଓ ଉପସ୍ଥିତ ସକାଶେ ଦର ସ୍ୱତନ୍ତ୍ର ଠିକଣା ହେବ ।

ଅଗ୍ରିମ ମୂଲ୍ୟ ବିନା ବିଜ୍ଞାପନ ଛପାଯିବ ନାହିଁ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ପତ୍ରିକା କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୧ ଭ } ତା ୧୬ ଉଷ ମାହେ ଜୁଲାଇ ସନ ୧୮୮୭ ମସିହା । ମୁ । ଶ୍ରାବଣ ୨ ୪ ନ ସନ ୧୨୯୪ ସାଲ ଶନିବାର
ସ ୨୯ ସଂଖ୍ୟା }

| ମୂଲ୍ୟ | ଅଗ୍ରିମ | ବାକିଆରୁ |
|---|---|---|
| ବାର୍ଷିକ | ଟ ୨ ୯ | ଟ ୨୯ |
| ଡାକମାସୁଲ | ଟ ୦ ୬ | ଟ ୧୯ |


ବାମଣ୍ଡା ବିଜ୍ଞାପନ ।

ବୈଦିକ ପ୍ରସ୍ତାବ ।

ହିନ୍ଦୁମାନଙ୍କର ପ୍ରଧାନ ଶାସ୍ତ୍ର ବେଦ ଯେଉଁ ବେଦକୁ ମୁଖପାଠ କରି ହିନ୍ଦୁମାନେ ଧର୍ମସ୍ତବ କରିବାକୁ ପ୍ରସ୍ତୁତ ; ସେହି ବେଦ ପୂର୍ବରେ ନାସ୍ତିକମାନଙ୍କଦ୍ୱାରା ପରିତ୍ୟକ୍ତ ହୋଇଥିଲା ତହିଁରେ ହିନ୍ଦୁମାନେ ନିଃସନ୍ଦ ଚିତ୍ତରେ ସର୍ବ-ଭେଦ ଯୁକ୍ତିଗଣ ବପନ କରି କଣ୍ଟକଶାଳୀ ହୋଇଥିଲେ ଏବଂ ସ୍ୱଧର୍ମପତାକା ସ୍ୱକୁଳର ଅପଯଶକୁ କମ୍ପିତ କରୁଥିଲା; ଅଦ୍ୟ କାଲି ହିନ୍ଦୁ ଧର୍ମ କଳଙ୍କିତ । ଏହି ଈଶ୍ୱରସୃଷ୍ଟିରେ ନାନାପ୍ରକାର ଲୋକ, ନାନାପ୍ରକାର ଧର୍ମ, ନାନାପ୍ରକାର ଜାତି, ନାନାପ୍ରକାର ଜୀବ, କେହି କାହାର ସଙ୍ଗରେ ସମାନ ନାହିଁ ଗୋଟିଏ ଗୋଟିଏ ଜୀବର ଗୋଟିଏ ଗୋଟିଏ ଲକ୍ଷ୍ୟ ଏପରି ପ୍ରତ୍ୟକ୍ଷ କରି ଯେ କହେ ଏକ ଲୋକ, ଏକଧର୍ମ, ଏକଜାତି, ତାହା କେବଳ ଚକ୍ଷୁ-ରୋଗର କାର୍ଯ୍ୟ ।

ଧର୍ମର କିବା ଜାତିର ସଂସ୍କାର କରି ବସିଲେ ହୁଏତ ସଂସ୍କାରକମାନେ ଗୋଟିଏ ଜାତି ହୋଇ-ଯିବେ ଅତଏବ ସକଳଧର୍ମର ଗୋଟିଏ ଲେଖାଁଏ ଅଲୌକିକ ମହାନୁଭୂତି ସ୍ୱୀକାର କରିବାକୁ ହେବ; ହିନ୍ଦୁଧର୍ମର ଯେ ଅସାଧାରଣ ମହାନୁଭୂତି ତାହା ସଚରାଚର ଜାଣନ୍ତି ତହିଁର ଧର୍ମଜିଜ୍ଞାସୁ ହେଲେ ପ୍ରାୟ ବୟସ ଯିବ ଅତଏବ ତାହା ସହଜେ ବୁଝାଯାଏ ନାହିଁ ।

ପରଧର୍ମାବଲମ୍ବିମାନେ ଧର୍ମଦ୍ୱେଷୀ ହେଲେ କୌଣସି ଦୁଃଖ ହୁଏ ନାହିଁ ବରଂ ଅନନ୍ତର ସହିତ ଯୁକ୍ତି, ତର୍କ, କରିବାକୁ ପ୍ରବୃତ୍ତି ହୁଏ କିନ୍ତୁ ଆପଣାମଧ୍ୟରେ ଲୋକେ ଆପଣାଧର୍ମର ଦ୍ୱେଷୀ ହେଲେ ସେହି କେବଳ ହୃଦୟବିଦାରି ଦୁଃଖ !!!

ବେଦଗତ ଧର୍ମ ବୁଝି ବସିଲେ କି ମନର ଅରମଣୀୟତା ବୋଧ ହୁଏ ? ବିଶେଷତଃ ବେଦରେ ଯେ ନିବୃତ୍ତି ଧର୍ମ ଅଛି ଏବଂ କ୍ରିୟା-କଳାପର ବାହୁଲ୍ୟ ଅଛି ତାହା ଦେଖି ଲୋକେ ପାଣିକି ନେଇ ପରି, ଲୋକେ ହୁଅନ୍ତି, କ୍ରିୟାକଳାପକୁ ସୂକ୍ଷ୍ମ କଲେ କି ଜାତିଯାଏ ହେବ ? ସକଳଶ୍ରେଣୀରେ ଭିନ୍ନପ୍ରକୃତିର ଲୋକେ ଅଛନ୍ତି, ଜାଣିବା ଲୋକ ତାଙ୍କର କଥାକୁ କି ଧରି ବସିଥିବ ? ନିଜର ସଂସ୍କାର କର ଗୃହି; ଅସମର୍ଥ ପକ୍ଷେ ପରିଶେଷରେ କର୍ତ୍ତବ୍ୟ ଏହି ଯେ ବ୍ୟାସଦେବ ଆଦି ଋଷି କୁଳରକ୍ଷା କଲପରି କୁଳଧର୍ମଟା ରକ୍ଷା କଲେତ ଆପତ୍ତି ଗଲା ତେବେ କାହିଁକି ସ୍ୱକୁଳର ଅପାଙ୍କ ହେବ ।

ଅନେକଲୋକଙ୍କର ସନ୍ଦେହ ହୁଏ ଯେ ବେଦଗୁଡିକ କି ପଦାର୍ଥ ? ତାହାର ସୃଷ୍ଟି କି ? ସେ ବାକ୍ୟ ପୁଞ୍ଜ, କି ଅଭିପ୍ରାୟ ପୁଞ୍ଜ, କି ଶବ୍ଦ-ପୁଞ୍ଜ, କିବା ବର୍ଣ୍ଣରଶିଗତ; ଅଥବା ବ୍ରାହ୍ମଣ-କଳ୍ପିତ କୀବନୀ ? ଏହା ଜାଣିବାକୁ ବୈଦିକ-ମାନଙ୍କର ମୀମାଂସା ଦେଖିଲେ ସହଜେ ପାଠ-କମାନେ ଜାଣିପାରିବେ; ବର୍ତ୍ତମାନ ଜୈମିନି-ମୀମାଂସିତ ପ୍ରସ୍ତାବଟି ନିମ୍ନେ ପ୍ରକାଶ କଲୁଁ ଯଥା,

ଅପୌରୁଷେୟ ବାକ୍ୟ ବେଦ, ଏହି ବେଦ ମନ୍ତ୍ର ଓ ବ୍ରାହ୍ମଣ ଭେଦରେ ଦୁଇପ୍ରକାର; ମନ୍ତ୍ରର ଲକ୍ଷଣ, କିଭୂକାରକଦ୍ୱାରା ଦେବତାର ପ୍ରକାଶକ ବାକ୍ୟବିଶେଷକୁ ମନ୍ତ୍ର ବୋଲି; ଏହି ମନ୍ତ୍ର ତିନପ୍ରକାର, ଗାୟତ୍ର୍ୟାଦି ଛନ୍ଦରେ ରଚିତ ମନ୍ତ୍ରକୁ ଋଗ୍ବେଦ ବୋଲି, ଗୀତ ଓ ଛନ୍ଦୋଯୁକ୍ତ ମନ୍ତ୍ରକୁ ସାମ ବେଦ ବୋଲି, ପ୍ରାୟ ଛନ୍ଦ ଓ ଗୀତ ରହିତ ମନ୍ତ୍ରକୁ ଯଜୁର୍ବେଦ ବୋଲି, ବିଧାୟକ ବାକ୍ୟକୁ ବ୍ରାହ୍ମଣ ବୋଲି ଯଥା, ଅଗ୍ନି ହୋତ୍ରଂ ଜୁହୁୟାତ୍ ।

କ୍ରମଶଃ

ଶ୍ରୀ ———————ବାମଣ୍ଡା

ଗତ ପ୍ରକାଶିତ ମଧ୍ୟପ୍ରଦେଶର ସମ୍ବାଦପତ୍ରରେ କେଉଁଝର ମହାରାଜାଙ୍କ ନାମରେ ଯୋଡିଏ ଗୁନଗୀତ ପ୍ରଶଂସିତ ହୋଇଅଛି । ମହାରାଜା ବିବାହ ଉପଲକ୍ଷରେ ଗତ ଶୀତକାଳରେ ଖାଣ୍ଡିଆକୁ ଯାଇଥିଲେ ପ୍ରତ୍ୟାଗମନକାଳରେ ସମ୍ବଲପୁରଠାରେ ଏକ ମଜଲିସ ରଚନାପୂର୍ବକ ସେଠା ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରି ନାନା ଆମୋଦ ପ୍ରମୋଦ ଏବଂ ବିଶେଷ ଉଦାରତା-ଦ୍ୱାରା ସମ୍ମାନ କରିଥିଲେ ଏବଂ ସେଠା ହାଇସ୍କୁଲ ସନ୍ଦର୍ଶନ କରି ଉକ୍ତ ବିଦ୍ୟାଳୟର ଉପକାରାର୍ଥେ ଦୁଇହଜାର ଟଙ୍କା ଦାନ କରିଥିଲେ । ଏହି କୀର୍ତ୍ତିମାନ ଘୋଷଣା କରିବା ଏବଂ ମହାରାଜାଙ୍କ

Digitized by srujanika@gmail.com

Split by PDF Splitter
244



ଠାରେ କୃତଜ୍ଞତା ଦେଖାଇବା ଉକ୍ତ ପଦ୍ଧତିର ବିଷୟ ଅଟଇ।

---

ବର୍ଦ୍ଧମାନର ବର୍ତ୍ତମାନ ମହାରାଜା ନାବାଲଗ ଥିବାରୁ ଶ୍ରୀଯୁକ୍ତ ମିଲର ସାହେବ ଏବଂ ବାବୁ ବନବିହାରୀ କାପୁର ଯୁଗ୍ମ ମାନେଜର ନିଯୁକ୍ତ ହୋଇଥିଲେ। ଅଳ୍ପଦିନ ହେଲା ମିଲର ସାହେବଙ୍କର ମୃତ୍ୟୁ ହେବାରୁ ଆଉ ଜଣେ ସାହେବ ତାହାଙ୍କ ପଦରେ ନିଯୁକ୍ତ ହେବେ ଏପରି ଶଙ୍କା ହେଉଥିଲା। ସୁଖର ବିଷୟ ଯେ ଗବର୍ଣ୍ଣମେଣ୍ଟ ସ୍ୱବିଚାର ପୂର୍ବକ ବାବୁ ବନବିହାରୀ କାପୁରଙ୍କୁ ବର୍ଦ୍ଧମାନର ଏକମାତ୍ର ମାନେଜର ନିଯୁକ୍ତ କରିଅଛନ୍ତି ଏବଂ ତାହାଙ୍କ ଅଧୀନରେ ଆଉ ଜଣେ ଦେଶୀୟ ଲୋକଙ୍କୁ ସହକାରୀ ମାନେଜରସ୍ୱରୂପ ନିଯୁକ୍ତ କରିବାର ସ୍ଥିର କରିଅଛନ୍ତି। ବନବିହାରୀ ବାବୁ ଏ କାର୍ଯ୍ୟ ସମ୍ପାଦନେ ସର୍ବମତେ ଯୋଗ୍ୟ ଏବଂ ଏଣିକି ସ୍ୱାଧୀନଭାବରେ କାର୍ଯ୍ୟ କରିବାକୁ ସମର୍ଥ ହେବେ।

---

ଅବଧି ମେଘର ଅବସ୍ଥା ଦେଖି ଲୋକଙ୍କ ମନରେ ଟିକଏ ଅସୁଖ ହୋଇଅଛି। ପ୍ରାୟ ପ୍ରତିଦିନ ବୃଷ୍ଟି ହେଉଅଛି ମାତ୍ର ଜଳର ପରିମାଣ ଅତ୍ୟନ୍ତ ଊଣା ଏବଂ ଝଡ ବର୍ଷା ସଙ୍ଗେ ଅଦୌ ଦେଖା ନାହିଁ। ଶ୍ରାବଣ ମାସ ଧାରାବୃଷ୍ଟିର ସମୟ କିନ୍ତୁ ଅବଧି ତାହା ଦେଖିବାରେ ନ ଆସିଲା। ମୋଫସଲରେ ବୁଆ ବେହୁଡାଂ ସକାଶେ ଜଳର ଭାରି ଦରକାର ଏଣେ ଏ ମାସରେ ଅଳ୍ପବୃଷ୍ଟି ହେବ ବୋଲି ପାଞ୍ଜିରେ ଲେଖାଥିବାରୁ ଅଧିକ ଭୟର କାରଣ ହୋଇଅଛି। ଶୀଘ୍ର ପ୍ରଚୁର ବୃଷ୍ଟି ନ ହେଲେ କୃଷିକାର୍ଯ୍ୟର ଅନେକ ହାନି ହେବ। ଯୋବରାବନ୍ଧ ଭାଙ୍ଗିଯିବାରୁ ହାଇଲେବଲ କେନାଲରେ ନିତାନ୍ତ ଅଳ୍ପ ପାଣି ଅଛି ସେ ଅଞ୍ଚଳର କୃଷିକାରମାନେ ନାଲଜଳ ସୁଦ୍ଧା ଏ ସମୟରେ ପାଉ ନାହାନ୍ତି। ସେମାନଙ୍କର ଅତ୍ୟନ୍ତ ଅସୁବିଧା ହୋଇଅଛି।

---

ଗତ ମେଜର ଜେନରଲ ଡାଲଟନ ସାହେବ ପୂର୍ବକାଳ ଛୋଟନାଗପୁରରେ ସୁଖ୍ୟାତି ସହିତ କାର୍ଯ୍ୟ କରିଥିବାରୁ ସେଠା ଲୋକମାନେ ତାହାଙ୍କ ନାମ ଚିରସ୍ମରଣୀୟ କରିବା କାରଣ ହେବାହାର ଟ ୧୫୦୭୫ ସଂଗ୍ରହ କରି ଉକ୍ତ ଟଙ୍କା ଏହି ନିୟମରେ ଗବର୍ଣ୍ଣମେଣ୍ଟଙ୍କୁ ଅର୍ପଣ କରିଅଛନ୍ତି ଯେ ତାହା ସରକାରୀ କାଗଜରେ ଜମା ହେବ ଓ ତହିଁର ବାର୍ଷିକ ସୁଧରୁ ମାସକୁ ଟଙ୍କା ଲେଖାଏଁ ଗୋଟିଏ ବୃତ୍ତି ଛୋଟନାଗପୁରର ଆଦିମନିବାସୀ ମଧ୍ୟରୁ ଯେଉଁ ଛାତ୍ର ପ୍ରବେଶିକା ପରୀକ୍ଷାରେ ଅଧିକ ନମ୍ବର ପାଇବ ତାହାକୁ ସରକାରୀ ବୃତ୍ତି ସହିତ ହେଉ ଅଥବା ନ ହେଉ ପାଟନା କଲେଜରେ ପଢିବା ନିମିତ୍ତ ଦିଆଯିବ। ଗବର୍ଣ୍ଣମେଣ୍ଟ ଏହି ଦାନ ଗ୍ରହଣ ପୂର୍ବକ ଚେନ୍ଦା ସଂଗ୍ରହ କରିଥିବା କମିଟୀକି ଧନ୍ୟବାଦ ଦେଇଅଛନ୍ତି।

---

ବୋମ୍ବାଇ ହାଇକୋର୍ଟରେ ପିତାପୁତ୍ରଙ୍କର ଏକ ମୋକଦ୍ଦମା ଚଳୁଅଛି। ପୁତ୍ର ପିତାଠାରୁ ପୂର୍ବରୁ ପୃଥକ୍ ଥାଇ ବର୍ତ୍ତମାନ୍ ପୈତୃକବିଷୟର ଅଂଶ ପାଇବାପାଇଁ ଏହି କାରଣରେ ନାଲିସ କରିଅଛି ଯେ ପିତା ପୈତୃକ ଧନଦ୍ୱାରା ବର୍ତ୍ତମାନ ଧନସମ୍ପତ୍ତି ଉପାର୍ଜ୍ଜନ କରିଅଛନ୍ତି ଅତଏବ ତହିଁର ହିସାବ ଓ ସମାନଅଂଶ ଦେବାକୁ ବାଧ୍ୟ। ପିତା ଉତ୍ତର ଦେଇଅଛନ୍ତି ଯେ ପୈତୃକସମ୍ପତ୍ତି ସେ କିଛି ପାଇ ନାହାନ୍ତି ସମସ୍ତବିଷୟ ତାଙ୍କ ସ୍ୱୋପାର୍ଜ୍ଜିତ ତାଙ୍କ ପୁତ୍ର ଅସଦାଶୟ ଓ ଅମିତବ୍ୟୟୀ ଏଣୁ କରି ତାଙ୍କସହିତ ବିବାଦ। ମୋକଦ୍ଦମାର ବିଚାର ବର୍ତ୍ତମାନ ହୋଇ ନାହିଁ। ମୀମାଂସା ଜାଣିବାପାଇଁ ସମସ୍ତେ ଉତ୍ସୁକ ଅଛନ୍ତି। ଜ୍ଞାନ ଓ ସଭ୍ୟତାବୃଦ୍ଧି ସଙ୍ଗେ୨ ପିତାପୁତ୍ର, ସ୍ତ୍ରୀପୁରୁଷ, ଭାଇଭଉଣୀର ବିବାଦ ଅନେକ ଶୁଣାଯାଉଅଛି ଏବଂ ବୋମ୍ବାଇରେ ଏହିପରି ନା୨ ପ୍ରକାରର ମୋକଦ୍ଦମା ବାହାରୁଅଛି। ଓଡିଶାରେ ମିତାକ୍ଷରା ବ୍ୟବସ୍ଥା ପ୍ରଚଳିତ। ଉପସ୍ଥିତ ମୋକଦ୍ଦମାର ଫଳ ଦେଖି ଏଠାଲୋକେ ମାଡିଉଠିବେ ପରା।

---

ପାର୍ଲିମେଣ୍ଟର ସଭ୍ୟ ନିର୍ବାଚନ କାର୍ଯ୍ୟ ପ୍ରାୟ ଶେଷ ହୋଇ ଆସିଲା। ଜ ୬୨୭ ଣ ସଭ୍ୟ ନିର୍ବାଚିତ ହୋଇଅଛନ୍ତି ଆଉ ଜ ୪୩ ଣ ବାକି ଗଲେ ସଭ୍ୟ ସଂଖ୍ୟା ପୂର୍ଣ୍ଣ ହେବ। ଯେଉଁମାନେ ସଭ୍ୟ ହୋଇଅଛନ୍ତି ସେମାନଙ୍କ ମଧ୍ୟରେ ରକ୍ଷଣଶୀଳ ଜ ୨୬୫ ଣ, ଉଦାରଶୀଳ ମଧ୍ୟରେ ଗ୍ଲାଡଷ୍ଟୋନ ସାହେବଙ୍କ ଦଳ ଜ ୧୩୫ ଣ ଏବଂ ନୂତନଦଳ ଜ ୬୫ ଣ ଗାଏ ଜ ୧୯୦ ଓ ପାର୍ନେଲ ସାହେବଙ୍କ ଦଳ ଜ ୭୨ ଣ। ସୁତରାଂ ଉଦାର ଓ ପାର୍ନେଲଙ୍କ ଦଳ ଉଭୟ ମିଶି ରକ୍ଷଣଶୀଳଙ୍କଠାରୁ ଊଣା। ଅବଶିଷ୍ଟ ସଭ୍ୟ ଅଜ୍ଞାତ ସବୁଦଳରୁ ଗୃହୀତ ହେବେ। ସୁତରାଂ ରକ୍ଷଣଶୀଳଙ୍କ ସଙ୍ଗେ ନୂତନ ଦଳ ମିଶିଲେ ଗ୍ଲାଡଷ୍ଟୋନ ଏବଂ ପାର୍ନେଲ ସାହେବଙ୍କ ଦଳଭୁକ୍ତ ଲୋକଙ୍କଠାରୁ ସେମାନଙ୍କ ସଂଖ୍ୟା ଅଧିକ ହେବ ଏବଂ ଗ୍ଲାଡଷ୍ଟୋନ ସାହେବ ମନ୍ତ୍ରିତ୍ୱ ତ୍ୟାଗ କରିବା ଭିନ୍ନ କଦାଚ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ଏହିପରି ରକ୍ଷଣଶୀଳଙ୍କ ଅଧିକାର ଏଥର ପ୍ରକାଶ ହେବାର ଯଥେଷ୍ଟ ସମ୍ଭାବନା ଅଛି। ମାତ୍ର ଯେରୂପଭାବରେ ନାନାଦଳରେ ସଭ୍ୟ ବାଣ୍ଟି ଯାଇଅଛନ୍ତି ଏବଂ ଆୟର୍ଲଣ୍ଡ ସମ୍ବନ୍ଧରେ ରକ୍ଷଣଶୀଳ ଦଳ ଯେପରି କଠୋର ପ୍ରଣାଳୀ ଅବଲମ୍ବନ କରିବେ ବୋଲି ପୂର୍ବରୁ ଆଭାସ ଦେଇଅଛନ୍ତି ତାହା ବିଚାର କଲେ ରକ୍ଷଣଶୀଳଙ୍କ କ୍ଷମତା ଅଧିକ ଦିନ ରହିବ ଏପରି ଅନୁମାନ ହେଉ ନାହିଁ। ଯାହା ହେଉ ଆମ୍ଭମାନଙ୍କର ଏହି ଦଳାଦଳି ଘଟଣରେ କିଛି ଆଶା ନାହିଁ। ଯେପରି ନିୟମରେ ଶାସିତ ହେଉଅଛୁଁ ସେହିପରି ପଡି ରହିଥିବୁଁ।

---

ବ୍ରହ୍ମଦେଶର ଅବସ୍ଥା ଭଲ ନୁହେ। ସମସ୍ତ ରାଜ୍ୟରେ ଅଶାନ୍ତି ଓ ଉପଦ୍ରବ ବଢୁଅଛି। ଲୋକମାନେ ଆପଣା ସ୍ୱାଧୀନତା ରକ୍ଷାନିମିତ୍ତ ଗୃହଅଡେ ମାତିଅଛନ୍ତି ଏବଂ ଇଂରାଜ ସେନାଙ୍କୁ ଯୁଦ୍ଧରେ ନ ପାରିଲେ ସୁଦ୍ଧା ଲଣ୍ଡଭଣ୍ଡ କରୁଅଛନ୍ତି। ଯେତେ ସୈନ୍ୟ ଓ ପୁଲିସ ସେ ରାଜ୍ୟକୁ ପ୍ରେରିତ ହୋଇଅଛନ୍ତି ତହିଁରେ ଦେଶରକ୍ଷା ହୋଇ ନ ପାରିବାରୁ ବର୍ତ୍ତମାନ ଆଉ ଭାରତର ପଲଟନ ସେନା କଲିକତା ଓ ମାନ୍ଦ୍ରାଜରୁ ଯାଉଅଛନ୍ତି। କେଣେ ଡକାଇତ ବୋଲି ଯାହାଙ୍କୁ ଇଂରାଜକର୍ମଚାରୀମାନେ ଧରି ରଖିଅଛନ୍ତି ସେମାନଙ୍କ ସଂଖ୍ୟା ଏତେ ଅଧିକ ହୋଇଅଛି ଯେ ଜେଲଖାନାମାନଙ୍କରେ ରହିବାର ସ୍ଥାନ ନାହିଁ। ଏବଂ ବିଚାରକରିବାକୁ ହାକିମର ଅଭାବ ହୋଇଅଛି। ସୁତରାଂ ପ୍ରଚଳିତ ଆଇନାନୁସାରେ ବିଚାରକଲେ ଶୀଘ୍ର କାର୍ଯ୍ୟ ସରିବ ନାହିଁ ବୋଲି କେବଳ ଉକ୍ତ ରାଜ୍ୟନିମିତ୍ତ ଗୋଟିଏ ସ୍ୱତନ୍ତ୍ର ବିଚାରର ଆଇନ ବଡଲାଟସାହେବଙ୍କ ବ୍ୟବସ୍ଥାପକସଭାରେ ଉପସ୍ଥିତ ହୋଇଅଛି। ଏ ଆଇନ ଜାରିହେଲେ ବୋଧ ହୁଏ ଫଲ୍ କୁପଲ୍ ଡକାଏତ ଦଣ୍ଡଆଜ୍ଞା ପାଇ ନାନାସ୍ଥାନକୁ ପଠାଯିବେ ମାଜିଷ୍ଟ୍ରେଟମାନଙ୍କ ଅଧିକ ପରିଶ୍ରମ ପଡିବ ନାହିଁ। ସେନାମାନେ ଡକାଏତ ଧରିବାପାଇଁ ଗ୍ରାମକୁସ୍ଥାନ

Digitized by srujanika@gmail.com

Split by PDF Splitter



ଯୋଗ ଦେଉଅଛନ୍ତି ଏବଂ ଯେଉଁମାନେ ଅସ୍ୱସ୍ଥ ହୋଇ ଅଛନ୍ତି ସେମାନଙ୍କୁ ସାମାନ୍ୟ ବସ୍ତ୍ରରେ ଦଣ୍ଡଦେବାର ବ୍ୟବସ୍ଥା ହେଉଅଛି । ଏ ସମସ୍ତ ଉପାୟରେ ଅଳ୍ପକାଳରେ ଦେଶ ଉନ୍ନତିଶୀଳ ଏବଂ ଇଂରାଜଙ୍କ ନ୍ୟାୟ ଓ ଧର୍ମର ଉଜ୍ଜ୍ୱଳ କୀର୍ତ୍ତି ରହିବ ।

---

ଗଞ୍ଜାମରୁ ଜଣେ ଓଡ଼ିଆ ପତ୍ରପ୍ରେରକ ଲେଖିଅଛନ୍ତି କି ଉକ୍ତ ଜିଲ୍ଲାରେ ପୂର୍ବେ ତିନିଜଣ ସ୍କୁଲଡେପୁଟୀ ଇନ୍‌ସ୍ପେକ୍ଟର ଥିଲେ କିନ୍ତୁ ପ୍ରାଥମିକ ପାଠଶାଳାସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧିହେତୁ ଆଉ ଜଣେ ଡେପୁଟୀ ଇନ୍‌ସ୍ପେକ୍ଟର ଆବଶ୍ୟକ ହୋଇଅଛି ଏବଂ ବାବୁ ଶଶିଭୂଷଣ ପାଲିତ ତହିଁରେ ନିଯୁକ୍ତ ହୋଇଅଛନ୍ତି । ଶଶିବାବୁଙ୍କର ଘର ବଙ୍ଗଳାରେ ହେଲେହେଁ ଅନେକଦିନ ହେଲା ଗଞ୍ଜାମ ଜିଲ୍ଲାରେ ବାସକରି ବ୍ରହ୍ମପୁର କଲେଜର ସହକାରୀ ଶିକ୍ଷକତା କାର୍ଯ୍ୟରେ ନିଯୁକ୍ତଥିଲେ ଏବଂ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ସନ ୧୮୮୪ ସାଲରେ ବି, ଏ, ପରୀକ୍ଷା ପାଶ କରିଅଛନ୍ତି, ଅତି ଶାନ୍ତ ଓ ସୁଶୀଳ ଲୋକ ଅଟନ୍ତି । ନୂତନ ପଦରେ କିପରି କାର୍ଯ୍ୟ କରିବେ ଜଣାଯାଇ ନାହିଁ ଏଥିମଧ୍ୟରେ କେବଳ ଏତିକି ଜନରବ ଉଠିଅଛି ଯେ ଗାଧୁ ପାଣ କରିବା ବିଷୟରେ ସେ ଅତି କଠିନ ଅଟନ୍ତି । ଅନ୍ୟ ତିନିଜଣ ଡେପୁଟୀଙ୍କ ମଧ୍ୟରୁ ଦୁଇଜଣ ଓଡ଼ିଆ ବା ବଙ୍ଗାଳୀ ଏବଂ ଅନ୍ୟ ଜଣେ ଦ୍ରାବିଡ ବ୍ରାହ୍ମଣ କୁଳରେ ଜନ୍ମ ମାତ୍ର ଓଡ଼ିଆ ଦେଶରେ ଅନେକ ଦିନରୁ ବାସ କରିଅଛନ୍ତି । ଯାହା ହେଉ ସ୍ଥାନୀୟ ଓଡ଼ିଆମାନେ ଅଧିକପରିମାଣରେ କାର୍ଯ୍ୟ ନ ପାଇବାରୁ ପତ୍ରପ୍ରେରକ ଦୁଃଖ ପ୍ରକାଶ କରି ଅଛନ୍ତି । ଗଞ୍ଜାମବାସୀଙ୍କର ଏ ଦୁଃଖ ଅକାରଣ ନୁହେ । ସ୍ଥାନୀୟ କର୍ତ୍ତୃପକ୍ଷଙ୍କର ସେମାନଙ୍କୁ ଉପଯୁକ୍ତ ପ୍ରସାଦ ଦେବା ନିତାନ୍ତ କର୍ତ୍ତବ୍ୟ କାରଣ ପ୍ରଥମେ ହାତଧରି ଟେକି ନ ଦେଲେ ଠିଆ ହେବା ଅତି କଠିନ । ଆଉ ଓଡ଼ିଆମାନଙ୍କର ମଧ୍ୟ କର୍ତ୍ତବ୍ୟ ଯେ ଉଚ୍ଚଶିକ୍ଷା ଲାଭ କରିବାକୁ ସମର୍ଥ ଓ ଯତ୍ନବାନ୍ ହୁଅନ୍ତୁ ତାହାହେଲେ ଉଚ୍ଚ କାର୍ଯ୍ୟ ଲଭିପାରିବେ ।

---

ଏ ନଗରବାସୀ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଏଠା ମିଉନିସିପାଲିଟି ସେମାନଙ୍କ ଅସୁବିଧା ଦୂରୀକରଣାର୍ଥ ବ୍ରତୀ ହୋଇଥିଲେହେଁ ସମସ୍ତବିଷୟରେ ସମଭାବରେ ଦୃଷ୍ଟି ପକାଇବାର ଜଣାଯାଉ ନାହିଁ । କଷ୍ଟା ପଡ଼ିଆରେ ଏବଂ ଇଂରାଜମାନଙ୍କ ଗଡ଼ବଧି ସ୍ଥାନରେ ଅଳ୍ପଅଳ୍ପରେ ଆଲୁଅ ଜଳୁଅଛି ପକ୍କାସଡ଼କରେ ଠିକ ପଡ଼ୁଅଛି ମାତ୍ର ଯେଉଁଠାରେ ଅନ୍ଧାରରେ ବାଟଚାଲିବା ବିପଦଜନକ ଏବଂ କାଦୁଅରେ ଗୋଡ ବୁଡ଼ିଯାଉଅଛି ସେଠାରେ କିଛି ବନ୍ଦୋବସ୍ତ ନାହିଁ । ଉଦାହରଣ ସ୍ୱରୂପ ତେଲିଙ୍ଗାବଜାର ଓ ମାନସିଂହପାଟଣା କଥା ଲେଖାଅଛି ଏବଂ ପ୍ରଧାନ ସଡ଼କ ଛଡ଼ା ଅନ୍ୟ ସ୍ଥାନମାନ ନିୟମିତ ସମୟରେ ପରିଷ୍କାର ନ ହେବାର ମଧ୍ୟ କଥିତ ହୋଇଅଛି । ଏଥିକୁ ଆମ୍ଭେମାନେ କହୁଅଛୁଁ ଯେ ପତ୍ରପ୍ରେରକ ମିଉନିସିପାଲିଟିପ୍ରତି କିଛି କଠିନଭାବରେ କଟୂର କରିଅଛନ୍ତି । ନଗରର ପ୍ରୟୋଜନ ଅନେକ କିନ୍ତୁ ଆୟ ସେପରି ନୁହଇ । କମିଶ୍ନରମାନେ ଆୟକୁ ଗୃହିଁ ସିନା ଖର୍ଚ୍ଚ କରିବେ ସୁତରାଂ ପ୍ରଧାନ ସ୍ଥାନମାନ ଆଗେ ଓ ଅପ୍ରଧାନସ୍ଥାନମାନ ପଛେ ସେମାନଙ୍କ ମନୋଯୋଗ ଆକର୍ଷଣ କରିବ । ଏବର୍ଷ କଟକ ପକ୍କାସଡ଼କ ଏବଂ ନାଳମାନ ଯେମନ୍ତ ଠିକସମୟରେ ମରାମତ ଓ ପରିଷ୍କାର ହୋଇଅଛି । ଅନେକବର୍ଷ ହେଲା ତେମନ୍ତ ଦେଖା ନ ଥିଲା । ଏଥିପାଇଁ ମିଉନିସିପାଲିଟିକି ଧନ୍ୟବାଦ ଦେବାକୁ ହେବ । ପ୍ରତ୍ୟେକ ୱାର୍ଡର କମିଶ୍ନରମାନେ ଆପଣା ଏଲକାର କାର୍ଯ୍ୟ ଦେଖୁଅଛନ୍ତି ପତ୍ରପ୍ରେରକ ଆପଣା ଅସୁବିଧାକଥା ଆପଣାଏଲକାର କମିଶ୍ନରଙ୍କୁ ଜଣାଇଲେ ସେ ଅବଶ୍ୟ ତହିଁର ପ୍ରତିକାର କରିବେ । ସମସ୍ତ ନଗରବାସିଙ୍କର କର୍ତ୍ତବ୍ୟ ଯେ ଆପଣା ଅଞ୍ଚଳର ସାଧାରଣ ଅସୁବିଧା କଥା ଆପଣା ଏଲକାର କମିଶ୍ନର ଅଥବା ମିଉନିସିପାଲିଟିର ଚେଅରମାନଙ୍କୁ ଜଣାଇବେ ଏବଂ ସେମାନେ ସାଧ୍ୟମତେ ଅବଶ୍ୟ ତହିଁର ବିହିତ ବନ୍ଦୋବସ୍ତ କରିବେ ।

---

ମହାରାଜା ଦଲୀପସିଂହ ଏଡ଼େନରୁ ବିଲାତକୁ ଫେରିଯିବା ସମୟରେ ଟାଇମସ ଅବ ଇଣ୍ଡିଆନାମକ ସମ୍ବାଦପତ୍ରରେ ଖଣ୍ଡିଏ ପତ୍ର ପ୍ରକାଶ କରିଥିଲେ । ସେ ପତ୍ରରେ ଲେଖାଅଛି କି ଯେତେବେଳେ ସେ ଏଡ଼େନରେ ଥିଲେ ଇଂରାଜ ଗବର୍ଣ୍ଣମେଣ୍ଟ ତାହାଙ୍କୁ କହିଥିଲେ କି ସେ ଯେବେ ଭାରତବର୍ଷକୁ ଫେରି ଆସିବାର ଆଶା ଏକାବେଳକେ ତ୍ୟାଗ କରିବେ ଗବର୍ଣ୍ଣମେଣ୍ଟ ତାହାଙ୍କୁ ବାର୍ଷିକ ୫ଲକ୍ଷଟଙ୍କା ଲେଖାଏଁ ଖର୍ଚ୍ଚ ଦେବାକୁ ଅଙ୍ଗୀକାର କରିବେ । ତହିଁରେ ସେ ଉତ୍ତରକଲେ ଯେ ଅମ୍ଭେ କିଛି ଖର୍ଚ୍ଚ ମାଗୁ ନାହୁଁ ଅମ୍ଭର ନିଜର ସମ୍ପତ୍ତି ଯାହା ଅଛି ତାହା ଅମ୍ଭକୁ ଫେରିଦିଅ ଯେବେ ତାହା ନ ଦେବ ତେବେ ତୁମ୍ଭଠାରୁ ଖର୍ଚ୍ଚା ନେବାଅପେକ୍ଷା ଭାରତବର୍ଷର ପ୍ରଧାନ ରାଜାଙ୍କଠାରୁ ଭିକ୍ଷା ନେଇ ଜୀବନ ଧାରଣକରିବା ଭଲ । ଉକ୍ତ ପତ୍ରରେ ମହାରାଜା ଆହୁରି ଲେଖିଅଛନ୍ତି କି ଭାରତବର୍ଷର ରାଜାମାନଙ୍କଠାରୁ ଭରଣପୋଷଣ ପାଇବା ପ୍ରାର୍ଥନାକଲେ ଯେବେ ଗବର୍ଣ୍ଣମେଣ୍ଟ ତହିଁରେ ବାଧା ଦେବେ ତେବେ ସେ ଇଂରାଜଙ୍କର ଭରସା ଛାଡ଼ି ଇଉରୋପୀୟ ରାଜାମାନଙ୍କର ସାହାଯ୍ୟ ଗ୍ରହଣକରିବାର ଯତ୍ନ କରିବେ । ଇଂଲଣ୍ଡରେ ତାହାଙ୍କର ଶରୀର ଓ ମନ ଭଲ ରହିବ ନାହିଁ । ଜର୍ମାନୀ ଦେଶରେ ବାସ କଲେ ସେଠା ଜଳବାୟୁଯୋଗେ ଭଲ ରହିବ ବୋଲି ବିବେଚନା କରୁଅଛନ୍ତି । ମହାରାଜା ଅତ୍ୟନ୍ତ ମନୋଦୁଃଖରେ ଏକଥା ଲେଖିଅଛନ୍ତି ଏବଂ ତାହାଙ୍କର ପୂର୍ବାପର ଅବସ୍ଥା ବିଚାରକଲେ ସେ ସାଧାରଣ ସହାନୁଭୂତିର ପାତ୍ର ହୋଇଅଛନ୍ତି ସନ୍ଦେହ ନାହିଁ । ସେ ରାଜ୍ୟ ଲୋଡ଼ୁନାହାନ୍ତି କି ଇଂରାଜଙ୍କ ପ୍ରତି ଭକ୍ତି ପ୍ରକାଶ କରୁନାହାନ୍ତି । ସେ କେବଳ ଏତିକି ପ୍ରାର୍ଥନା କରୁଅଛନ୍ତି କି ରାଜ୍ୟଛଡ଼ା ତାହାଙ୍କର ପୈତୃକସମ୍ପତ୍ତି ଯାହାଥିଲା ଏବଂ ତାହାଙ୍କ ନାବାଳଗ ଅବସ୍ଥାରେ ଇଂରାଜ ଗବର୍ଣ୍ଣମେଣ୍ଟ ତାହାଙ୍କର ମହାଜିମ୍ମା ଥାଇ ଯାହା କାଢ଼ି ନେଇଅଛନ୍ତି ତେତିକ ତାହାଙ୍କୁ ଫେରାଇଦେଲେ ସେ ଆପଣା ଜନ୍ମଭୂମିରେ ନିଶ୍ଚିନ୍ତହୋଇ ରହିବେ । ଆପଣା ଭରଣପୋଷଣ ବା ମର୍ଯ୍ୟାଦା ରକ୍ଷାନିମିତ୍ତ ଆଉ ଗବର୍ଣ୍ଣମେଣ୍ଟଙ୍କୁ ବିରକ୍ତ କରିବେ ନାହିଁ । ଇଂରାଜ ତାହାଙ୍କ ଏଥିରେ ସମ୍ମତ ହେଉ ନାହାନ୍ତି ବୁଝିବାର କଠିନ । ଜଣେ ରାଜପୁତ୍ରଯୋଗେ ଇଂରାଜ ରାଜ୍ୟର କ୍ଷତି ହେବେ ନାହିଁ କିନ୍ତୁ ତାଙ୍କପ୍ରତି ନ୍ୟାୟ ଓ ଦୟା ବ୍ୟବହାର କଲେ ଲକ୍ଷ ଲୋକଙ୍କର ମନ କିଣିନେବେ ଏବଂ ତଦ୍ୱାରା ରାଜତ୍ୱର ମୂଳଭୂମି ଆହୁରି ଟାଣହେବ ।

---

ବଙ୍ଗ ରଙ୍ଗଭୂମି ।

ଏହି ଉନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟଜ୍ଞାନ ଓ ସଭ୍ୟତା ପ୍ରଭାବରେ ଯେତେବେଳେ ଅର୍ଯ୍ୟବଂଶସମ୍ଭୂତ ହିନ୍ଦୁମାନେ ହିନ୍ଦୁଧର୍ମପ୍ରତି

Digitized by srujanika@gmail.com

Split by PDF Splitter



ଅଣ୍ଡୋବା ପ୍ରଦର୍ଶକଙ୍କର ଆପଣାର ଜୀବନ ନଷ୍ଟ କରୁଅଛନ୍ତି ସେତେବେଳେ ଦେଶରେ ହିନ୍ଦୁଧର୍ମର ଅନ୍ଦୋଳନ ହେବାର ଦେଖିଲେ କେଉଁ ହିନ୍ଦୁମନରେ ଅପୂର୍ବଆନନ୍ଦ ଜାତ ନ ହେବ ପଣ୍ଡିତବର ଶଶଧର ତର୍କଚୂଡ଼ାମଣି ପ୍ରକାଶ୍ୟଭାବରେ ବଙ୍ଗଳାର ନାନାସ୍ଥାନରେ ସଭା କରି ହିନ୍ଦୁଧର୍ମର ବ୍ୟାଖ୍ୟା କରିବାସମୟରୁ ନବ୍ୟଦଳରେ ଧର୍ମଜୀବନ ସ୍ରୋତ ସଞ୍ଚାରିତ ହୋଇଅଛି ଏବଂ ସେହିସମୟରୁ ବଙ୍ଗଳାର ନାନାସ୍ଥାନ ଏବଂ ବିଶେଷତ କଲିକତାରେ ହିନ୍ଦୁଧର୍ମର ସମର୍ଥକଚର୍ଚ୍ଚା ଲାଗିଅଛି । ନବଜୀବନ ଏବଂ ପ୍ରଚାରପ୍ରଭୃତି ମାସିକ ପତ୍ରିକାମାନ ସେହି ଆନ୍ଦୋଳନର ଫଳ ବୋଲି କୁହାଯିବ ଏବଂ ମାସକୁମାସ ଏହି ପତ୍ରିକାମାନଙ୍କରେ ହିନ୍ଦୁଧର୍ମ ସମ୍ବନ୍ଧୀୟ ନାନାପ୍ରକାର ପ୍ରବନ୍ଧ ପ୍ରକାଶିତହୋଇ ଅନେକ ଅବିଶ୍ୱାସିଙ୍କର ଚକ୍ଷୁ ଉନ୍ମୀଳନ କରୁଅଛି । ମଧ୍ୟ ନାନାସ୍ଥାନରେ ହିନ୍ଦୁଧର୍ମ ସମ୍ବନ୍ଧୀୟ ସଭାମାନ ପ୍ରତିଷ୍ଠିତ ହୋଇ ତହିଁରେ ନିୟମିତରୂପେ ହିନ୍ଦୁ ଧର୍ମଶାସ୍ତ୍ରର ବ୍ୟାଖ୍ୟା ହେଉଅଛି । ଏହି ଆନ୍ଦୋଳନ କେବଳ ମାସିକପତ୍ରିକା ବା ସମ୍ବାଦପତ୍ରିକା ଅଥବା ସଭାମାନଙ୍କରେ ଆବଦ୍ଧ ନ ଥାଇ କଲିକତାର ରଙ୍ଗଭୂମିମାନଙ୍କରେ ସୁଦ୍ଧା ପ୍ରବେଶଲାଭ କରିଅଛି ଏବଂ ସେଠା 'ଷ୍ଟାରଥିଏଟର' ନାମକ ପ୍ରଧାନ ରଙ୍ଗଭୂମିରେ ଏହି ଧର୍ମସମ୍ବନ୍ଧୀୟ ନାନାପ୍ରକାର ନୂତନ ନାଟକମାନ ଅଭିନୀତହୋଇ ଅସଂଖ୍ୟଦର୍ଶକ ବର୍ଗଙ୍କୁ ମୋହିତ କରୁଅଛି । ବାବୁ ଗିରିଶଚନ୍ଦ୍ର ଘୋଷ ଏହି ରଙ୍ଗଭୂମିର ମେନେଜର ଅଟନ୍ତି । ସେ କଲିକତାରେ ବର୍ତ୍ତମାନ ଜଣେ ପ୍ରଧାନ ନାଟକ ଲେଖକ ଏବଂ ନାଟ୍ୟକାର ବୋଲି ପରିଚିତ ଅଟନ୍ତି । ଅଳପଦିନତଳେ ଏ ମହାଶୟ 'ଚୈତନ୍ୟଲୀଳା' ନାମକ ଗୋଟିଏ ନାଟକ ରଚନା କରି ଉକ୍ତ ରଙ୍ଗଭୂମିରେ ତହିଁର ଅଭିନୟ କରାଇ ସୁନାମ ଏବଂ ସଙ୍କୀର୍ତ୍ତନରେ ଅସଂଖ୍ୟ ଲୋକଙ୍କୁ ତୃପ୍ତ ଏବଂ ମୋହିତ କରିଥିଲେ ବର୍ତ୍ତମାନ 'ବିଲ୍ୱମଙ୍ଗଳ' ନାମକ ଆଉଗୋଟିଏ ଧର୍ମସମ୍ବନ୍ଧୀୟ ନାଟକ ରଚନା ଓ ତହିଁର ଅଭିନୟ କରାଇ ଅଭୂତପୂର୍ବରୂପରେ ଦର୍ଶକମାନଙ୍କୁ ମୋହିତକରି ହିନ୍ଦୁଧର୍ମଆଡ଼କୁ ଚିତ୍ତାକର୍ଷଣ କରୁଅଛନ୍ତି । ପାଠକମାନଙ୍କ ଅବଗତିନିମିତ୍ତ ଆମ୍ଭେମାନେ ଉକ୍ତ ନାଟକର ସ୍ଥୂଳମର୍ମ ଏହିଠାରେ ପ୍ରକାଶିତ କରୁଅଛୁଁ । ବିଲ୍ୱମଙ୍ଗଳନାମକେ ଜଣେ ଧନୀ ଏବଂ ଲମ୍ପଟସ୍ୱଭାବସମ୍ପନ୍ନ ବାଳକ ଚିନ୍ତାମଣିନାମ୍ନୀ ଏକ ବେଶ୍ୟାର ପ୍ରଣୟରେ ନିତାନ୍ତ ଆସକ୍ତ ଥିଲା । ଦିନକରେ ଚିନ୍ତାମଣି ନିକଟକୁ ଯିବାକାରଣ ଏତେଦୂର ବ୍ୟସ୍ତ ହୋଇଥିଲା ଯେ ନଦୀ ବୃଦ୍ଧି ହୋଇଥାଲେହେଁ ଗୋଟିଏ ଶବକୁ କାଠ ଭ୍ରମରେ ଆଶ୍ରୟକରି ନଦୀ ପାରହେବାକୁ ସ୍ଥିର ହୋଇଥିଲା ମଧ୍ୟ ଗୋଟିଏ ସର୍ପକୁ ରଜ୍ଜୁଭ୍ରମରେ ଧରି ଚିନ୍ତାମଣିର ପାଚେରିକି ଡେଇଁପଡ଼ିଥିଲା, ଚିନ୍ତାମଣି ଏସମସ୍ତ ଜାଣିପାରି ସୁଦ୍ଧା ଯେଉଁଲୋକ ତାହାନିମନ୍ତେ କୌଣସିବାଧା ବିଘ୍ନ ନ ମାନି ଜୀବନ ଉତ୍ସର୍ଗ କରୁଅଛି ତାହାକୁ ଗାଳିଦେବା ଏବଂ ତାହାପ୍ରତି ଅନ୍ୟାୟ ବ୍ୟବହାର କରିବାରୁ କ୍ଷାନ୍ତ ହେଲା ନାହିଁ ମଧ୍ୟ ଏମନ୍ତ କହିଲା ଯେ ସେ ଚିନ୍ତାମଣିକି ଯେତେ ଭକ୍ତିକରେ ତେତେଭକ୍ତି ଈଶ୍ୱରଙ୍କଠାରେ କରୁଥିଲେ ଈଶ୍ୱରଙ୍କର କୃପା ସେ କେତେ ସହଜରେ ପାଇପାରୁଥାନ୍ତା । ବିଲ୍ୱମଙ୍ଗଳ ଏଥିରେ ଅପଣାକୁ ଧିକ୍କାରକରି ତତ୍କାଳନିମିତ୍ତ ଚିନ୍ତାମଣି ନିକଟରୁ ବିଦାୟଗ୍ରହଣ ପୂର୍ବକ ସନ୍ୟାସିର ଜୀବନ ଅଶ୍ରୟକଲା । ସନ୍ୟାସ ଜୀବନ ଅଶ୍ରୟକରି ସୁଦ୍ଧା କେତେ ଅନ୍ୟଏକ ସୁନ୍ଦରୀ ସ୍ତ୍ରୀଠାରେ ମୋହିତ ହେବାରୁ ଅପଣାର ଚକ୍ଷୁଦ୍ୱୟ ଫୋଡ଼ିଦେଇ ସମସ୍ତପ୍ରକାର ପ୍ରଲୋଭନ ନଷ୍ଟକରିବା ବାସନାରେ ପୃଥିବୀରେ ବିଚରଣ କଲା । କେତେଦିନ ତପସ୍ୟା ଏବଂ ପୂଜା କଲା ପରେ ଶ୍ରୀକୃଷ୍ଣ ତାହାଠାରେ ପ୍ରୀତ ହୋଇ ଗୋଟିଏ ରଖୁଆଳ ପିଲାରୂପରେ ତାହାର ହାତ ଧରି ବୃନ୍ଦାବନକୁ ନେଇଯାଇ ସେଠାରେ ନିଜରୂପ ପ୍ରଦର୍ଶନ ଦେଲେ । ବିଲ୍ୱମଙ୍ଗଳ ଅପଣାର ଚକ୍ଷୁ ପୁନଃ ପ୍ରାପ୍ତହୋଇ ଶ୍ରୀକୃଷ୍ଣଙ୍କର ନିଜମୂର୍ତ୍ତି ଦର୍ଶନରେ ତାହାର ଅକ୍ଷି ଝାଇଁଝାଇଁ ହୋଇଗଲା ଏବଂ ସେ ମୁକ୍ତିଲାଭ କଲା । ଏ ନାଟକର ଅଭିନୟ ଅତିସୁନ୍ଦର ଏବଂ ନିପୁଣଭାବରେ ଅଭିନେତାମାନେ କରିବାକୁ ସମର୍ଥ ହୋଇଥିବାରୁ ଏବଂ ଦର୍ଶକବୃନ୍ଦମାନେ ତହିଁରେ ଅତ୍ୟନ୍ତମୁଗ୍ଧ ହୋଇଥିବାର କଥିତ ହୁଅଇ । ଏରୂପ ନାଟକାଭିନୟଦ୍ୱାରା ଏକପକ୍ଷରେ ରଙ୍ଗଭୂମିର ଯେରୂପ ମହତ୍ତ୍ୱବୃଦ୍ଧି ହୁଅଇ ଅନ୍ୟପକ୍ଷରେ ଲୋକଙ୍କର ମଧ୍ୟ ସେହିରୂପ ଉତ୍ତମ ଶିକ୍ଷା ଲବ୍ଧହୁଏ । ପୁଣି ଅଜକାଲି ଯେରୂପ ସମୟ ପଡ଼ିଅଛି ତହିଁରେ ଏରୂପ ନାଟକାଭିନୟ ଯେ ସମ୍ପୂର୍ଣ୍ଣ ସମୟୋଚିତ ଏଥିରେ ସନ୍ଦେହ ନାହିଁ । ନାଟକାଭିନୟ ଅପୂର୍ବ ପଦାର୍ଥ ଅଟଇ ଏବଂ ତହିଁରେ ଯେତେଶୀଘ୍ର ଲୋକ ଶିକ୍ଷା ସମ୍ପାଦିତ ହୁଅଇ ଅନ୍ୟକୌଣସି ରୂପରେ ତାହା ହୋଇ ନ ପାରେ । ମାତ୍ର ଅମ୍ଭମାନଙ୍କର କପାଳ ଗୁଣକୁ ଏଦେଶରେ ତହିଁର ଆଦର ବୁଝିବାକୁ ଲୋକ ନାହାନ୍ତି । ତାହା ହୋଇଥିଲେ ଅମ୍ଭେମାନେ ଏରୂପ ନାଟକାଭିନୟ ଦେଖିବାକୁ ଅସମର୍ଥ ନୋହିଥାନ୍ତୁ । ଆମ୍ଭ ଏ ଦେଶରେ ଯେତେ ଧନୀଲୋକେ ଅଛନ୍ତି ସେମାନେ ଥରେ ଯେବେ ଇଚ୍ଛା କରନ୍ତେ ଅତିଅଳ୍ପ ବ୍ୟୟରେ ଏବଂ ଅଳ୍ପକାଳ ମଧ୍ୟରେ ଅମ୍ଭେମାନେ ଏଠାରେ କଲିକତା ପ୍ରକାର ରଙ୍ଗଭୂମି ଓ ଅଭିନୟ ଗୃହ ଗଢ଼ିବାକୁ ସମର୍ଥହୁଅନ୍ତୁ । ମାତ୍ର ସେ ଆଶା ଫଳବତୀ ହେବାର ଦେଖିବାକୁ ଓଡ଼ିଶାକୁ ଅଦ୍ୟାପି ଅନେକ କାଳ ଅପେକ୍ଷା କରି ରହିବାକୁ ହେବ ।

---

ଭଗୀରଥକୀର୍ତ୍ତିକଳାପ ନାମରେ ଖଣ୍ଡିଏ ପୁସ୍ତକ ବାବୁ ଗୋବିନ୍ଦଚନ୍ଦ୍ର ମହାପାତ୍ର ପ୍ରକାଶ କରିଅଛନ୍ତି ଏବଂ ଅମ୍ଭେମାନେ ତହିଁରୁ ଏକଖଣ୍ଡ ଉପହାର ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଢେଙ୍କାନାଳର ସ୍ୱର୍ଗୀୟ ମୃତ ମହାରାଜା ଭଗୀରଥଙ୍କ ବିଷୟ କାହାରିକୁ ଅଗୋଚର ନାହିଁ ପାଣ୍ଡିତ୍ୟ ବଦାନ୍ୟତା ସାହସ ଏବଂ ରାଜ୍ୟର ଉନ୍ନତି ସାଧନରେ ଏ ମହାତ୍ମା ଓଡ଼ିଶା ରାଜାଙ୍କ ମଧ୍ୟରେ ଅଗ୍ରଗଣ୍ୟ ହୋଇ ସର୍ବ ପ୍ରଥମେ ମହାରାଜାପଦ ପାଇଥିଲେ । ଏହାଙ୍କ କୀର୍ତ୍ତିବର୍ଣ୍ଣନା କରିବା ଅତି ପ୍ରଶଂସନୀୟ କାର୍ଯ୍ୟ ସନ୍ଦେହ ନାହିଁ ପୁଣି ଗୋବିନ୍ଦବାବୁ ଏହି ସଙ୍ଗେ ଢେଙ୍କାନାଳର ସଂକ୍ଷିପ୍ତ ଇତିହାସ ଏବଂ ବର୍ତ୍ତମାନ ନାବାଳଗ ରାଜାଙ୍କର ଅକାଳମୃତ୍ୟୁଜନିତ ସାଧାରଣ ଶୋକସନ୍ତାପ ଏବଂ ନୈରାଶ୍ୟର କଥା ଯୋଗ କରିଦେଇ ଅଛନ୍ତି । ଏ ପୁସ୍ତକ ଉତ୍ତମ ଗଦ୍ୟ-ଛନ୍ଦରେ ରଚିତ ହୋଇଅଛି ଏବଂ ଏଥିର ରଚନା ଯେମନ୍ତ ସରଳ ତେମନ୍ତ ମଧୁର ଅଟଇ । ଓଡ଼ିଶାବାସିମାନେ ଏହାକୁ ଥରେ ପାଠ କରି ଗ୍ରନ୍ଥକାରଙ୍କ ସାଧୁଇଚ୍ଛାର ସମୁଚିତ ଆଦର କରିବେ ଅମ୍ଭେମାନେ ଏଭଳି ମନାସୁଅଛୁଁ ।

---

## ସାପ୍ତାହିକ ସଂବାଦ ।

ଡାକ୍ତର ହୋସେବ ସାହେବ ଗତ ବୁଧବାର ତା ୧୪ ରିଖରେ କଟକ ଜେଲର ସର୍ଜନ ଡାକ୍ତର ହିବାର୍ଡସାହେବଙ୍କ [illegible] ହେଲେ ।

Digitized by srujanika@gmail.com

ଗତ ତା ୧୬ ରିଖଠାରୁ ଏ ନଗର ସଦର ଡାକଘରର ଡାକ ଅପରାହ୍ଣ ୫ ଘ, ଓ ଗ୍ରାଣ୍ଡଟ୍ରଙ୍କ ଡାକ ୪ ଘ. ସମୟରେ ବନ୍ଦ ହେବ । ବନ୍ଦ ହେବାର ଅର୍ଦ୍ଧଘଣ୍ଟା ପୂର୍ବ ଚିଠିପତ୍ର ଡାକଘରେ ପହୁଞ୍ଚିଲେ ସେହିଦିନ ଡାକରେ ଯାଇ ପାରିବ । ଡାକଘରର ଅନ୍ୟାନ୍ୟ କାର୍ଯ୍ୟ ପ୍ରାତଃକାଳ ୭ ଘଣ୍ଟାଠାରୁ ୧୧ ଘଣ୍ଟା ପର୍ଯ୍ୟନ୍ତ ଓ ଅପରାହ୍ନ ୨ ଘଣ୍ଟାଠାରୁ ୪ ଘଣ୍ଟା ପର୍ଯ୍ୟନ୍ତ ହେବ । ଏହି ମର୍ମରେ ଏଠା ପୋଷ୍ଟମାଷ୍ଟର ବିଜ୍ଞାପନ ଦେଇଅଛନ୍ତି ।

ଛିନ୍ଦୱାରର ଡରେକ୍ଟର ଚପ୍ସ ସାହେବ ବିଲାତରୁ ପ୍ରତ୍ୟାଗମନ କରି ତାଙ୍କ କାର୍ଯ୍ୟର ଭାର ପୁନର୍ବାର ଗ୍ରହଣ କରିଅଛନ୍ତି ।

ବ୍ୟୟ ସଙ୍କୋଚ କମିଟୀର ଇଚ୍ଛା ଯେ ହାଇକୋର୍ଟର ଅବମ ଦସ୍ତୁର ଓ ସ୍ମଲ୍‌କଜ୍‌ ଅଦାଲତ ଉଠାଇ ଦିଅନ୍ତୁ ତତ୍ପରିବର୍ତ୍ତରେ ମୁନସିଫି ଓ ସବଡିଭିଜନ ଜଜ ଅଦାଲତମାନ କଲିକତାରେ ବସାଇଲେ କେମନ୍ତ ହେବ ଏ ବିଷୟରେ ଗ୍ରାଣ୍ଡ ଗଭର୍ଣ୍ଣମେଣ୍ଟର ଅଭିପ୍ରାୟ ଜାଣିବାପାଇଁ ପତ୍ର ଲେଖିଅଛନ୍ତି ।

ଶୁଣାଯାଉଅଛି ଯେ ଥିବଙ୍କୁ ପୁନଃ ରାଜ୍ୟ ପ୍ରଦାନ କରିବାପାଇଁ ବର୍ମାକୁ ଜଣେ କମିଶ୍ନର ଯିବ ।

କଲିକତା ପୋଲିସ ଅଦାଲତରେ ଏକ ନୂତନପ୍ରକାର ମୋକଦ୍ଦମାର ବିଷୟ ହେଉଥିବାର ସମ୍ବାଦପତ୍ରମାନଙ୍କରେ ପାଠ କରିଗଲା । ଫରିଆଦିର ନାମ ବାବୁ ମୁରଲୀମୋହନ ଦତ୍ତ । ତାଙ୍କର ଦାସୀ ନାମ୍ନୀ ଜନୈକ ଲାଲଚି ବେଶ୍ୟା ଓ ଅନ୍ୟ ଦୁଇଜଣଙ୍କ ନାମରେ ବାବୁଙ୍କ ଭାର୍ଯ୍ୟା ଚ୍ରେସିଲେକ୍ୟତା-ଧନୀବାଶୀଙ୍କୁ ଭୁଲାଇ ନେଇ ଯାଇଥିବା ମର୍ମରେ ନାଲିସ ହୋଇଅଛି ।—କାଲୋହି ଦୁରତିକ୍ରମଃ !

ଲକ୍ଷ୍ନୌର ସମ୍ବାଦଦାତା ଷ୍ଟେଟସମ୍ୟାନ୍‌କୁ ଲେଖିଅଛନ୍ତି ଯେ ସେଠାର ଜଣେ ହିନ୍ଦୁ ପଣ୍ଡିତ ଅଭକ୍ଷ ଶିକ୍ଷାର୍ଥେ ଇଂଲଣ୍ଡମଧ୍ୟରେ ବସତ ଯାତ୍ରା କରିବେ । ଏ ସମ୍ବାଦ ଅତୀବ ପ୍ରୀତିକର ଅଟଇ । ଜଣକେବଳ ପଣ୍ଡିତ ବିଲାତକୁ ଯାଇ ଫେରିଲେ ପାଶ୍ଚାତ୍ୟ ରୀତି ହୋଇ ଜାତହେବା ବ୍ୟବସ୍ଥା ପ୍ରଚଳିତ ହେବାର ସମ୍ଭବ ।

ବର୍ତ୍ତମାନ ପୁଣି ସମ୍ବାଦ ମିଳଇ ଯେ ଅସ୍ମମାନଙ୍କର ସ୍ୱଦେଶୀୟଙ୍କ ଦୁର୍ଭାଗ୍ୟବଶତଃ ଲାଇଟ୍ ଅଫ୍ କଲିଟ ଶ୍ରୀପଣା ଶ୍ରୀ ସମଭିବ୍ୟାହାରେ ଆଗାମୀ ସେପ୍ଟେମ୍ବରମାସ ତା ୨ ରିଖରେ ଭାରତ ଅଭିମୁଖେ ଯାତ୍ରା କରିବେ ।

ଲାଟ ସାହେବଙ୍କର ପ୍ରତିବର୍ଷ ପାର୍ବତୀୟ ପ୍ରଦେଶକୁ ସ୍ୱାସ୍ଥ୍ୟସାଧନ ନିମିତ୍ତ ଯିବା କଥା ବିଷୟ ଅଲୋଚନା କରିବା ମର୍ମରେ ଗତମାସ ତା ୧୪ ରିଖରେ କଲିକତା ଟାଉନହଲରେ ସଭା ହେବାର ବିଜ୍ଞାପନ ବାହାରି ଅଛି । କଥିତ ହୁଏ ଏ ସଭା ବଡ଼ ଲୋକମାନେ ଅନୁମତ କରି ଅଛନ୍ତି । ଦେଖାଯାଉ । ବର୍ତ୍ତମାନ ଯେତେବେଳେ ଗବର୍ଣ୍ଣମେଣ୍ଟଙ୍କ ଖର୍ଚ୍ଚର ଟଣାଟଣି ପଡ଼ିଅଛି ଏଥିର ଉଚିତ ହେଲେ ଏହିକାଳେ ସିରକାର କେତେଗୁଡ଼ିଏ ଟଙ୍କା ଫାଏଦା କରି ଦେଶର କେତେ ମହତ ଏବଂ ଉପକାର କାର୍ଯ୍ୟ ସାଧନ କରି ପାରିବେ ।

ରଙ୍ଗୁନଠାରୁ ଅସିଥିବା ଗତମାସ ତା ୨୮ ରିଖର ସମ୍ବାଦରୁ ପ୍ରକାଶ ଯେ ଇଂରେଜ ଓ ବର୍ମୀଙ୍କ ସୈନ୍ୟମାନଙ୍କ ମଧ୍ୟରେ ଯୁଦ୍ଧ ହୋଇ ଯାଇଅଛି । ବର୍ମୀମାନେ ହାରି ଗଲେ ସତ୍ୟ ମାତ୍ର ଇଂରେଜଙ୍କପକ୍ଷରୁ ଜ ୭ ଣ ହତ ଏବଂ ଜ ୨୩ ଣ ଆହତ ହୋଇଅଛନ୍ତି ମଧ୍ୟ ଦେଶଗୁଣ ନଦୀକୂଳ ବନାଞ୍ଚଳ ଓ ପର୍ବତମୟ ଥିବାରୁ ଇଂରେଜ ସୈନ୍ୟ ଶତ୍ରୁର ପଶ୍ଚାଦ୍‌ଗାମୀ ହୋଇ ପାରିଲେ ନାହିଁ ।

ବାଲେଶ୍ୱରରେ ଅନେକ ପିଲ୍ଲଙ୍କୁ ମିଳମିଳା ଓ ଜ୍ୱର ହେଉଅଛି ।

## କେନ୍ଦ୍ରାପଡ଼ା ସମ୍ବାଦ ।

ଏବର୍ଷ ଗୁଣ୍ଡିଚାଯାତ୍ରା ଏଠାରେ ବଡ଼ ନିର୍ବିଘ୍ନେ ହୋଇଥିଲା ପ୍ରାୟ ୫ ୧୦ ହଜାର ଯାତ୍ରୀ ହୋଇଥିଲେ ମେଳର କୌଣସି ଚିହ୍ନ ନ ଥିଲା । ଘାଟଘାଟ ପରିଷ୍କାର ଥିଲା—କେନ୍ଦ୍ରାପଡ଼ା ସହର ମଧ୍ୟରୁ ଇଚ୍ଛାପୁରକୁ ମିଉନିସିପାଲ୍‌ଟିର ଯେଉଁ ବାଟ ଅଛି ତାହା ଏବର୍ଷ ନୂଆ ମରାମତ ହୋଇଥିଲା ଏହା କେବଳ ହାଉନ କ୍ଲାର୍କ ବିମଳା ବାବୁଙ୍କ ଯତ୍ନ କହିବାକୁ ହେବ । ଏଥର ରଥ ଏକାବେଳକେ ଗୁଣ୍ଡିଚାମନ୍ଦିରକୁ ଯାଇପାରି ନାହିଁ କେବଳ ରଥଉପରେ ମୂର୍ତ୍ତିମାନ ବସିଥିଲେ ଭବିବାର ଦିନ ଏକାବେଳକେ ଗୁଣ୍ଡିଚାଘରେ ପ୍ରବେଶ । ଯାତ୍ରିମାନଙ୍କର କୌଣସି କଷ୍ଟ ବା ସ୍ୱାସ୍ଥ୍ୟହାନିର କୌଣସି କାର୍ଯ୍ୟ ଦେଖାଯାଇ ନାହିଁ । ବାହୁଡ଼ାଯାତ୍ରା ମଧ୍ୟ ନିର୍ବିଘ୍ନେ ସମ୍ପନ୍ନ ହୋଇ ଅଛି ଠାକୁର ଘରକୁ ଯାଇ ନାହାନ୍ତି ।

ଗତ କଲ୍ୟ ଯାକ ନାମକ ବୋଟ କେନ୍ଦ୍ରାପଡ଼ା ଲକପାଖ ହକ୍କୁ ଜଣେ ବଙ୍ଗାଳୀ ସ୍ତ୍ରୀ ଯାତ୍ରୀ ଲକମଧ୍ୟରେ ପଡ଼ି ମରି ଗଲା—ଏହା ମିଳିଅଛି । ଖବର ବିସ୍ତୃତ ହେବ ଦେଖାଯିବ ।

ଯାକ ବୋଟରେ ୩ ଟି ଯାତ୍ରୀ କଟକରୁ ଅସୁସ୍ଥ ମରିଯାଇଥିଲେ ସେମାନଙ୍କୁ ବୋଟଅଧ୍ୟକ୍ଷ ଅଲଘାଠାରେ ନଦୀରେ ପକାଇ ଦେଇ ଗଲେ ।

ବର୍ଷକୁ ବର୍ଷ ପାନ୍ଥଶାଳାର ଇଜାରଦାର ଓ ମାଝିମାନଙ୍କୁ ଏତେ ତାଗିଦ ହେଲେ ହେଁ ମୁଁ ପ୍ରତ୍ୟକ୍ଷ କରୁଅଛି ଯେ ଗତ ସୋମବାର ଦିନ ୨୧ ଏକ ଜଣ ମାଝି ୪୬ ଜଣ ଯାତ୍ରୀଙ୍କି ମଝି ନଈରେ ପାଣିକୁ ଠେଲି ଦେଲା । ପଇସା ଲୋଭରେ ମନୁଷ୍ୟ କେତେ ଦୁଷ୍କର୍ମ ନ କରି ପାରେ । ଏମାନଙ୍କଠାରୁ ପଇସାକ ଯାଗାରେ ଦୁଇପଇସା ନେଇ ପୁଣି ଏତେ ଦୌରାତ୍ମ୍ୟ—ଅସ୍ମ ବେକେତଳରେ ନୌକା ସଙ୍ଗେ ପୋଲିସ କନେଷ୍ଟବଲ ପହରା ଥିଲେ ଏ ଦୌରାତ୍ମ୍ୟର କେତେ ପରିମାଣେ ନିବାରଣ ହୁଅନ୍ତା ।

ଆଗତ ଏକମାସ ହେବ କେନ୍ଦ୍ରାପଡ଼ା ହାଇଇଂଲିସ ସ୍କୁଲର ୧ମ ୨ୟ ଓ ୩ୟ ଶ୍ରେଣୀର ଛାତ୍ରମାନେ ପ୍ରତ ଶନିବାର ମଧ୍ୟାହ୍ନ ୧ ଘଟିକାଠାରୁ ଅପରାହ୍ଣ ୪ ଘଟିକା ପର୍ଯ୍ୟନ୍ତ ଗୋଟିଏ ସଭା ବସାଇ ଅଛନ୍ତି । ବାବୁ କଳନ୍ଦୀହାସ ପାଣ୍ଡିତ ଯେତେବେଳେ ଏଠାରୁ ବଦଳି ନେଇ ଗଲେ ସେତେବେଳେ ଏହାର ପ୍ରସ୍ତାବ କରାଯାଇଥିଲେ ଏବଂ ପ୍ରଥମଶ୍ରେଣୀର ଛାତ୍ର ଉତ୍ସାହିଲ ସମସ୍ତଙ୍କୁ ମତାଇ ଏହା କାର୍ଯ୍ୟରେ ପରିଣତ କରିଅଛନ୍ତି । ସ୍ୱାଙ୍କ ଘର କେନ୍ଦ୍ରାପଡ଼ାରେ । ସଭା ନାମ ଇୟଂମେନ୍ସ ଏସୋସିଏସନ ସଭ୍ୟ ସଂଖ୍ୟା ୩୧ ଜଣ ଏଠାରେ ଲକୋରୀତ ସମକ୍ଷେପ୍ରବନ୍ଧମାନ ଉଚିତ ହୋଇ ପଠିତ, ଆଲୋଚିତ ଓ ମନ୍ତବ୍ୟ ପ୍ରକାଶିତ ହୋଇଥାଏ । ଯାହା ହେଉ ଏହା ଅବଶ୍ୟ କୃତଜ୍ଞତାର ବିଷୟ ଓ ମଙ୍ଗଳବାର୍ତ୍ତା କହିବାକୁ ହେବ । ଯେବେ ଏ ଯୁବକମାନଙ୍କର ଏହିପ୍ରକାର ଏକତା ଆଉ ସର୍ବଦା ସ୍ଥିରପ୍ରଜ୍ଞା ହୁଏ, ତେବେ ଏଥିରେ ଯେ ଭବିଷ୍ୟତରେ ନିଶ୍ଚୟ ଶୁଭଫଳ ଫଳିବ ଏଥିରେ ସନ୍ଦେହ ନାହିଁ ।

ଅସୁରେଶ୍ୱର ପ୍ରଗଣାରେ କଣିବାଙ୍କ ଗ୍ରାମରେ ଜଣେଲୋକ ଓସାଉଠା ରୋଗରେ ପୀଡ଼ିତ ଥାଇ ଜଳଶୂନ୍ୟ ଅବସ୍ଥାରେ ପାଣି ପିଉଥିଲା ଏମନ୍ତ ସମୟରେ ତାହାର ମୃତ୍ୟୁ-ବନ୍ଧୁ ତାହାକୁ ଦେଖି ଠାଟାରେ ମରିଗଲା ଅଥଚ ରୋଗୀ ଆରୋଗ୍ୟ ହୋଇଅଛି ।

ଭଉକୋଣରେ ଗ୍ରୀଷ୍ମର ଅବସ୍ଥା ଶୋଚନୀୟ ଯେ ସବୁ କ୍ଷେତ୍ର ବୁଣାହୋଇ ଥିଲା ସେ ସବୁଗଛ ଲୁଣୀ ମାରି ମରିବାର ଉପକ୍ରମ ହୋଇଅଛି ଯେବେ ବର୍ଷା ହୁଏ ତେବେ ଭଲ ନ ହେଲେ କୃଷିମାନଙ୍କର ବେଳ ଦୁର୍ଦ୍ଦଶା ।

ପଟ୍ଟାମୁଣ୍ଡାଇ ବଜାରରେ ମୋଟ ଚାଉଳ ସେ ୯ ରୁ ସରୁ ଚାଉଳ ସେ ୮ ରୁ । ପଟ୍ଟାମୁଣ୍ଡାଇରେ ଚାଉଳ ମିଳିବାର କଷ୍ଟ ।

ଗଣେଶା ବୋଟ ପ୍ରାୟ ୪୧୦ ଯାତ୍ରୀଙ୍କି କେନ୍ଦ୍ରାପଡ଼ାରେ ଛାଡ଼ିଦେଇ ଗଲା । ଏମାନଙ୍କଠାରୁ ଟ ୪/ ଲେଖାଏଁ ନେଇ କଲିକତା ନେଇଯିବାର ବନ୍ଦୋବସ୍ତ ଥିଲା । ବୋଟବାଲାମାନେ ଏପରିଅତ୍ୟାଚାର କଲେ କ ଏହାର ପ୍ରତିକାର କେହି ଶୁଣିବେ ନାହିଁ ।

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ତଣ୍ଟିକଣ୍ଠା ରୋଗରେ ଅନେକ ଗୋରୁ ନଷ୍ଟ ହେଉଅଛନ୍ତି । ସକାଳେ ବେମାର ଧରିଲେ ସନ୍ଧ୍ୟାକୁ ବିନାଶ ହେଉଅଛନ୍ତି ।

ଏଠାରେ ନେମ ସ ହେବ ଗୋଟିଏ ବାଳିକାବିଦ୍ୟାଳୟ ସ୍ଥାପନ ସକାଶେ ଏକାନ୍ତ ଉଦ୍ୟମ ଲଗାଇଅଛନ୍ତି । ସେ ଯେଉଁ ସମୟରେ ଭଦ୍ରକରେ ଥିଲେ ସେଠାରେ ତାଙ୍କର ଏପ୍ରକାର କୀର୍ତ୍ତି ଏପର୍ଯ୍ୟନ୍ତ ଅଛି ଶୁଣାଯାଏ । ଭରସା କରୁଁ ଏହାଙ୍କର ଏ ମହଦିଚ୍ଛା ଯାହା ଅଙ୍କୁରିତ ହୋଇଅଛି ତାହା ସଫଳ ହେଉ ।

କାଲି ଶୁଣିଲୁଁ ଯେ କେମଲ ବିମାରରେ ବଡ଼ ଅତ୍ୟାଚାର ହେଉଅଛି ତାହାକୁ ଯତ୍ନ ଏମାନଙ୍କର ଅତ୍ୟାଚାର କହିବାକୁ ଲାଗିଲ । ପୁଲିସ କଣ ଶୋଇଅଛନ୍ତି କି ?

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ଅଭିରାମ ତ୍ରିପାଠୀ--କୋଠଦେଶର ଜମିଦାର ଷଡ଼ିବର ଅଭିରାମ ସା ଏକ ସିଂହ ସମ୍ବଲପୁର ଅଞ୍ଚଳର ଏକ ରାଜବଂଶୋଦ୍ଭବ ଗୋଟିଏ କୁମାର ଆଣାଇ ଦତ୍ତକପୁତ୍ର ଗ୍ରହଣ କରିବା ଉପଲକ୍ଷରେ ଏକ ଦୀର୍ଘ କବିତା ଲେଖି ପଠାଇଅଛନ୍ତି । ରଚନା ଶୃଙ୍ଖଳ ଦେଖା ନ ଯିବାରୁ ପ୍ରକାଶିତ ହେଲା ନାହିଁ ।

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଅସ୍ମେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଅଜି କାଲି ଏସ୍ଥଳରେ ଚୋରମାନଙ୍କର ଦୌରାତ୍ମ୍ୟ, ଏତାଦୃଶ ପ୍ରବଳ ହୋଇଅଛି ଯେ ପ୍ରାୟ କୌଣସି ବାସିନ୍ଦା ରାତ୍ରରେ ସୁଖରେ ଟିକିଏ ନିଦ୍ରା ଯାଇପାରୁ ନାହିଁ; ନୂତନ ମାନେଜର ପୁଲିସ ତୀକ୍ଷ୍ଣଦୃଷ୍ଟି ନ ରଖିବାରୁ ଏହାର ମୂଳ କାରଣ ଅଟେ କେହି ସମ୍ଭ୍ରାନ୍ତ ବସିର ଯାଉଲେଣି କିନ୍ତୁ ରାଜାମାନଙ୍କର ଶାଳବନ୍ଦ ବିନ୍ଦୁ ଅଛି କେ ଝରୁ !

କ୍ରମଶଃ

ଜନୈକ ଫଳଭୋଗୀ

୧୩-୭-୮୬ ଢେଙ୍କାନାଳ ଗଡ଼

Split by PDF Splitter

Digitized by srujanika@gmail.com

ମହାଶୟ !

ଅମ୍ଭେମାନେ ଶୁଣିଅଛୁଁ ଶିକ୍ଷାବିଭାଗର ଶ୍ରୀଯୁକ୍ତ ଡାଇରେକ୍ଟର ସାହେବଙ୍କର କୌଣସି ସର୍କ୍ୟୁଲରଦ୍ୱାରା ନିଷିଦ୍ଧ ହୋଇଅଛି ଯେ, କୌଣସି ଗବର୍ଣ୍ଣମେଣ୍ଟ ସ୍କୁଲର ଶିକ୍ଷକ, ଅପଣା ଶ୍ରେଣୀର ଛାତ୍ରଙ୍କୁ ଗୃହରେ ଶିକ୍ଷାଦାନ କରି ବେତନ ଗ୍ରହଣ କରିବେ ନାହିଁ, କିନ୍ତୁ ସମ୍ପ୍ରତି କଟକ କଲେଜିଏଟ୍ ସ୍କୁଲରେ ଏହି ନିୟମର ସମ୍ପୂର୍ଣ୍ଣ ବିରୁଦ୍ଧରେ କାର୍ଯ୍ୟ ଚଳୁଅଛି: ଉକ୍ତ ସ୍କୁଲର କେହି୨ ଶିକ୍ଷକ ( ପ୍ରୟୋଜନ ହେଲେ ନାମ ଦିଆଯିବ ) ଆପଣା୨ ଶ୍ରେଣୀର କେତେକ ଛାତ୍ରଙ୍କଠାରୁ ପ୍ରକାଶ୍ୟଭାବେ ବେତନ ଗ୍ରହଣ କରି ଗୃହରେ ଶିକ୍ଷା ଦେଉଅଛନ୍ତି ।

ଅର୍ଥର ବଶୀଭୂତ ନ ହୋଇ ନିରପେକ୍ଷଭାବେ କାର୍ଯ୍ୟ କରିବା ନିମିତ୍ତ ଡାଇରେକ୍ଟର ସାହେବ ଉପରୋକ୍ତ ନିୟମ ପ୍ରଚାର କରିଅଛନ୍ତି, କିନ୍ତୁ ତାଙ୍କର ଅଧୀନସ୍ଥ କର୍ମଚାରୀମାନେ ତାହାପ୍ରତି ଅବଜ୍ଞା ଓ ଅବହେଳା ପ୍ରକାଶ କରୁଅଛନ୍ତି,—ଏହା ନିୟମ ଲଙ୍ଘନ ନୁହେ କି ?

କେତେଲୋକ ସାମାନ୍ୟ ଚାଟୁବାକ୍ୟରେ ବଶୀଭୂତ ହୋଇ ନ୍ୟାୟପଥରୁ ଭ୍ରଷ୍ଟ ଯାଉଅଛନ୍ତି; ଆଉ, ଯେଉଁମାନେ ଅର୍ଥଗ୍ରହଣ କରୁଅଛନ୍ତି, ସେମାନେ ତାହା ଜାଣି ହେବା ଅବସ୍ଥାରେ କୌଣସି ପ୍ରକାର ଦୟାମାୟା କରି ନ୍ୟାୟପଥରୁ ଚ୍ୟୁତ ନ ହେବେ କି ? ପ୍ରଥମତଃ ଏହା ବିଭାଗୀୟ ନୀତିବିରୁଦ୍ଧ କାର୍ଯ୍ୟ, ଆଉ ମଧ୍ୟ ଏହାଦ୍ୱାରା ଶ୍ରେଣୀର ଅନ୍ୟାନ୍ୟ ଛାତ୍ରମାନଙ୍କପ୍ରତି ଅବିଚାର ବା କଷ୍ଟ ଅନୁଭୂତ ହେବା ଆଶ୍ଚର୍ଯ୍ୟ ନୁହେ ।—ଭରସା କରୁଁ କର୍ତ୍ତୃପକ୍ଷୀୟମାନେ ଏ ବିଷୟରେ ଦୃଷ୍ଟିପାତ କରି ଅର୍ଥଲୋଲୁପ ଶିକ୍ଷକମାନଙ୍କର ଲୋଭଲାଳସା ଦୂର କରିବେ । ଇତି ।

୧୦।୭।୮୬ କଟକ } ନିଷ୍ପକ୍ଷପାତୀ

---

ମହାଶୟ !

ଅନୁଗ୍ରହପୂର୍ବକ ନିମ୍ନଲିଖିତ କତିପୟ ପଂକ୍ତିକୁ ଆପଣଙ୍କ ସୁବିଖ୍ୟାତ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନଦାନ କରି ବାଧିତ କରିବେ ।

ରେଭେନ୍‌ସା କଲେଜିଏଟ୍ ସ୍କୁଲ ଓଡିଶାରେ ସର୍ବଶ୍ରେଷ୍ଠ ଏବଂ ଅଧିକାଂଶ ଯୋଗ୍ୟଲୋକ ଏଥିରେ ଶିକ୍ଷକତା କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି । ଯେଉଁମାନେ ଯୋଗ୍ୟତାରୂପ ହିମାଳୟର ଉନ୍ନତତମ ଶିଖରରେ ଅବରୋହଣ କରିଅଛନ୍ତି, ଯେଉଁମାନଙ୍କ ବାକ୍ୟ, ସମାଜର ଦର୍ପଣସ୍ୱରୂପ ଏବଂ ଯେଉଁମାନଙ୍କ ଉପଦେଶ ଭାରତର 'କୋହିନୂର' ସ୍ୱରୂପ, ସେମାନଙ୍କ ମଧ୍ୟରୁ କାହାରି ନୃଶଂସ ବ୍ୟବହାର ଦେଖିଲେ ହୃଦୟ ଶୋକାକୁଳିତ ହୁଏ । ସମ୍ପ୍ରତି ଉପରୋକ୍ତ ବିଦ୍ୟାଳୟର ୨ୟ ପଣ୍ଡିତ ଶ୍ରୀଯୁକ୍ତ ବିଶ୍ୱନାଥ ସପୁଥୀ ବେତ୍ରରୂପ ଲଙ୍ଗଳଦ୍ୱାରା ଛାତ୍ରମାନଙ୍କର କୋମଳାଙ୍ଗ କର୍ଷଣ କରୁଅଛନ୍ତି । ସେ ଯେଉଁପଭାବେ ଛାତ୍ରମାନଙ୍କ ଅଙ୍ଗରେ "ବାଘବଳେଇ ଛକ" କାଟୁ ଅଛନ୍ତି, ତାହା ଦେଖିଲେ କାହାନୟନରୁ ଅଶ୍ରୁପାତ ନ ହେବ ? ସେଦିନ ଉକ୍ତ ବିଦ୍ୟାଳୟ ଷଷ୍ଠଶ୍ରେଣୀର ଜଣେ ଛାତ୍ର ଯେରୂପ ପଣ୍ଡିତଠୁ ପ୍ରହାରିତ ହୋଇଥିଲା, ତାହା ଦେଖି ଅନେକଲୋକ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ ଏବଂ ଜଣେ ସମ୍ଭ୍ରାନ୍ତ ଭଦ୍ରଲୋକ ଅଶ୍ରୁପାତ କରିବାକୁ ଉଦ୍ୟତ ହୋଇଥିଲେ । ଆଉ ମଧ୍ୟ ଅନେକ ବାର ୪ର୍ଥ ଶ୍ରେଣୀରେ ଯେଉଁ ଅଧ୍ୟାପକ ଥିଲେ, ତାଙ୍କ ନିମିତ୍ତ ଜଣେ ଶିକ୍ଷକ ତାଙ୍କୁ ସଦୁପଦେଶ ପ୍ରଦାନ କରିଅଛନ୍ତି ।

ଓଡିଆ ବାଳକମାନେ ସ୍ୱଭାବତଃ ଶାନ୍ତ ଏବଂ ସତ୍ପ୍ରବୃତ୍ତିବିଶିଷ୍ଟ । ସେମାନେ ଭୟରେ କୌଣସି କଥା କହିବାକୁ ସାହସ କରନ୍ତି ନାହିଁ । ଏହି ନିମିତ୍ତ ଏତାଦୃଶ କଠୋର ଅଧ୍ୟାପକର ଉପରସ୍ଥ କର୍ମଚାରୀମାନଙ୍କ କର୍ଣ୍ଣଗୋଚର ହୁଏ ନାହିଁ । ସେମାନେ ଯେବେ ବଙ୍ଗଦେଶର କେତେକ ସ୍ଥାନର ବାଳକମାନଙ୍କ ଅନୁକରଣ କରୁଥାନ୍ତେ, ତାହା ହେଲେ ଉପରୋକ୍ତ ମହାତ୍ମାଙ୍କର ଏ ପ୍ରକାର ଅବ୍ୟବସ୍ଥା ଜାରିତ ନ ଥାନ୍ତା । ଅତଏବ ସମୟର ଗତି ଦେଖି; ଏଥିରେ ପଣ୍ଡିତ ମହାଶୟଙ୍କର ଏରୂପ ବ୍ୟବହାର ବାଞ୍ଛନୀୟ ନୁହେ ।

ଅମ୍ଭେମାନେ ଶିକ୍ଷାପ୍ରଣାଳୀର ପ୍ରତ୍ୟେକ ପୃଷ୍ଠା ଲେଉଟାଇ ସୁଦ୍ଧା, ବଡ଼୨ ଛାତ୍ରମାନଙ୍କ ଅପରିମିତ ଶାରୀରିକ ଦଣ୍ଡଦେବା ବିଷୟ ଦେଖିଲୁଁ ନାହି । ପଣ୍ଡିତ ମହାଶୟ ଏପରି କରିବା ସମ୍ପୂର୍ଣ୍ଣ ଗର୍ହିତ କାର୍ଯ୍ୟ । ଭରସା କରୁଁ ଏଣିକି ସେ ଆପଣାର ଏହି ସ୍ୱଭାବ ପରିତ୍ୟାଗପୂର୍ବକ ଦେଶ କାଳ ପାତ୍ର ବିବେଚନା ରୀତି ଅନୁସାରେ ଶିକ୍ଷା ଦେବାକୁ ବାଧ୍ୟ ହେବ । ଛାତ୍ରମାନେ ମଧ୍ୟ ଏଣିକି ଦକ୍ଷତାର ସହିତ କାର୍ଯ୍ୟକରିବା ଉଚିତ । ଇତି ।

୮।୭।୮୬ କଟକ } ଜଣେ ସତ୍ୟଭାଷୀ

---

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଶିବଚନ୍ଦ୍ର ପାଳିତ | କଟକ | ବକେୟା | ଟ ୧୧ |
| " ଜଗନ୍ନାଥ ଦାସ | " | ଅଗ୍ରିମ | ଟ ୩୧ |
| " ପରମାନନ୍ଦ ସିଂହ | " | " | ଟ ୩୧ |
| ଶ୍ରୀ ରାଜା କଣ୍ଟେ ହରିସିଂହପୁର | | ବକେୟା | ଟ ୬୮୧ |
| ବାବୁ ହୃଷିକେଶ ଦାସ | ଦରିଆପାଳ | ଅଗ୍ରିମ | ଟ ୩୧ |
| " ଗଣେଶ ପ୍ରସାଦ ସିଂହ | କଟକ | ବକେୟା | ଟ ୨୧ |
| " ଗୋପୀନାଥ ଗୁରୁ | ଭବାନୀପାଟଣା | ଅଗ୍ରିମ | ଟ ୪୧ |
| " ରାମକୃଷ୍ଣ ସିଂହ | ସମ୍ବଲପୁର | " | ଟ ୪୧ |
| " ଦାଶରଥି ଦାସ | ହରିହରପୁର | ବକେୟା | ଟ ୨୧ |
| " ଗୋକୁଳାନନ୍ଦ ଚୌଧୁରୀ | କଟକ | " | ଟ ୨୧ |
| " ରାଧାମୋହନ ଦାସ | କେନ୍ଦ୍ରାପଡ଼ା | ଅଗ୍ରିମ | ଟ ୩୧ |
| ମୁନସୀ ଏଇଯାନଅଲୀ | କଟକ | ବକେୟା | ଟ ୨୧ |
| ବାବୁ ଶୀତାରାମ ଲଞ୍ଜ | ବସାଦ | ଅଗ୍ରିମ | ଟ ୪୮ |
| " ହେଡପଣ୍ଡିତ ମିଡଲସ୍କୁଲର ସମ୍ପାଦକ | କଟକ | ବକେୟା | ଟ ୬୧ |
| " ସଦାଶିବ ସବୁ ବେର୍ଣ୍ଣାର ସୋସାଇଟୀ | " | | ଟ ୨୧୧ |

---

# ବି ଜ୍ଞା ପ ନ ।


## ଶ୍ରୀମଦ୍ଭଗବଦ୍ଗୀତା ।

ଉତ୍କଳଭାଷାନୁବାଦ ସହିତ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଛାପାଲୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ଆଠଅଣା ଟ ୦ ୮ ମାତ୍ର ।

---

**SCHOOL BOOKS ! SCHOOL BOOKS !**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printing Company, Dargha Bazar Cuttack.

ନାନାପ୍ରକାର ଇଂରାଜୀ ଏବଂ ଓଡିଆ ବିଦ୍ୟାଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ମୟୂରଭଞ୍ଜ ରାଜ୍ୟର ବ୍ରାହ୍ମଣଘାଟି ପରଗଣାର ତେଲ ଡୋମ୍ବାସ ଜଙ୍ଗଲ ଓ ସର୍ବେ ନକସା କରିବା ନିମନ୍ତେ ଜଣେ ସର୍ଭେୟର ଦରକାର । ବେତନ ଟ ୨୦୧ ଓ ଟ ୨୫୧ କାର୍ଯ୍ୟ ଅଛି କାର୍ଯ୍ୟ ୧୨ ମାସ ନିମନ୍ତେ ରହିବ । ପ୍ରାର୍ଥୀମାନେ ପ୍ରଶଂସାପତ୍ର ସହିତ ଅମ୍ଭଠାକୁ ଦରଖାସ୍ତ ପଠାଇବେ । ନମ୍ବା ସ୍ୱୟଂ ଆସି ଅମ୍ଭଠାରେ ଉପସ୍ଥିତ ହେବେ ଇତି ।

ବାରିପଦା ୮।୭।୮୬ } Sd. H P Wylly
Manager, Mourbhanj Raj


Digitized by srujanika@gmail.com

WELL TESTED REMEDY FOR CHOLERA,

It seems to have no rivals. It keeps its reputation whose chlorodyne fails.

Use the pill No I instead of chlorodyne
No II when chlorodyne fails
No III In hopeless cases
No IV if vomiting is not stopped
No V to quench unbearable thirst
No VI when stomach aches or swells or if the patient does not urinate.

Each of the numbers can be had for Ans-8 and all the six in a decent box with direction Rs 2-4

WELL TESTED REMEDIES FOR OBSTINATE FEVERS AND OTHER DISEASES,

| | Rs | As | P |
|---|---|---|---|
| Pills for obstinatea fevers of any description | 1 | 4 | |
| Pills for cholic | 1 | 0 | |
| Pills for dyspepsia | 1 | 0 | |
| Remedy for Headache | 0 | 10 | |
| Ointment for Ringworm | 0 | 3 | |
| Cough pills | 0 | 3 | |
| Tooth powder | 0 | 3 | |
| Karpurasab | 0 | 6 | |
| Digestive drops<br>Digestive Bitter<br>Digestive Honey<br>Pills for Nausea | | 8 Each | |
| Makaradhaja | | 16 per tola | |
| Remedy for chronic Dyspepsia | | 0—10 | |

TESTIMONIALS.

କେନ୍ଦ୍ରାପଡା ପ୍ରଭୃତି କେତେକସ୍ଥାନରେ ପୋଷ୍ଟମାଷ୍ଟରଙ୍କଦ୍ୱାରା ତାରସମ୍ବାଦ ପଠାଇବାର କାର୍ଯ୍ୟ ହେଉଅଛି । ତାରସମ୍ବାଦର ସଙ୍କେତ ବୁଝି କାର୍ଯ୍ୟ କରିବା ବଡ ସହଜ ନୁହଇ । କର୍ମଚାରୀମାନେ ତିନି ଚାରି ମାସ ଶିକ୍ଷା କରି ପରୀକ୍ଷା ଦେଇ ତାରରୁ ତାହା ବୁଝିବାକୁ ଯୋଗ୍ୟ ହୋଇଅଛନ୍ତି ମାତ୍ର ସେମାନଙ୍କ ବେତନ କେବଳ ପୋଷ୍ଟମାଷ୍ଟରଙ୍କ ପରି ଟ ୧୫ ଙ୍କାରୁ ଅଧିକ ହୋଇ ନାହିଁ । ଆମ୍ଭମାନଙ୍କ ବିବେଚନାରେ ଏ ବେତନ ଅତ୍ୟନ୍ତ ଊଣା । କର୍ମଚାରୀମାନେ ଏଥିରେ ସନ୍ତୋଷପୂର୍ବକ କାର୍ଯ୍ୟ କରି ପାରୁ ନାହାନ୍ତି । ତେଣୁ ସମୟ୨ରେ ତାରସମ୍ବାଦରେ ଭୁଲ ରହିଯିବାର ଦେଖା ଯାଉଅଛି । ଅମ୍ଭେମାନେ ଆଶା କରୁଁ କି କର୍ତ୍ତୃପକ୍ଷୀୟମାନେ ଏମାନଙ୍କ ବେତନ ବୃଦ୍ଧି ବିଷୟରେ ଶୀଘ୍ର ବିଚାର କରିବେ ।

---

ଷ୍ଟେଟସମ୍ୟାନ ସମ୍ବାଦପତ୍ରର ସମ୍ପାଦକ ଓ ପ୍ରିଣ୍ଟରଙ୍କ ନାମରେ ବର୍ଦ୍ଧମାନର ମୃତ ମେଜର ମିଲର ସାହେବ ଯେଉଁ ଅପବାଦ ଦେବା ସମ୍ବନ୍ଧୀୟ ଫୌଜଦାରୀ ମୋକଦ୍ଦମା ଆଗତ କରି ଥିଲେ ତହିଁର ବିଚାର ଚଳିତମାସ ତା ୨୧ ରିଖରୁ ଆରମ୍ଭ ହୋଇ ଅଛି । ଜୁରୀରେ ୩ ଜଣ ଇଂରାଜ ଓ ୨ ଜଣ ଦେଶୀୟ ଲୋକ ଅଛନ୍ତି । ସରକାର ପକ୍ଷରୁ ବାରିଷ୍ଟର ଗାର୍ଥ ସାହେବ ସମ୍ପାଦକ ନାଇଟ୍ ସାହେବଙ୍କ ପକ୍ଷରୁ ବାରିଷ୍ଟର ବାନର୍ଜୀ ଓ ଅପକାର ସାହେବମାନେ ଏବଂ ପ୍ରିଣ୍ଟର ହାର୍ଲୋ ସାହେବଙ୍କ ପକ୍ଷରୁ ବାରିଷ୍ଟର ଆଲେନ ଓ ବାଗ୍ରି ସାହେବମାନେ ମୋକଦ୍ଦମା ଚଳାଉ ଅଛନ୍ତି ଏବଂ ମୋକଦ୍ଦମାଟି ବଡ ଧୂମଧାମରେ ଚଳୁଅଛି । ଦୋଷୀ ହାକି-

Split by PDF Splitter

Digitized by srujanika@gmail.com

Split by PDF Splitter

260



କୋର୍ଟରେ ବଗ୍ଗୁରପତି ଓ ବଳଏଲ ମହୋଦୟ ଏ ମୋକଦ୍ଦମାର ବିଚାର କରୁଅଛନ୍ତି ।

---

ଆମ୍ଭେମାନେ ବୈନ୍ନକରୁ ଅବଗତ ହେଲୁଁ ଯେ ସହଯୋଗୀ ଢାକାପ୍ରକାଶ ବ୍ରାହ୍ମଧର୍ମ ପରିତ୍ୟାଗ କରି ପ୍ରକାଶ୍ୟ ଘୋଷଣା ଦ୍ୱାରା ହିନ୍ଦୁଧର୍ମ ପୁନ ଗ୍ରହଣ କରିଅଛନ୍ତି । ବ୍ରାହ୍ମଧର୍ମ ଅଶାସ୍ତ୍ରୀୟ ଓ ଅସାଧୁଜନ ସେବିତ ଓ ହିନ୍ଦୁମାନଙ୍କର ସର୍ବ—ପ୍ରକାର ଅନିଷ୍ଟସାଧକ ଏହି ସବୁକଥା ଢାକାପ୍ରକାଶ ଗୋଟିଏ ସୁଦୀର୍ଘ ପ୍ରବନ୍ଧରେ ପ୍ରତିପନ୍ନ କରି ସେ କହୁଅଛନ୍ତି ଯେ ବାଲ୍ୟକାଳରେ ଅଳ୍ପଶିକ୍ଷା ଓ ନୂତନରକ୍ତରେ ବଳରେ ଅନ୍ୟାନ୍ୟ ବାଳକମାନେ ଯେପରି ଗୋଟାଏ ଅକାର୍ଯ୍ୟ କରନ୍ତି ପୁଣି ବୟସର ପରିଣତିରେ ତହିଁର ଅନୁଶୋଚନା କରିବାକୁ ହୁଅଇ ସେହିପରି ବାଲ୍ୟକାଳର ଗୃହୀତ ବ୍ରାହ୍ମଧର୍ମ ନିମନ୍ତେ ବର୍ତ୍ତମାନ ନିତାନ୍ତ ଅନୁଶୋଚନା କରୁଅଛନ୍ତି । ହିନ୍ଦୁଧର୍ମର ବିଶେଷ ଆନ୍ଦୋଳନ ସମୟରେ ଗୋଟିଏ ସମ୍ପାଦକଙ୍କର ମତ ପରିବର୍ତ୍ତନକୁ ଏକ ଆଶ୍ଚର୍ଯ୍ୟ ଘଟଣା ବୋଲି ବାକୁ ହେବ । ଏବଂ ଏହାକୁ ବଙ୍ଗବାସୀ ଏବଂ ପଣ୍ଡିତ ଶଶଧର ତର୍କ ଚୂଡ଼ାମଣିଙ୍କ ଅଧ୍ୟବସାୟର ଫଳ ବୋଲିଲେ ଅତ୍ୟୁକ୍ତି ହେବ ନାହିଁ । ପୁଣି ହିନ୍ଦୁ ଓ ବ୍ରାହ୍ମଙ୍କ ମଧ୍ୟରେ ବାକ୍ୟ ଯୁଦ୍ଧ ଲାଗିବ ପରି ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ବଙ୍ଗଦେଶରୁ ଜଣେ ପଣ୍ଡିତ ଆସି ପ୍ରାୟ ଦୁଇମାସ ହେବ ଓଡ଼ିଶା ଗଡ଼ଜାତର ନାନାସ୍ଥାନରେ ଭ୍ରମଣ କରି ହିନ୍ଦୁଧର୍ମବିଷୟରେ ଉପଦେଶ ଦେଉଅଛନ୍ତି । ଏହାଙ୍କର ଇଚ୍ଛା ସେ ସ୍ଥାନେ ସ୍ଥାନେ ସଭା ସ୍ଥାପିତ ହୋଇ ହିନ୍ଦୁଧର୍ମ ବିଷୟରେ ନିୟମିତ ଉପଦେଶ ଦିଆଯିବ । ଏ ବିଷୟରେ ସେ ବିଶେଷ ଯତ୍ନଶୀଳ ଅଛନ୍ତି । ଏବଂ ନାନା ସ୍ଥାନ ଭ୍ରମଣ କରି ଅନେକ ଲୋକଙ୍କଠାରୁ ସାର୍ଟିଫିକେଟମାନ ହାସଲ କରିଅଛନ୍ତି । ଅଳ୍ପଦିନ ହେଲା ଦଣ୍ଡିକାରେ ଏକ ସଭା ହୋଇଥିଲା ସ୍ଥାନୀୟ ଅନେକ ଭଦ୍ରଲୋକ ଉପସ୍ଥିତ ଥିଲେ ପଣ୍ଡିତ ମହାଶୟ "ବ୍ରାହ୍ମଧର୍ମ ଶ୍ରେଷ୍ଠ କି ହିନ୍ଦୁଧର୍ମ ଶ୍ରେଷ୍ଠ" ଏହି ବିଷୟର ତୁଳନା କରି ବକ୍ତୃତା କରିଥିଲେ; ଏହାଙ୍କ ମୁଖରୁ ବ୍ରାହ୍ମମାନଙ୍କ ସମ୍ବନ୍ଧରେ ବଡ଼ ଟାଣ ଟାଣ କଥା ଶୁଣାଗଲା । ଆମ୍ଭମାନଙ୍କ ମତରେ ପଣ୍ଡିତମହାଶୟଙ୍କର ଢାକାର ବଙ୍ଗଭାଷାରେ ମଫସଲରେ ବକ୍ତୃତା କରିବାରେ ଅଧିକ ଫଳଲାଭର ସମ୍ଭାବନା ନାହିଁ । ଓଡ଼ିଶାର ରାଜଧାନୀ କଟକ ନଗରରେ ପ୍ରଥମତଃ ଏହିଁର ଚର୍ଚ୍ଚା କରିବା ଉଚିତ । ଆମ୍ଭେମାନେ ଏଠାରେ ଗୋଟିଏ କଥା ନ ଲେଖି କ୍ଷାନ୍ତ ହୋଇପାରିଲୁ ନାହିଁ । ତହିଁକାହାଟରେ ସଭାର ପୂର୍ବାନୁଷ୍ଠାନ ସମୟରେ ଏହି ମର୍ମରେ ଗୋଟି ଢେଣ୍ଡୁରା ଦିଆ ଯାଇଥିଲା କି "ବଙ୍ଗଦେଶରୁ ପଣ୍ଡିତ ଆସିଅଛନ୍ତି ଅତଏବ ଏହି ବାଙ୍କି କିଲ୍ଲାରେ ଯେତେ ପଣ୍ଡିତ ଅଛନ୍ତି ସମସ୍ତେ କାଲି ହାଜର ହେବେ"; ଚଣ୍ଡାଳମୁଖରେ ବ୍ରାହ୍ମଣପଣ୍ଡିତଙ୍କୁ ନିମନ୍ତ୍ରଣ କରିବା ହିନ୍ଦୁଧର୍ମର ଅନୁମୋଦିତ ନୁହେ; ଏ କାର୍ଯ୍ୟ ଯେ କରାଇଅଛି ତାହାର ମନ ଅବଶ୍ୟ ଅଶୁଦ୍ଧ ହୋଇଥିବ ।

---

ନାବାଲଗ ଜମିଦାରମାନଙ୍କ ତତ୍ତ୍ୱାବଧାରକ କଲେକ୍ଟର ସାହେବ ଅଟନ୍ତି, ସେମାନଙ୍କ ପଢ଼ାଶୁଣା ବୁଝିବା ଭାର କଲେକ୍ଟର ସାହେବଙ୍କ ଉପରେ ନିର୍ଭର କରଇ ସୁତରାଂ ସେମାନଙ୍କ ଭବିଷ୍ୟତ ଭଲମନ୍ଦ କାର୍ଯ୍ୟ ସାହେବ ମହୋଦୟଙ୍କ ବର୍ତ୍ତମାନ ଦୃଷ୍ଟିର ଫଳ । ପୂର୍ବେ କଲେକ୍ଟରମାନେ ଏ ବିଷୟରେ ଭଲ ଦୃଷ୍ଟି ରଖୁଥିଲେ ଏବଂ ଅଳ୍ପବର୍ଷ ତଳେ ଶ୍ରୀଯୁକ୍ତ ହାଡ଼ନସାହେବ ଏଠା କଲେକ୍ଟର ଥିବା ସମୟରେ ନାବାଲଗମାନଙ୍କୁ ଅପରାହ୍ନସମୟରେ ସଙ୍ଗରେ ଘେନି କ୍ରୀଡ଼ା କରୁଥିଲେ ଓ ସମୟେ ସମୟେ ପାଠର ପରୀକ୍ଷା ନେଉଥିଲେ । ଏଣିକି ହାକିମମାନେ ନାନା ଝଞ୍ଜଟ ହେତୁରୁ ଅବା ଅନ୍ୟକାରଣରୁ ହେଉ ଏ ବିଷୟରେ ଅଳ୍ପ ମନୋଯୋଗୀ ହେବାର ଦେଖା ଯାଉଅଛି । ଯେଉଁ ବାଳକମାନେ ବୟଃପ୍ରାପ୍ତ ହେଲେ ଗୋଟିଏ ଗୋଟିଏ ଜମିଦାରୀ ବୁଝିବେ ଓ ସହସ୍ର ସହସ୍ର ଲୋକମାନଙ୍କ ହିତାହିତ ବିବେଚନା ପୂର୍ବକ କାର୍ଯ୍ୟ କରିବେ ସୁତରାଂ ଦେଶର ଉନ୍ନତି ଅବନତି ଯାହାଙ୍କ ହସ୍ତରେ ନ୍ୟସ୍ତ ରହିବ, ସେମାନେ ଯଦ୍ୟପି ବର୍ତ୍ତମାନ ଅବସ୍ଥାରେ ଉତ୍ତମଶିକ୍ଷାଲାଭ ନ କରିବେ ତେବେ କେତେ ସାଧାରଣ କ୍ଷତି ହେବ ସମସ୍ତେ ହୃଦୟଙ୍ଗମ କରି ପାରିବେ । ଗବର୍ଣ୍ଣମେଣ୍ଟ କେବଳ ଗୃହସ୍ଥର କ୍ଷତି ନିବାରଣ ସକାଶେ ନାବାଲଗଙ୍କ ଭାର ଆପଣା ହସ୍ତରେ ନେଇ ଅଛନ୍ତି ଏକଥା ଗୌରବର ବିଷୟ ନୁହଇ ନାବାଲଗର ପିତାର ମୃତ୍ୟୁରେ ଗବର୍ଣ୍ଣମେଣ୍ଟ ପିତାରୂପ୍ୟ ତାହାକୁ ପଢ଼ାଇ ଶୁଣାଇ ଯୋଗ୍ୟ କରିବା କାରଣ ସ୍ୱହସ୍ତରେ ତାହାର ଭାର ଗ୍ରହଣ କରିଅଛନ୍ତି ଓ ସେ ଭାର କଲେକ୍ଟରଙ୍କ ହସ୍ତରେ ନ୍ୟସ୍ତ ହୋଇଅଛି ଏହିପରି ବୁଝିବାକୁ ହେବ ଏବଂ ତାହା ହେଲେ ବିଷୟରକ୍ଷାଠାରୁ ନାବାଲଗକୁ ମନୁଷ୍ୟ କରିବା ବିଶେଷ ଗୁରୁତର କାର୍ଯ୍ୟ ଅଟଇ ଏବଂ ସେଥିରେ ସମଧିକ ମନୋଯୋଗୀ ହେବାର ଉଚିତ । ନାବାଲଗ ଯୋଗ୍ୟ ହେଲେ ବିଷୟରକ୍ଷା ଓ ବୃଦ୍ଧି କରି ପାରିବେ ଏବଂ ଅଯୋଗ୍ୟ ହେଲେ ଗବର୍ଣ୍ଣମେଣ୍ଟ ତାହାର ସମ୍ପତ୍ତିର ଯେତେ ଉନ୍ନତି କରିଥିଲେସୁଦ୍ଧା ଅଳ୍ପଦିନରେ ସମୂଳେ ନଷ୍ଟ ହେବ ଏବଂ ହେଉଅଛି । ଯାହା ହେଉ ସୁଖର ବିଷୟ ଯେ ଆମ୍ଭମାନଙ୍କର ବର୍ତ୍ତମାନ କମିଶନର ସାହେବ ନାବାଲଗମାନଙ୍କୁ ଏକେ ଏକେ କରି ଆପଣା ନିକଟକୁ ଡକାଇ ପଢ଼ାଶୁଣାର ପରୀକ୍ଷା ନେଉଅଛନ୍ତି । ଗତ ସପ୍ତାହରେ ଏକ ନାବାଲଗର ପରୀକ୍ଷା ନେଇ ଦେଖିଲେ ଯେ ସେ ଭଲରୂପେ ଶିକ୍ଷାଲାଭ କରି ନାହି ଏଥିରେ ସେ ବିରକ୍ତ ହୋଇ କହିଲେ ଯେ ଏ ଗୁରୁବିଷୟରେ ହେଳାକରିବା କଲେକ୍ଟରସାହେବଙ୍କର ଅନ୍ୟାୟ ହୋଇଅଛି କମିଶନର ସାହେବଙ୍କର ଏପରି କାର୍ଯ୍ୟ ପ୍ରଶଂସନୀୟ ଅଟଇ ଏବଂ ସେ ଯେବେ କଲେକ୍ଟରମାନଙ୍କୁ ତାଗିଦ କରି ସେମାନଙ୍କ ପ୍ରତିଦୃଷ୍ଟି ରଖନ୍ତି ଏସବୁ କାର୍ଯ୍ୟ ଦେଖି ଆମ୍ଭେମାନେ ବଡ଼ ସନ୍ତୁଷ୍ଟ ହେବୁଁ । ଆଶା କରୁଁ କଲେକ୍ଟରମାନେ ସେମାନଙ୍କ ସ୍ୱ ସ୍ୱ କର୍ତ୍ତବ୍ୟ କାର୍ଯ୍ୟପ୍ରତି ଚେତନା ଲାଭ କରିବେ ।

---

ଅଭିନବ ମାମଲା ।

ଅଲଗଡ଼ାଙ୍କ ପ୍ରତି ବନ୍ଦ ମସ୍ତମତ ଦାବିରେ ସରକାରଙ୍କର ପଚାଶ ହଜାର ଟଙ୍କାର ଦାବିକ ଏଠା ଜଏଣ୍ଟମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଟଂଲସ ସାହେବ ଡିସ୍‌ମିସ୍ କରିଥିବାର ଏଥିପୂର୍ବେ ଆମ୍ଭେମାନେ ପାଠକମାନଙ୍କୁ ଜଣାଇ ଅଛୁଁ । ତଦନନ୍ତର ଶ୍ରୀଯୁକ୍ତ କଲେକ୍ଟର ସାହେବ ଉକ୍ତ ବିଷୟ ଶ୍ରୀଯୁକ୍ତ କମିଶନର ସାହେବଙ୍କୁ ଜଣାଇବାରୁ ସେ ଜଏଣ୍ଟମାଜିଷ୍ଟ୍ରେଟ ସାହେବଙ୍କ ଅର୍ଡରକୁ ରହିତ କରି ପୁନର୍ବିଚାରର ଆଦେଶ ଦେଇ ଅଛନ୍ତି । କମିଶନର ସାହେବ ଯେଉଁ ଯୁକ୍ତିମାନ ଦର୍ଶାଇ ଅଛନ୍ତି ତାହା ଅଯଥାର୍ଥ ଓ ଅକର୍ମଣ୍ୟ ଅଟଇ ବରଂ ଏହି ଯୁକ୍ତି ଦେଖାଇ ପାରି ନାହାନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ

Digitized by srujanika@gmail.com

Split by PDF Splitter



କେବଳ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରୁ ଅଛନ୍ତି । ଆମ୍ଭେମାନେ ପୂର୍ବେ କହିଅଛୁଁ ଯେ ବନ୍ଦଖର୍ଚ୍ଚା ଦେବା ପକ୍ଷରେ ରଜାଙ୍କର ଆପତ୍ତି ନ ଶୁଣି ହାକିମ ନ ଗବର୍ଣ୍ଣମେଣ୍ଟ କୌଣସିଠାରେ କାର୍ଯ୍ୟବିଭାଗରେ ଠାକିଲେ ନାହିଁ ସବୁଠାରେ ଅଗ୍ରାହ୍ୟ ହେଲା । କିନ୍ତୁ ବିଚାର-ଅଦାଲତ କାର୍ଯ୍ୟ ବିଭାଗର ଅଧୀନ ନୁହଇ ତାହା ସ୍ୱାଧୀନ ଅଟଇ ଓ ଏହିଠାରେ ସତର୍କତର ନ୍ୟାୟ ଓ ଯୁକ୍ତି ଅନୁସାରେ ମାମଲାମାନ ହୁଅଇ ଏହି ହେଉଛି ଇଂରାଜ ଶାସନର ଟେକ । ସାର୍ଟିଫିକେଟ ମାମଲାରେ କଲେକ୍ଟର ଓ କମିଶନରମାନେ ବିଚାର ଅଦାଲତ ଥିବାରୁ ଗବର୍ଣ୍ଣମେଣ୍ଟଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ ନ କରି ସ୍ୱାଧୀନଭାବରେ ନ୍ୟାୟ ଓ ଯୁକ୍ତିମତେ ମାମଲା ବିଚାର କରିବାର ଉଚିତ କିନ୍ତୁ କମିଶନର ସାହେବ ଏପରି ଭାବ ଧାରଣ କରି ପାରି ନାହାନ୍ତି ଦୁଃଖର ବିଷୟ ! ସେ ବୋଲନ୍ତି ଯେ ଇଂଲିସ ସାହେବ ଏ ମାମଲାର କୌଣସି ପ୍ରମାଣ ନ ନେଇ ନିଷ୍ପତ୍ତି କରିବାର ଉଚିତ ନ ଥିଲା । କିନ୍ତୁ ପ୍ରମାଣ ନେବାର ନ ଅବଶ୍ୟକ ଥିଲା । ଏ ମକଦ୍ଦମାରେ ବୃତ୍ତାନ୍ତ ବହିର୍ଭୂତ ବିବାଦ କିଛିମାତ୍ର ନ ଥିଲା ରଜାଙ୍କର ଆପତ୍ତି ଏହି ଥିଲା ଯେ ସେ ଆଇନାନୁସାରେ ଏ ଖର୍ଚ୍ଚା ଦେବାକୁ ଦାୟୀ ନୁହନ୍ତି ସୁତରାଂ କେବଳ ଆଇନର ବିଚାର ପଡିଲା ଓ ଏ ବିଚାର ଇଂଲିସସାହେବ ଯଥାର୍ଥ ମତେ କରି ଥିଲେ । କମିଶନର ସାହେବଙ୍କ ବିଚାର ଠିକ ହୋଇ ନାହିଁ । ସାର୍ଟିଫିକେଟ ଆଇନର ଧା ୨୪ ର ମତେ ଅଧସ୍ଥ ହାକିମଙ୍କର ଆଜ୍ଞାକୁ ସଂଶୋଧନ ଇତ୍ୟାଦି କରିବାର କମିଶନର ସାହେବଙ୍କର କ୍ଷମତା ଅଛି ସତ୍ୟ କିନ୍ତୁ ଏ ମକଦ୍ଦମାରେ କମିଶନର ସାହେବ ରଜାଙ୍କୁ ନୋଟିସ ନ ଦେଇ ଓ ତାଙ୍କର ଆପତ୍ତି ନ ଶୁଣି ଯେ ଇଂଲିସ ସାହେବଙ୍କ ନିଷ୍ପତ୍ତିକୁ ରହିତ କରି କଲେକ୍ଟର ସାହେବ ପ୍ରମାଣ ନେଇ ପୁନର୍ବିଚାର କରିବାର ଆଦେଶ କରି ଅଛନ୍ତି ଏହା ଆମ୍ଭମାନଙ୍କୁ ଆଇନ ଅବା ନ୍ୟାୟସଙ୍ଗତ ବୋଧ ହେଉ ନାହିଁ ।

---

### ସ୍ୱାସ୍ଥ୍ୟ ସାଧନ ।

ଏହି ପୁସ୍ତକ ସମ୍ପର୍କରେ ଯେ ପାଠ୍ୟପୁସ୍ତକ ନିର୍ବାଚନ କମେଟୀର ଅସାଧାରଣ ଏବଂ ଅସଙ୍ଗତ ବିଚାର ଦେଖି ଆମ୍ଭମାନଙ୍କର ଧାରଣା ହୋଇଅଛି ଯେ କମେଟୀ ଚକ୍ଷୁଲଜ୍ଜା ବା ଉପରୋଧରେ ପଡି ଏପରି କରି ଅଛନ୍ତି । ବାସ୍ତବରେ ଯେବେ ପୁସ୍ତକ ଶ୍ରେଣିକ ବିଦ୍ୟାଳୟର ଉପଯୋଗୀ ହୋଇଥାନ୍ତା ତଥାପି କମେଟୀର ସେପ୍ରକାର କାର୍ଯ୍ୟକୁ ଆମ୍ଭେମାନେ ଅନୁମୋଦନ କରନ୍ତୁ ନାହିଁ ମାତ୍ର ଯେତେବେଳେ ଦେଖାଯାଉଅଛି ଯେ ଏ ପୁସ୍ତକ ନାନାଦୋଷରେ ପରିପୂର୍ଣ୍ଣ ଏବଂ ଗବର୍ଣ୍ଣମେଣ୍ଟଙ୍କ ଧର୍ମସଂକ୍ରାନ୍ତ ଉଦାସୀନ ନୀତିବିରୁଦ୍ଧ ଅଟଇ ତେତେବେଳେ କମେଟୀର କାର୍ଯ୍ୟ ପ୍ରତି ଅନୁର ଅଶ୍ରଦ୍ଧା ଜାତ ହେଉ ଅଛି ଓ ସ୍ୱଭାବତଃ ମନରେ ଭୟ ହେଉଅଛି ଯେ କମେଟୀର ସଭ୍ୟମାନେ ପୁସ୍ତକ ପାଠ ନ କରି କେବଳ ଗ୍ରନ୍ଥକାରର ନାମ ଦେଖି ମତାମତ ପ୍ରଦାନ କରନ୍ତି ନତୁବା ବିଦ୍ୱାନ୍ ଓ ବିବେଚକ ବ୍ୟକ୍ତିଙ୍କ ଦୃଷ୍ଟିରୁ ଏପ୍ରକାର ଦୋଷମାନ ଗୁପ୍ତ ହୋଇ ଯିବାର ଅନ୍ୟ କୌଣସି କାରଣ ହୋଇ ନ ପାରେ । ଏ ପୁସ୍ତକର ଅନ୍ୟାନ୍ୟ ଦୋଷ ଭବିଷ୍ୟତ ବିଚାର ନିମିତ୍ତ ରଖିଦେଇ ଅଦ୍ୟ କେବଳ ଧର୍ମ ସମ୍ବନ୍ଧୀୟ ବିଚାରରେ ପ୍ରବୃତ୍ତ ହେଲୁଁ ।

ବାବୁ ଚତୁର୍ଭୁଜ ପଟ୍ଟନାୟକ ଜଣେ ବ୍ରହ୍ମଧର୍ମାବଲମ୍ବୀ ଏବଂ ଏ ନଗରରେ ଅନେକ ଦିନଠାରୁ ଉକ୍ତ ଧର୍ମ ପ୍ରଚାର କାର୍ଯ୍ୟରେ ନିଯୁକ୍ତ ଆପଣାକୁ ନିଯୁକ୍ତ କରି ଅଛନ୍ତି ଏ କଥା ସମସ୍ତେ ଜାଣନ୍ତି । ଲେଖକଙ୍କର ଧର୍ମମତ ଫେରାଇବା ଏବଂ ଆପଣା ବିବେଚନା ମତେ ସମାଜ ସଂସ୍କାର କରିବା ଚିନ୍ତା ତାହାଙ୍କ ମନରେ ସଦାବେଳେ ପଡୁଥିବାରୁ ସେ ଇଚ୍ଛାବଶତଃ ହେଉ ଅବା ନ ହେଉ ଏହି ପୁସ୍ତକରେ ଏମନ୍ତ କଥାମାନ ଲେଖି ଅଛନ୍ତି ଯାହାକି ହିନ୍ଦୁଧର୍ମ ଓ ଆଚାର ବ୍ୟବହାରର ସମ୍ପୂର୍ଣ୍ଣ ବିରୁଦ୍ଧ ଭିନ୍ନ ଅନ୍ୟ କିଛି ବୋଲଯାଇ ନ ପାରେ ଏବଂ ଏପରି ପୁସ୍ତକକୁ ସାଧାରଣ ବିଦ୍ୟାଳୟର ପାଠ୍ୟପୁସ୍ତକ କରି କମେଟୀ ହିନ୍ଦୁପିଲାମାନଙ୍କୁ ଆପଣା ୨ ଧର୍ମ ଓ ସାମାଜିକ ନୀତି ଅଗ୍ରାହ୍ୟ କରିବାକୁ ଶିକ୍ଷା ଦେବାର ଉପାୟ କରି ଦେଇ ଅଛନ୍ତି ଏବଂ ତଦ୍ୱାରା ଗବର୍ଣ୍ଣମେଣ୍ଟଙ୍କ ଧର୍ମସଂକ୍ରାନ୍ତ ଉଦାସୀନ ନୀତିକ ପଦଦଳିତ କରିଅଛନ୍ତି । ବିଶେଷ ସମ୍ପ୍ରଦାୟର ଧର୍ମ ଓ ସମାଜସଂସ୍କାରକମାନେ ପ୍ରତିମା ପୂଜା ବାଲ୍ୟବିବାହ ବା ସ୍ତ୍ରୀ ପରାଧୀନତା ବିରୁଦ୍ଧ ଯାହା ଇଚ୍ଛା ତାହା କରି ପାରନ୍ତି କିନ୍ତୁ ବିଦ୍ୟାଳୟରେ ଏପରି ଶିକ୍ଷା ଦେବା ଉଚିତ କି? ଆମ୍ଭେମାନେ କେତେଗୁଡିଏ ଉଦାହରଣ ଦେଖାଉଅଛୁଁ ଯଥା ।

"ପୀଡାରେ ବ୍ୟାକୁଳ ହୋଇ ନର ଓ ନାରୀମାନେ ସେଥିରୁ ମୁକ୍ତ ହେବାନିମନ୍ତେ ନାନାଉପାୟ ଅବଲମ୍ବନ କରନ୍ତି, କେହି ଠାକୁରାଣୀ ପୂଜା, କେହି ଦେବାର୍ଚ୍ଚନା, କେହି ବଳଦାନ, ଏରୂପେ ଯାହାକୁ ଯାହା ଭଲ ଦିଶେ, ସେ ତାହା କରେ ପୁଣି କେହି ଆପଣାକୁ ନିରୂପାୟ ଜାଣି କପାଳ ଉପରେ ନିର୍ଭରକରି ବସିଥାଏ । ଏହି କୁସଂସ୍କାର ଆମ୍ଭମାନଙ୍କ ଦେଶରେ ଅନେକ ପରିମାଣରେ ଅଛି" ।—ପୃ୩ଷ୍ଠା

ଅପର ପ୍ରାଇମେରି ପାଠଶାଳାର ଶିକ୍ଷକ ଛାତ୍ରଙ୍କୁ ପଚାରିବେ-ପୀଡାସମୟରେ କି୨ କୁସଂସ୍କାର କାର୍ଯ୍ୟ ଲୋକେ କରନ୍ତି ? ଛାତ୍ର ଉତ୍ତର ଦେବ, ଠାକୁରାଣୀପୂଜା ଦେବାର୍ଚ୍ଚନା, ଇତ୍ୟାଦି ! ଏହି ଉତ୍ତର ଶୁଣି ହିନ୍ଦୁସମାଜ କି ହୃଦୟରେ ଆଘାତ ପାଇବ ନାହିଁ ? ଏହା କି ଧର୍ମଉପରେ ହସ୍ତକ୍ଷେପଣ ନୁହେ ? ଗ୍ରନ୍ଥକର୍ତ୍ତା ନିଜେ ଭୂମିକାରେ ଲେଖିଅଛନ୍ତି "ଈଶ୍ୱରଙ୍କଠାରେ ବିଶ୍ୱାସ କଲେ ସ୍ୱାସ୍ଥ୍ୟଲାଭ ହୁଏ" ତେବେ ଯେଉଁମାନେ ଦେବାର୍ଚ୍ଚନା ପ୍ରଭୃତିରେ ବିଶ୍ୱାସ ରଖନ୍ତି ଦେବତାଙ୍କୁ ଈଶ୍ୱରବୋଲି ଉପାସନା କରନ୍ତି ତାଙ୍କର ସ୍ୱାସ୍ଥ୍ୟଲାଭ ନ ହେବ କାହିଁକି ? ଏହାକୁ କୁସଂସ୍କାର ବୋଲି କହିବା ବଡ ଅନ୍ୟାୟ । ଆମ୍ଭମାନଙ୍କର ସ୍ମରଣ ଅଛି କଟକ ଜେଲଖାନାରେ ଥରେ ଓଲାଉଠାରୋଗରେ କେତେକ କଏଦୀ ପୀଡିତ ହୋଇଥିଲେ—କର୍ତ୍ତୃପକ୍ଷୀୟମାନେ ସେଠାରେ ଭାଗବତ ପାଠ ଓ ହରିବୋଲ ଦେବାକୁ ଆଦେଶ କରିଥିଲେ କାହିଁକି ? ଅବଶ୍ୟ ଏଥିରେ ଉପକାର ଅଛି, ମନରେ ଆନନ୍ଦ ହୁଏ, ରୋଗ ଉପଶମ ହୁଏ । ଚତୁର୍ଭୁଜବାବୁଙ୍କ ମତରେ ଏସବୁ କୁସଂସ୍କାର ହୋଇପାରେ ମାତ୍ର ହିନ୍ଦୁପିଲାଙ୍କୁ ଏପରି ଶିକ୍ଷାଦେବା ନିତାନ୍ତ ଅନ୍ୟାୟ ।

ଗ୍ରନ୍ଥକର୍ତ୍ତା ଅନ୍ୟାନ୍ୟସ୍ଥଳରେ ଏହିପରି ବୁଝାଇ ଅଛନ୍ତି, ଯଥା "ଗୋଟିଏ ପଥରର ପିତୁଳାକୁ ଖାଇବାକୁ ନ ଦେଲେ ସେ ଶୁଖିଯାଏ ନାହିଁ, [illegible] ପଥରର ପିତୁଳା କୌଣସି କର୍ମ କରେ ନାହିଁ ।" ପୃ ୨୭ ଷ୍ଠା

ଏକଥା କହିବାର କିଛି ପ୍ରୟୋଜନ ନ ଥିଲା, ଏହା ପାଠକମାନଙ୍କେ ଛାତ୍ର ମନରେ ସ୍ୱତଃ ଏହିଭାବ ଜାତହେବ-ପଥରପିତୁଳା କିଛି ଖାଏ ନାହିଁ; ସେ ଶିକ୍ଷକଙ୍କୁ ପ୍ରଶ୍ନ କରିବ ଆମ୍ଭ ଦେଉଳରେ ଯେଉଁ ଦେବ ଅଛନ୍ତି ତାଙ୍କୁ

Digitized by srujanika@gmail.com

ପ୍ରତିଦିନ ଭୋଗ ଦିଆଯାଏ ସେ ତାହା ଖାଆନ୍ତି ନାହିଁ ? । ଶିକ୍ଷକ ନିରୁତ୍ତର ହେବେ କି ଉପଦେଶ ଦେବେ ? ଅଥବା କହିବେ ଜୀ ଖାଆନ୍ତି ନାହିଁ । ଏପରି ଶିକ୍ଷାଦେବା ଧର୍ମନିଃଶେଷପ୍ରତି ଅକ୍ରମଣ କରିବା ନୁହଇ କି ?

"ଶୁଭବେଳ, ବା ମନ୍ତ୍ର ବା ଗୁଣ୍ଡିଆଁ ଖୋଜିବ ନାହିଁ ମନ୍ତ୍ରରେ କଣ୍ଟ ଫଳଫଳେ ନାହିଁ" ପୃ ୪୬ ସ୍ଥା ଏ ଉପଦେଶ ମଧ୍ୟ ହିନ୍ଦୁଧର୍ମର ବ୍ୟାଘାତଜନକ । ଏହିପରି ଆଉ ଏକସ୍ଥଳରେ ଗ୍ରନ୍ଥକର୍ତ୍ତା ଶୀକ୍ଷେତ୍ରର ( ପୁରୀ ) ରଥଯାତ୍ରାକୁ ନ ଯିବାପାଇଁ ଉପଦେଶ ଦେଇଅଛନ୍ତି ।

"କଂସା ପିତ୍ତଳରେ ନ ଖାଇ ଚିନାବାସନରେ ଖାଇପାରିଲେ ଅନେକ ଲାଭ ଅଛି"— ପୃ ୨୯ ସ୍ଥା

କାହିଁକି ? ଯେ ସାହେବଙ୍କ ସେ ସିନା ଚିନାବାସନ, ଟିନବାସନରେ ଖାଇବ, କଳବସନ ପିନ୍ଧିବ—ଯେଉଁ ଡାମରାକୁଆ ମୟୂରହେବାକୁ ଇଚ୍ଛା କରିବ ସେସିନା ମୟୂରପୁଚ୍ଛ ଖୋଜିବ । ଭଲ ଅମ୍ଭମାନଙ୍କ ଖାଇବାପାଇଁ କଥା ଲେଖିଲାବେଳେ ପଥରବାସନ କଥା କି ମନେ ପଡିଲା ନାହିଁ ଯେ ଯେଉଁପାତ୍ରରେ ଭୋଜନ କରିବାକୁ ହିନ୍ଦୁମାନଙ୍କର ଆପତ୍ତି ସେହି ଉପଦେଶ ପିଲାମାନଙ୍କୁ ଦିଆଗଲା । ଏଠାରେ ଖଡିମାଟି ପଥର ଓ ମୁଗୁନିପଥରର ବାସନତ ପ୍ରାପ୍ତହୁଅଇ । ଆଉ କଂସା ପିତ୍ତଳର ଦୋଷ କଣ ?

"ସହରମଧ୍ୟରେ ସାଧାରଣଲୋକଙ୍କ ବୁଲିବାଲାଗି ସ୍ଥାନେ୨ ବଗିଚା ବା ପଡିଆଭୂଇଁ ରଖିବାର ଉଚିତ । ସେଠାରେ ବାଳକ ବାଳିକା ଯୁବକ ଯୁବତୀ ଓ ବୃଦ୍ଧ ବୃଦ୍ଧା ସକାଳ ଓ ସନ୍ଧ୍ୟାବେଳେ ବାୟୁସେବନ କରିପାରିବେ ।" ପୃ ୪୩ ସ୍ଥା ।

ଏହାକୁ ସ୍ତ୍ରୀ ସ୍ୱାଧୀନତାର ଶିକ୍ଷାଦେବା ଭିନ୍ନ ଅନ୍ୟକିଛି ବୋଲିଯାଇ ନ ପାରେ । ଗ୍ରନ୍ଥକାର ଅବଶ୍ୟ ଜାଣନ୍ତି ଯେ ଏ ପ୍ରଦେଶରେ ସ୍ତ୍ରୀ ଓ ପୁରୁଷଙ୍କ ସ୍ନାନ ଇତ୍ୟାଦି ନିତ୍ୟକ୍ରିୟାସକାଶେ ପୃଥକ୍୨ ସ୍ଥାନ ନିର୍ଦ୍ଦିଷ୍ଟ ଅଛି । ତାହାର ବିପରୀତ ଉପଦେଶ ଦେବା ଦେଶୀୟଲୋକଙ୍କ ରୁଚି ଓ ସ୍ୱଭାବବିରୁଦ୍ଧ ଓ ତାହାଁରେ ଅନିଷ୍ଟ ବିନା ଇଷ୍ଟ କିଛି ନାହିଁ ।

"ଏ ଦେଶରେ ବାଲ୍ୟବିବାହ ଥିବାରୁ ଅଳ୍ପବୟସରେ ସ୍ତ୍ରୀ ପୁରୁଷ ବିବାହ କରନ୍ତି ଏଣୁ ସେମାନଙ୍କ ପୁଷ୍ଟ କନ୍ୟା ଅତି ଦୁର୍ବଳ ହୁଅନ୍ତି ଓ ସେମାନଙ୍କର ରୋଗ ହୁଏ । ବାଲ୍ୟବିବାହ ଉଠି ନଗଲେ ଏ ଦୁଃଖ ଯିବ ନାହିଁ" ପୃ ୪୭ ସ୍ଥା ।

ବାଲ୍ୟବିବାହ ହିନ୍ଦୁଧର୍ମାନୁମୋଦିତ ସାଧାରଣ ପାଠ୍ୟପୁସ୍ତକରେ ତାହାଁର ନିନ୍ଦା କରିବା ହିନ୍ଦୁମାନଙ୍କ ଧର୍ମବିଶ୍ୱାସ ପ୍ରତି ସ୍ପଷ୍ଟ ଅଘାତ ଅଟଇ । ସେପ୍ରକାର ଶିକ୍ଷା ଦେବାର ସ୍ଥାନ ସ୍ୱତନ୍ତ୍ର । ପରନ୍ତୁ ବାଲ୍ୟବିବାହର ଅନିଷ୍ଟକାରିତା ଯାହା କିଛି ବୋଲିଯାଇ ପାରେ ଓଡିଶାରେ ଗୋଟିଏ ସ୍କୁଲର ନିୟମଦ୍ୱାରା ତାହା ନିବାରିତ ହୋଇଅଛି । ତେବେ ବାଲ୍ୟବିବାହର ନିନ୍ଦା ନ କଲେ କି ସ୍ୱାସ୍ଥ୍ୟସାଧନ ବିଷୟ ପିଲାମାନଙ୍କୁ ଶିକ୍ଷା ଦିଆଯାଇ ପାରେ ନାହିଁ । ବଡ ଆଶ୍ଚର୍ଯ୍ୟର ବିଷୟ ଯେ ଗ୍ରନ୍ଥକାର ବିଧବାବିବାହ କଥାଟା ଛାଡି ଯାଇ ଅଛନ୍ତି ।

---

## ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ବୃଷ୍ଟିର ପରିମାଣ ଊଣା ହେଲେହେଁ ସର୍ବଦା ଆକାଶରେ ମେଘ ଘୋଟି ରହୁଅଛି ଓ ସମୟ୨ରେ ଅଳ୍ପ୨ ବର୍ଷା ହୋଇଅଛି । ଫସଲର ଅବସ୍ଥା ସର୍ବତ୍ରରେ ଉତ୍ତମ ଥିବାର ସମ୍ବାଦ ଆସିଅଛି ।

ଗତ ସୋମବାର ଦିନ ଏଠା ଦୌରା ମିସଲ ଆରମ୍ଭ ହୋଇ ଧୁଙ୍ଗଡ଼ାର ଖୁନ ମୋକଦ୍ଦମା ପଡ଼ିଅଛି । ଜଣେ ମୁସଲମାନ ବୁଢାକୁ ଆଉ ଜଣେ ମୁସଲମାନ ଟଙ୍କା ଲୋଭରେ ତଣ୍ଟିଚିପି ମାରିପକାଇବାର କଥିତ ହୁଅଇ । ବୁଢୀ ଘରେ ଟଙ୍କା ପୋତି ତାହିଁ ଉପରେ ବିଛଣା ପକାଇ ଶୋଇଥିଲା । ହତ୍ୟାକାରୀ ଖୁନ କଲା ମାତ୍ର ସେ ଯେଉଁଠାରେ ଖୋଳିଲା ସେଠାରେ ଟଙ୍କା ନ ଥାଇ ଏକହାତ ଅନ୍ତରରେ ଥିବାରୁ ତାହାକୁ ପ୍ରାପ୍ତ ହେଲା ନାହିଁ । ମୋକଦ୍ଦମାର ବସ୍ତର ଅଜ ଶେଷ ହୋଇ ପାରେ ।

ଶ୍ରୀଯୁତ ବର୍ଥସାହେବ କଲେକ୍ଟର ଗତ ସୋମବାର ଦିନ ଦଶଘଟିକା ସମୟେ ଏଠାରେ ପହୁଞ୍ଚିଲେ । ଶ୍ରୀଯୁତ ଡଂଇସ ସାହେବ ତାଙ୍କୁ ଅଗୁଆଣି କରି ଆଣିବା କାରଣ ଭଦ୍ରକର ଉପରଓଳ ଏଠାକୁ ଯାଇ ଥିଲେ ।

ଏଠା ଅବକାରୀ ଏସକାରେ ସେଉଁ କାର୍ଯ୍ୟମାନ ଖାଲି ଥିଲା ତାହାଁର ବନ୍ଦୋବସ୍ତ ହୋଇଗଲା । ଛାଉନି ଓଭରସିଅର ବାବୁ କ୍ଷେତ୍ରମୋହନ ଘୋଷ ଇନ୍‌ସ୍ପେକ୍ଟର ଓ ତମକୀ ତସଲ ବାବୁ ହରମୋହନ ଘୋଷ କାନୁନଗୋଇ ପଦରେ ନିଯୁକ୍ତ ହେଲେ । ଶ୍ରୀଯୁକ୍ତ କଲି ସାହେବ ଏ ବନ୍ଦୋବସ୍ତଦ୍ୱାରା ଏଠା ଲୋକଙ୍କଦ୍ୱାରା ଯଥାର୍ଥ ଧନ୍ୟବାଦ କରି କୃତଜ୍ଞତାଭାଜନ ହୋଇଅଛନ୍ତି ।

ମିଃ, ଯେ, ସି, ଉଇଲ୍‌ସନ ସାହେବ କଟକର ଇନ୍‌କମ୍ ଟାକସ୍ ଡେପୁଟୀକଲେକଟର କାର୍ଯ୍ୟରେ ନିଯୁକ୍ତ ହେଲେ ।

### କଲିକତା ଗେଜେଟ ।

ବର୍ତ୍ତମାନଚଉଗଡର କମିସନର ମିଁ, ଯେ, ବମ୍ସ ସାହେବ ଅଗାମି ମାସ ତା ୧ ଘଟାରୁ ମା ୬ ସକ ଛୁଟି ପ୍ରାପ୍ତ ହେଲେ ।

ବାବୁ ମନ୍ମୋହନ ଚକ୍ରବର୍ତ୍ତୀ ଏମ, ଏ, କଟକର ସଦର ମହକୁମାର ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ପଦରେ ଏକଟିଂ ନିଯୁକ୍ତ ହେଲେ । ଏହାଙ୍କୁ ତୃତୀୟଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ଦିଆଗଲା ।

ମି, ଜ, ଏ, ପେଣ୍ଟନ ସାହେବ ଓଡ଼ିଶା ଗଡ଼ଜାତ ପୋଲିସର ଅସିଷ୍ଟେଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହେଲେ ।

ପୁରୀର ଡାକ୍ତର ସାହେବ ଟି, ଇଭାନ୍ସ ମା ୧।୨୬ ଦିନର ଛୁଟୀ ପ୍ରାପ୍ତ ହେଲେ ।

ବନାରସ କଟକ ପୁରୀ ରେଲବାଟ ଜରିପ କାର୍ଯ୍ୟରେ ମି, ଟି, ଇ, ଓସ୍ୱେନ ୧ମ ଶ୍ରେଣୀର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ନିଯୁକ୍ତ ହେଲେ ।

ଗୋଦାବରୀଠାରୁ ଗଞ୍ଜାମଟା ପର୍ଯ୍ୟନ୍ତ ଓଡ଼ିଶା କୋଷ୍ଟକେନାଲ ଗତ ମାସ ତା ୧୫ ଦିନଠାରୁ ଫିଟିଅଛି ।

ଉତ୍କଳ ପ୍ରଗନାର ଅନ୍ଥିଆ ଗ୍ରାମରେ ଗୋଟିଏ ବଡ଼ସକାଶ ସରକାରକୁ ଭୂମି କିଣି କରିବାର ଦରଖାସ୍ତ ଦେଇଅଛନ୍ତି ।

---

ଶାହାବାଦ ପ୍ରଗନାରେ ଛୌଡଗାଁ ମୌଜାରୁ ଗୋଟିଏ ଦେଲ୍ଟ ବନ୍ଧ୍ୟାଘାତରେ ପ୍ରାଣତ୍ୟାଗ କରି ଅଛି ।

କେନ୍ଦ୍ରାପଡ଼ାରେ ଯେଉଁ ପୋଷ୍ଟ ଦୋକାନ ଅଛି ସେଠାରେ ଗତ ସୋମବାର ଦିନ ଲଟରି ଭୁଶଳ ହୋଇ ଯାଇ ଅଛି ୧୦୦୦ ହଜାର ଦ୍ରବ୍ୟ ନିମନ୍ତେ ଲୁଚ ହୁଏ ଏକହଜାର ଟିକଟ ଥିଲା ଟିକଟିର ମୂଲ୍ୟ ଟ ୦/ ଲା ଲେଖାଏଁ । ଜିନିଷ ମଧ୍ୟରେ ଗୁଡ଼ମୂଡ଼ା ବଅଁସିସଇ, କଲମ, କପଡା, କଣ୍ଢେଇ, ଏ ପୁଭାବ ଦସ୍ତର । ଛଡା ଦ୍ରବ୍ୟତି ୨।୪ ଟା ଭଲ ଦ୍ରବ୍ୟ ମଧ୍ୟ ଥିଲା ଏଠା ଅନୁକରଣ ଆଉ କେହି କରିବେକି ?

ଗତ ଶନିବାର ଭାରି ବର୍ଷା ହୋଇ ଅଛି ।

। ପ୍ର । ସାଇଲେ । ମୌ । ଛେଦାମଣିକୁଣ୍ଡା ନାମକ ଗ୍ରାମରେ ଶିବବେହେରା ନାମକ ଏକ ରଙ୍ଗୁଆଳର ପତ୍ନୀ ଗତ ରବିବାର ୧୧।୭।୮୬ ଦିନ ଏକାବେଳକେ ଦୁଇଗୋଟି ବାଳକ ଓ ଏକଗୋଟି ବାଳିକା ପ୍ରସବ କରିଅଛି; ବାଳିକାଟି ଜନ୍ମ ହେବାର ଚତୁର୍ଦ୍ଦଶଘଣ୍ଟାରେ ବିନାଶ ପ୍ରାପ୍ତ ହେଲା ଓ ଅବଶିଷ୍ଟ ବାଳକ ଦୁଇଗୋଟି ଦ ୪ ଜ ଭିତରେ ପ୍ରାଣତ୍ୟାଗ କଲେ । ଇତି ।

ଗୋପିନାଥବର୍ଗର ଜଣେ ଧନୀ ଅବିବାହିତ ବ୍ୟକ୍ତି ମରଣ ବା ମହସ୍ରରେ ନିଜଭ୍ରାତୃଷ୍ପୁତ୍ର ନାମରେ ଏହି ସର୍ତ୍ତରେ ଉଇଲ କରି ଦେଇ ଯାଇଅଛନ୍ତି ଯେ ସେ ଉତ୍ତରାଧିକାରୀ ହେବା ପୂର୍ବରୁ ପ୍ରତିଜ୍ଞା କରିବେ ଯେ କେବେ ତମାଖୁ ଇତ୍ୟାଦି ମାଦକଦ୍ରବ୍ୟ ସେବନ କରିବେ ନାହିଁ କନ୍ୟା ତାଙ୍କ ଶେଷକେ ନାହିଁ ଓ ଛମାସ ମଧ୍ୟରେ ବିବାହ କରିବେ ଯେପରି ଭ୍ରାତୃଷ୍ପୁତ୍ରକୁ ପିତୃବ୍ୟଙ୍କ ପରି ଅବିବାହିତ ହୋଇ ମରିବାକୁ ନ ହେବ । ପୁରୁଷର ପ୍ରଥମ ଦୁଇସର୍ତ୍ତକୁ ଅନିଚ୍ଛା ଥିଲେ ମଧ୍ୟ ବାଧ ହୋଇ ରକ୍ଷା କରିବାକୁ ହୋଇଅଛି । ଅବଶିଷ୍ଟ ଗୋଟିକ ସେନି କଡ ହଟ ବରରେ ପଡିଅଛନ୍ତି । ବଡଲୋକଙ୍କ ପୁତ୍ରମାନଙ୍କ ପ୍ରତି ପିତାର ଏହିପରି ମନର ଭାବ ପ୍ରକାଶ କଲେ ସେମାନଙ୍କ ବଂଶର ମର୍ଯ୍ୟାଦା ଅଟଳ ରହିବ ଅଛିକାରି ଦେଶର ଅବସ୍ଥା ଅନେକ ମନ

ବାବୁ ବଳଦେବ କପୁର ବର୍ତ୍ତମାନ ରଙ୍ଗପୁର ମ୍ୟାନେଜର ମିଲର ସାହେବଙ୍କ ସ୍ଥାନରେ ନିଯୁକ୍ତ ହେବା କଥା ଆମ୍ଭେମାନେ ଲେଖିଥିଲୁଁ କିନ୍ତୁ ଆମ୍ଭମାନଙ୍କର ଆଶା ପୂର୍ଣ୍ଣ ହେବାର ଦେଖାଯାଉ ନାହିଁ, ଶୁଣା ଯାଉଅଛି ମାଲଦହ ଜିଲ୍ଲାର ଅନ୍ତର୍ଗତ ଗଁମୁଲଟର ମାନେଜର ମି, ସଲିଲ ରକ୍ତ ପଦରେ ନିଯୁକ୍ତ ହୋଇଅଛନ୍ତି ।

Split by PDF Splitter

Digitized by srujanika@gmail.com

## କଟକର ସମ୍ବାଦ ।

ଚଳିତ ମାସ ତା ୧୯ ରିଖରେ ପ୍ରଚୁର ପରିମାଣେ ବୃଷ୍ଟି ହୋଇ ଚଷ୍ଠାଗ କେଳବଛ କାର୍ଯ୍ୟ ଶେଷ ହୋଇଅଛି ଓ ବେହୁଡ଼ା କାର୍ଯ୍ୟ ମଧ୍ୟ ପ୍ରାୟ ଶେଷ ହେଲଣି ।

ଗଞ୍ଜାମ ସ୍କୁଲର ପ୍ରଥମ ଶିକ୍ଷକ କାର୍ଯ୍ୟରେ ବାବୁ ଇମାନ ଥ ଘୋଷ ଉତ୍କଳୀୟ ବଙ୍ଗାଳୀ ନିଯୁକ୍ତ ହୋଇ ସ୍କୁଲର ଭାର ଗ୍ରହଣ କରିଗଲେଣି । ୨ୟ ଶିକ୍ଷକ ଏ ପର୍ଯ୍ୟନ୍ତେ ଶୁଭାଗମନ କରି ନାହାନ୍ତି ।

ଏହି ମସ ତା ୧ ରିଖଠାରୁ ଗଞ୍ଜା ଡାକଘର ଖୋଲିଅଛି ଓ ତହିଁର ଭାର ସ୍କୁଲ ହେଡ ପଣ୍ଡିତଙ୍କ ହସ୍ତରେ ନ୍ୟସ୍ତ ହୋଇଅଛି । ସ୍କୁଲ ଘଣ୍ଟା ମଧ୍ୟରେ ଡାକ ଆସୁଥିବାରୁ ଟିକିଏ ଅସୁବିଧା ହେଉଅଛି ।

କଟକ ଜିଲ୍ଲାର ଛମୁକା ମଧ୍ୟରେ କୌଣସି ସ୍ଥଳରେ କାଞ୍ଜିହାଉସ ନ ଥିବାରୁ ଲୋକେ କ୍ଷତିଗ୍ରସ୍ତ ହୋଇ ମେନେଜର ବାବୁଙ୍କ ନିକଟରେ ଗୁହାରି କରିଥିଲେ । ଗଞ୍ଜା ମୁକାମରେ ଗୋଟିଏ କାଞ୍ଜିହାଉସ ସ୍ଥାପିତ ହୋଇ ଡାକଘର ସାମିଲ ହେଲେ ପ୍ରଜାଙ୍କର କଷ୍ଟ ଦୂର ଏବଂ ଅଳ୍ପ ଖର୍ଚ୍ଚରେ କାର୍ଯ୍ୟ ନିର୍ବାହ ହେବ ।

ବୃନ୍ଦାବନ ବନ୍ଦରଠାରେ ବିସୂଚିକାରୋଗ ଘୋର ପ୍ରବଳ ହୋଇ ଯାତ୍ରିଙ୍କ ସହିତ ବାହିନୀମାନଙ୍କର ସୁଦ୍ଧା କଷ୍ଟ ହେଉଅଛି ବୃନ୍ଦାବନର ବାୟୁ ଏତେଦୂର ଦୂଷିତ ହୋଇଅଛି ଯେ ପଥମଧ୍ୟରେ ଗମନାଗମନ କରିବାର ବଡ଼ କଷ୍ଟ, ବର୍ତ୍ତମାନରୁ ବୃନ୍ଦାବନରେ ମ୍ୟୁନିସପାଲିଟି ଜାରି ହେବାର ଶୁଣାଯାଏ ।

ବାତ୍ୟାପୀଡ଼ିତ କେତେକ ନିରୂପାୟୀ ପ୍ରଜାମାନଙ୍କୁ ଅଭ ଗ୍ରହଣ ସକାଶେ ଗତକାଲ ଦିଆଯିବାର ଯେଉଁ ପ୍ରସ୍ତାବ ହୋଇଥିଲା ତାହା ମଞ୍ଜୁର ହେବାରୁ ଗତକାଲ ବିତରଣ ପ୍ରାୟ ଆରମ୍ଭ ହୋଇଅଛି ବାସ୍ତବିକ ନିତାନ୍ତ ନିରୂପାୟୀ ପ୍ରଜାମାନଙ୍କୁ ସାହାଯ୍ୟ କରି ନ ଥିଲେ ପ୍ରଜାମାନଙ୍କର ଉତ୍କଟ କଷ୍ଟ ହୋଇଥାନ୍ତା ।

ବୃନ୍ଦାବନ ରାସ୍ତାରେ ଆଉ ଗୋଟିଏ ବିଶେଷ ଅଭାବ ଦୂର ହେବାର ଦେଖି ପଥିକମାନେ ରେଲୱେର କର୍ମଚାରୀମାନଙ୍କୁ ବହୁତ ଧନ୍ୟବାଦ ଦେଉଅଛନ୍ତି ବର୍ଷା ସମୟରେ ଲୋକଙ୍କର ଉତ୍କଟ କଷ୍ଟ ହେଉଥିଲା, କିନ୍ତୁ ପୋଲକର୍ମ ଯେବେ ଖରା ସମୟରେ ଆରମ୍ଭ ହୋଇଥାନ୍ତା ତାହା ହେଲେ ଭଲ ହୋଇଥାନ୍ତା ।

## ରଣପୁରର ସମ୍ବାଦ ।

ଏ ଜିଲ୍ଲାର ବର୍ଷକର ରଥଯାତ୍ରା ବହୁ ଆଡ଼ମ୍ବରରେ ନିର୍ବାହ ହୋଇ ଶେଷ ହେଲା ପ୍ରଥମରେ ବିଶେଷ ଭିଡ଼ ନ ଥିଲା ମାତ୍ର ବାହୁଡ଼ାଦିନଠାରୁ ଶ୍ରୀଜଉ ରଥାରୂଢ଼ ହୋଇ ବାହୁଡ଼ା ଦିନେ କରିବାରୁ ଦ ୧୨ ଦିନ ପର୍ଯ୍ୟନ୍ତ ଅବିଶ୍ରାନ୍ତ ଦିବାରାତ୍ର ଘୋର ଯାତ୍ରା ଲାଗିଥିଲା, ଏବଂ ଅନେକ ଦୋକାନ ଓ ଅସଂଖ୍ୟ ଯାତ୍ରୀ ହାଉ ସିଂହଦ୍ୱାରଠାରୁ ଗୁଣ୍ଡିଚାଘର ପର୍ଯ୍ୟନ୍ତ ବଡଦାଣ୍ଡ ପୂର୍ଣ୍ଣ ହୋଇଥିଲା ନୃତ୍ୟ ଗୀତ ଇତ୍ୟାଦି ଆମୋଦ ସର୍ବଦା ଲାଗିଥିଲା ବିଶେଷତଃ ଦେଉଆନ ମହୋଦୟ ଗୋଟିଏ ବଇଠକଘର ଗୃହ ଅ ଡାକବାମ, ଫୁଲ ଓ ପତ୍ର କାର୍ଯ୍ୟରେ ଖଞ୍ଜିତ ଓ ସ୍ଥାସହଣ୍ଡାରେ ସୁସଜ୍ଜିତ କରି ପ୍ରଥମ ଦିନ ଠାକୁରଙ୍କ ଚନ୍ଦ୍ରକାରୁ ଗୋଟିଏ ଲୀଳା ବିଷୟ କରି ଏହାକୁ ନର୍ତ୍ତକମାନଙ୍କଦ୍ୱାରା ଗାନ ଓ ନର୍ତ୍ତନ କରାଇଥିଲେ ଓ ତହିଁ ଭିତରୁ ଉଦ୍‌ଯୋଗ ପ୍ରଭୃତି ରୂପ ଦେଖାଇ ଥିଲେ, ଛାନେ ୨ ରୋଶନାଇ ହୋଇ ତୁବ୍ରାବାଣ ଓ ଗଛବାଣ ଅନେକ ଜଳାଯାଇ ଯାତ୍ରାର ଶୋଭା ସମ୍ପାଦନ ହୋଇଥିଲା ଏ ଜିଲ୍ଲାରେ ଏକ ବୃହତ୍ ଯାତ୍ରା ଓ ଏହା ଦେଖିବାକୁ

ଖିବାକୁ ବିଦେଶରୁ ଅନେକ ଯାତ୍ରୀ ଆସିଥାନ୍ତି ପୂର୍ବେ ଏ ଦାଣ୍ଡ ଖାଲଢିପିଆ ଥିବାରୁ ଅନେକ ଅସୁବିଧା ହେଉଥିଲା ଓ ରଥଦଉଡ଼ୀ ଅନେକ ଛିଡ଼ୁଥିଲା କିନ୍ତୁ ବର୍ତ୍ତମାନ ଉତ୍ତମ ସଡ଼କପର ହୋଇଥିବାରୁ ରଥ ଚଳିବାର କୌଣସି ବାଧା ଘଟୁ ନାହିଁ ।

ଏ ଅଞ୍ଚଳରେ ଆବଶ୍ୟକୀୟମତେ ବୃଷ୍ଟି ହୋଇଥିବାରୁ ରୁଆ ବେହୁଡ଼ାର କାର୍ଯ୍ୟ ସୁନ୍ଦରରୂପେ ଚଳୁଅଛି ଗଡ଼ଠାରୁ ସୁନାଖଳାକୁ ଯାଉଥିବା ସଡ଼କର କାର୍ଯ୍ୟ ଲାଗିଅଛି ଓ ଗୌରିଶିଖର ନିକଟରେ ହେଉଥିବା ବଙ୍ଗଳାର କାର୍ଯ୍ୟ ପ୍ରାୟ ଶେଷ ହେଲଣି ।

ଏ ଜିଲ୍ଲାର ଡାକ୍ତର ଶ୍ରୀଯୁକ୍ତ ଶ୍ରୀ ବାବୁ ଶ୍ୟାମସୁନ୍ଦର ଦାସ କେତେଗୋଟି ଦେଶୀୟ ଔଷଧ ଆବିଷ୍କାର କରି ପାକଜ୍ୱର ଦୂଷିତ—ଘା ରୋଗିମାନଙ୍କୁ ଆରୋଗ୍ୟ କରୁଅଛନ୍ତି ଅଧିକ ମଧ୍ୟ ଯେଉଁମାନେ ଅଫିମ ଖାଆନ୍ତି ସେମାନଙ୍କର ଅଫିମଖିଆ ଛଡ଼ାଉ ଅଛନ୍ତି ।

ବର୍ତ୍ତମାନ ଏକଦଳ ନାଟକ ଅଭିନୟ ଦେଖାଇବା ଲୋକ ଆସି ଅଛନ୍ତି ଓ ସେମାନଙ୍କ କାର୍ଯ୍ୟ ଦେଖିବା ସକାଶେ ଉଦ୍‌ଯୋଗ ଲାଗିଅଛି ।

---

### ପତ୍ରପ୍ରେରକଙ୍କ ପ୍ରତି ।

S. D.—That you did not mean to displace the Uriya language by Bengali you have explained in your 2nd letter published on the 3rd Instant. It is therefore unneccassary to publish any further correspondence on the subject.

---

### ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁତ ଉତ୍କଳଦୀପିକାସମ୍ପାଦକ-
ମହାଶୟ ସମୀପେଷୁ ।

ମହାଶୟ !

ଆପଣଙ୍କର ଗତ ସାପ୍ତାହିକ ସମ୍ବାଦାନ୍ତର୍ଗତ ଗୋ ୨ ଟି ପ୍ରଶ୍ନ ଦେଖିଥିଲି । ସେ ପ୍ରଶ୍ନ ଏବଂ ଉତ୍ତର ନିମ୍ନଲିଖିତାନୁସାରେ ଆପଣଙ୍କର ସୁବିଖ୍ୟାତପତ୍ରିକାରେ ପ୍ରକାଶିତ କରାଇ ଅଭୀଷ୍ଟସିଦ୍ଧି ସଫଳ କରାଯିବ ।

### ପ୍ରଶ୍ନ ।

ଏକଗର୍ଭରୁ ଦୁଇ ସନ୍ତାନ ଜାତହେଲେ, ଯେ ସେଥିମଧ୍ୟରୁ ଗୋଟିଏ କଯୁତ୍ର କ୍ଷଣ ଜୀବିତ ଥାଇ; ମୃତ୍ୟୁଲାଭ କରିଅଛି । ଆଉ ଗୋଟିଏ ଜୀବିତ ଅଛି, ଅଥ ଚ; ଏକଗର୍ଭରୁ ଦୁଇ ସନ୍ତାନ ଜାତହେଲେ ଯେ; ତହିଁମଧ୍ୟରୁ ଗୋଟିଏ ଉଦରରୁ ମୃତ୍ୟୁଲଭ ଜାତହେଲା । ଆଉ ଗୋଟିଏ ଜୀବିତଅଛି । ଏହି ଦୁଇ ପ୍ରଶ୍ନର ଶୁଦ୍ଧି କି ପର ହେବ ?

### ଉତ୍ତର ।

ଏହି ଦୁଇ ପ୍ରଶ୍ନର ଉତ୍ତର ଏହି । ଗଦାଧରପଦ୍ଧତିରେ ଲିଖିଅଛି କି ଏକଗର୍ଭରୁ ଦୁଇ ସନ୍ତାନ ଜାତହେଲେ ଗୋଟିଏ କଯୁତ୍ରକ୍ଷଣେ କାହିଁ ମୃତ୍ୟୁ ହେଲା । ତାହିଁ ଗୋଟିଏ ଜୀବିତଅଛି । ଏ ସ୍ଥଳ ପ୍ରତି ପିତାର ଅଶୌଚ ଦଶ ଦିନ ଏବଂ ମାତାର ଅଶୌଚ ଏକତ୍ରିଂଶତ ଦିବସ, ଜ୍ଞାତିମାନଙ୍କର ସଦ୍ୟଶୌଚହେବ । ଦ୍ୱିତୀୟପ୍ରଶ୍ନର ଉତ୍ତର ଏହିପ୍ରାୟ ।

୧୭ହିଁ ମାହେ ଜୁଲାଇ ସନ୧୮୮୬ମସିହା ।—
ଶ୍ରୀଦଣ୍ଡପାଥପଞ୍ଚାନନଶର୍ମୀ
ପଣ୍ଡିତ ଏବଂ ଯାଜକବିଭାଗର } ତାଳଚେର,
ପୁସ୍ତକାଗୃର୍ଯ୍ୟ

---

ମହାଶୟ !

ଗତ ଶୁକ୍ରବାର(୧୬।୭।୮୬)ଦିନ, ସନ୍ଧ୍ୟାରେ ଯେଉଁ ପ୍ରକାଣ୍ଡ ଜଳବୃଷ୍ଟି ଦୃଷ୍ଟିଗୋଚର ହୋଇଥିଲା, ସେ ବୃଷ୍ଟିରେ ତଣାହଟ୍ଟା ନିକଟସ୍ଥ "ଗାରଡପଞ୍ଚ ଣ" ନାମକ ଗ୍ରାମରେ " ଯୋଗୀଦ ସେନାପତି" ନାମକ ଗୋଟିଏ ବଳଭଦ୍ରଗୋତ୍ରି, ବ୍ରାହ୍ମଣର ଗୃହଉପରେ ଗୋଟିଏ ଚଡ଼କ ପଡିଥିବାରୁ ହାତ ପ୍ରାଚୀର ଓ ଗୃହକୁ ଅର୍ଦ୍ଧବିଖଣ୍ଡ ମାତ୍ର ପୋଡି ଯାଇଅଛି, ତାହାର ସୌଭାଗ୍ୟବଶତଃ ସେ ଗୃହରେ କେହି ଲୋକ ଶୟନକରି ନ ଥିଲେ ।

ପାଠକେ !

ଜନରବ ଅଛି ଯେ, ତଡିତ ଗୃହଉପରେ ପଡେ ନାହିଁ କିନ୍ତୁ ଏ ଘଟନା କିନିମନ୍ତେ ଘଟିଲା ଏଥିର ହିତାହିତ ବିବେଚନା କରି ବାଧିତ କରିବା ହେବେ ।

୨୩।୭।୮୬ ଶ୍ରୀନୀଳକଣ୍ଠଦାସ ।

---

ମହାଶୟ !

ଏକ ଆର୍ଯ୍ୟ ବ୍ୟକ୍ତିର ଯାମଳ ସନ୍ତାନ ଜନ୍ମହୋଇ, କତିପୟ ପରେ ଗୋଟିଏ ମରିଗଲା ଆଉ ଗୋଟିଏ ଜୀବିତଅଛି । ଅନ୍ୟଏକ ବ୍ୟକ୍ତିର ଯାମଳ ବାଳକ ମଧ୍ୟରୁ ଗୋଟିଏ ମରିଜନ୍ମହେଲା ଆଉ ଗୋଟିଏ ଜୀବିତାବସ୍ଥାରେ ଅଛି । ଏ ଉଭୟ ଅଶୌଚ ପାଳନ କିପରି ହେବ ? ଏତାଦୃଶ ପ୍ରଶ୍ନକାରଙ୍କ ପ୍ରତି ଉତ୍ତର । ପ୍ରଥମ —" ଅନ୍ତଃସୂତି ମୃତେ ପିତୁସ୍ତ ଜନନୀ ଶୌଚଂ ଦ୍ୱୟଂ ନାନ୍ୟତଃ" ଦଶରାତ୍ର ମଧ୍ୟରେ ଜନ୍ମ ହୋଇ ମଲେ ମାତାପିତା ଦୁହିଁଙ୍କୁ ଜନ୍ମକାଳଠାରୁ

Digitized by srujanika@gmail.com

ଦଶରାତ୍ର ପର୍ଯ୍ୟନ୍ତ ଅଶୌଚ ଲାଗିବ; ଜ୍ଞାତିମାନଙ୍କୁ ଉଭୟ ଅଶୌଚ ଲାଗିବନାହିଁ । ତଥାଚ ଶ୍ଳୋକ । "ବାଲସ୍ତ୍ୱନ୍ତର୍ଦଶାହେତୁ ପ୍ରେତତ୍ୱଂ ଯଦି ଗଚ୍ଛତି । ସଦ୍ୟଃ ଶୌଚଂ ସପିଣ୍ଡାନାଂ ପ୍ରେତତ୍ୱଂ ନୈବ ସୂତକଂ" ଦଶରାତ୍ର ମଧ୍ୟରେ ବାଳକମଲେ ସପିଣ୍ଡମାନଙ୍କୁ ସୂତକ ଓ ମୃତକ ଉଭୟ ଲାଗିବ ନାହିଁ । ମହାଶୟ ଏଥିରୁ ପ୍ରତୀତ କରନ୍ତୁଯେ ସୂତକଠାରୁ ମୃତକ ବଳବାନ୍, ଅତଏବ ଏକ ଜାତିଥିଲେ ମଧ୍ୟ ଉକ୍ତପ୍ରାୟ ଅଶୌଚ ପାଳିବାକୁ ହେବ । ଦ୍ୱିତୀୟ—" ପରଂ ମୃତଜନୌ ସର୍ବସ୍ୟ ପୂର୍ଣ୍ଣଂ ଭବେତ୍" ମୃତ ଜନ୍ମହେଲେ ପିତୃମାତୃ ପ୍ରଭୃତିଙ୍କି ସମ୍ପୂର୍ଣ୍ଣ ଅଶୌଚ ପାଳିବାକୁ ହେବ । ଯାମଳମଧ୍ୟରୁ ଏକମୃତ ଜନ୍ମହେଲାପରେ ଅନ୍ୟ ଜୀବିତଥିଲେମଧ୍ୟ ଉକ୍ତ ସ୍ମୃତ୍ୟନୁଯାୟୀ ସମସ୍ତେ ସମ୍ପୂର୍ଣ୍ଣ ଅଶୌଚ ପାଳନ କରିବେ । ଇତି

୧୪-୭-୮୭ } ଉତ୍କଳଧର୍ମସ୍ଥାନୀୟ ସମାଜର
ଶ୍ରୀ ରାମଚନ୍ଦ୍ରପୁର } ଜଣେ ସଭ୍ୟ ।

---

ମହାଶୟ !

ପ୍ରଚଳିତ ମାସ ତା ୨ ରିଖରେ ଅଳମହାରାଜା ପିତାପୁତ୍ର ଓ ଅନ୍ୟାନ୍ୟ ବାବୁ ତିନି ଶହ ଲୋକ ସମଭିବ୍ୟାହାରରେ ମୃଗୟା କରିବା ନିମିତ୍ତ ଜଳପଥରେ ଭିତରକନିକାକୁ ବିଜେ କରିଥିଲେ ତତ୍ରସ୍ଥ ମୁଣ୍ଡମୌଜା ନିକଟରେ ମୁକାମ କରି ମହାରାଜା ଦୁଇଗୋଟି ଶିଂହାଳ ମୃଗ ଓ ତିନିଗୋଟି ବରାହ ଯେନାମଣି ବାବୁ ଏକଗୋଟି ଶିଂହାଳ ମୃଗ ଓ ଏକଗୋଟି ଶୃଙ୍ଗହୀନ ମୃଗ ଅନ୍ୟାନ୍ୟ ବାବୁ ତିନିଜଣ ଏକ ୨ ମୃଗ ଶିକାର କରି ବଡ ଆନନ୍ଦ ଲଭିଲେ । ତତ୍ରସ୍ଥ ଗୋଜପ୍ରଭୃତି ଗୋ ୮ ଟି ମୌଜାର ତେ ତୋଫାନରେ ଲୁଣି ମାଡ ଯାଇ ଭୂମି ନଷ୍ଟ ହୋଇ ଥିବାରୁ ସେଠାର ଲୋକମାନେ କେରୁଆ ପ୍ରଭୃତି ଫଳମୂଳ ଆହାର କରି ପ୍ରାଣରକ୍ଷା କରୁଥିଲେ ରାଜାଙ୍କୁ ଦେଖି ସମସ୍ତ ମୌଜାର ଅବାଳ ବୃଦ୍ଧ ଆହାର ଦ୍ରବ୍ୟ ପ୍ରାର୍ଥନା କରିବାରୁ ରାଜା ସେ ଲୋକମାନଙ୍କର ଅବସ୍ଥା ଦେଖି ଅତୀବ ଦୁଃଖିତ ହୋଇ ଉକ୍ତ ମୌଜାସ୍ଥ ଦୁଇଶତ ଲୋକଙ୍କୁ ମାଂସ ଓ ଡାଲି ଅନ୍ନ ଦିନଇ ଦ ୮ ଦିନ ପର୍ଯ୍ୟନ୍ତ ଉତ୍ତମରୂପେ ଭୋଜନ ଦେଇ ଶାଳ ପୂଜା ଉତ୍ସବ ଦ୍ୱାରା ସେମାନଙ୍କ ମନକୁ ଆନନ୍ଦ କରାଇ ନିଜେ ଆମୋଦ ପ୍ରମୋଦ କରି ସର୍ବଶେଷରେ ସେ ଲୋକମାନଙ୍କୁ ଏକଶତ ଟଙ୍କାର ତଣ୍ଡୁଳ ଓ ବସ୍ତ୍ରାଦି ବିତରଣ କରି ମହାନନ୍ଦରେ ପିତାପୁତ୍ର ଗତ ତା ୧୮ ରିଖରେ ନିଜଗଡ଼ ମୁକାମରେ ପ୍ରବେଶ ହେଲେ ।

ଅତଃସ୍ଥ ଶ୍ରୀ ଲକ୍ଷ୍ମୀବରାହ ଜିଉଙ୍କର ଚନ୍ଦନଯାତ୍ରା ଉତ୍ତମ ପରିପାଟୀରେ ଏବର୍ଷ ହୋଇଥିଲା ଶେଷ ଦିବସରେ ପୁଷ୍କରିଣୀର ଚତୁଃପାର୍ଶ୍ୱ ମଶାଲ ତୁଲ୍ୟ ଦୀପପଂକ୍ତିରେ ମଣ୍ଡିତ ହୋଇ ଅତ୍ୟନ୍ତ ଶୋଭା ପ୍ରକାଶ କରୁଥିଲେସୁଦ୍ଧା ଫୁଲଫାନ୍ସର ସ୍ୱପ୍ନ ଥିଲା ଏ ବିଷୟରେ ଯାତ୍ରୀମାନେ ଅଗାମି ସତର୍କ ହେଉନ୍ତୁ ରାଜପୁତ୍ର ଶ୍ରୀ ଯେନାମଣି ବାବୁ ଉକ୍ତ ବରାହ ଜିଉଙ୍କର ଦେଉଳ ଚତୁଃପାର୍ଶ୍ୱରେ ଦେଉଳ ଠାରୁ ଦୀର୍ଘ ପ୍ରତି ଦୁଇମାଣ ଛଡା ପରିମାଣରେ ପକ୍କା ପ୍ରାଚୀର ଓ ପ୍ରତିର ମଧ୍ୟ ଅଗଣାଟି ଉଦ୍ୟାନ କରାଇ ଦେଇ ଥିବାରୁ ଉକ୍ତ ସ୍ଥାନ ଦିନକୁଦିନ ଏରୂପ ସୁଶୋଭିତ ହେଉଅଛି ଯେ ଦେଖିଲା ମାତ୍ରକେ ମନୋଗତ ଦୁଃଖ ଦୂରୀଭୂତ ହେଉଅଛି ।

---

ମହାଶୟ !

ଗତ ଜାନୁଏରି ମାସ ତା ୧୨ ତାରିଖରେ ମହାମାନ୍ୟ ଶ୍ରୀଯୁକ୍ତ କମିଶନର ସାହେବ, ଜଗତସିଂହପୁର ବାଳିକା·ବିଦ୍ୟାଳୟ ପରିଦର୍ଶନ କରି ଦର୍ଶକାଭିପ୍ରାୟ ବହିରେ ଲେଖିଥିଲେ " A sewing class is much required. Deputy·Inspector will be asked to arrange for a course of sewing business. "

କିନ୍ତୁ କ୍ରମଶଃ ମଇ ମାସ ଉପସ୍ଥିତ ହେଲା— ଦର୍ଶକାଭିପ୍ରାୟ ବହିର ସେହି ପୃଷ୍ଠାରେ ଡେପୁଟୀ ଇନସ୍ପେକ୍ଟର ବାବୁଙ୍କ ନେତ୍ରପାତ ହେଲା ନାହିଁ । ଏହି ହେତୁ, ଗତ ସଂ ୨୨ ସଂଖ୍ୟା ଦୀପିକାର ଜଗତସିଂହପୁରସମ୍ବାଦ ମଧ୍ୟରେ ଏ ବିଷୟର ଉଲ୍ଲେଖ କରାଯାଇଥିଲା । ୨ୟତଃ—ଜଗତସିଂହପୁର ସର୍କଲର ସବ୍ଇନସ୍ପେକ୍ଟର ବାବୁ ପ୍ରଭାକର ବିଦ୍ୟାରତ୍ନ, ଗତ ନଭେମ୍ବର ମାସ ତା ୧୧ ତାରିଖରେ ଉପରୋକ୍ତ ବିଦ୍ୟାଳୟର ଦର୍ଶକାଭିପ୍ରାୟ ବହିରେ ଲେଖିଥିଲେ "ଅମ୍ଭେ ଏଠାରେ ତିନିଜଣ ଅବସ୍ଥିତ କଥ ମଧ୍ୟ ଶିକ୍ଷକଙ୍କର ସ୍ୱଭାବଗୋଚର ବ୍ୟବହାର ନ ଦେଖି ଦୁଃଖିତ ହେଲୁଁ" । ଏହାର ଏକପ୍ରକାର ଅର୍ଥ ଉଦ୍ଧସ୍ୟଜନକ ବୋଧ ହେବାରୁ ଏହା ମଧ୍ୟ ପୂର୍ବୋକ୍ତ ସଂଖ୍ୟାରେ ପ୍ରକାରାନ୍ତରେ ପ୍ରକାଶିତ ହୋଇଥିଲା । ଏହି ସବୁ କାରଣବଶତଃ ସେଦିନ ଏଜିଷ୍ଟାର୍ ଡେପୁଟୀ ଇନସ୍ପେକ୍ଟର ବାବୁ, ଏବଂ ଜଗତସିଂହପୁରର ସବ୍ଇନସ୍ପେକ୍ଟର ବାବୁ ପ୍ରଭାକର ବିଦ୍ୟାରତ୍ନ ଏଥିଅନ୍ତଲକୁ ଗସ୍ତକରିବାଙ୍କୁ ଆସି ପୁନର୍ବାର ବାଳିକାବିଦ୍ୟାଳୟ ପରିଦର୍ଶନ ସମୟରେ ସମ୍ପାଦକଙ୍କୁ ହାକିମୀ·ସ୍ୱରରେ ମୁଦ୍ଦେ୨ କୈଫିଅତ ତଲବ କରି ପଚାରିଲେ " ଏ ବିଦ୍ୟାଳୟ ସମ୍ପର୍କୀୟ କଥା କିପରି " ଦୀପିକାରେ " ପ୍ରକାଶିତ ହେଲା ? ତୁମ୍ଭେ ଦର୍ଶକାଭିପ୍ରାୟ ବହି ଅପରଲୋକଙ୍କୁ କାହିଁକି ଦେଲ ? * * * " । ସମ୍ପାଦକ, ସେଠା ମାଇନର ସ୍କୁଲର ହେଡ୍‌ମାଷ୍ଟର; ଏହି ନିମିତ୍ତ କୋମଳ ସ୍ୱରରେ କୌଣସି ପ୍ରକାର ଉତ୍ତର ଦେଇ ତୁନି ହେଲେ । ସେ ଯେବେ, ଡେପୁଟୀ ଇନ୍‌ସ୍ପେକ୍ଟରଙ୍କ ଅଧୀନସ୍ଥ ଜଣେ କର୍ମଚାରୀ ହୋଇ ନ ଥାନ୍ତେ ତେବେ କ ଡେପୁଟୀ ଇନସ୍ପେକ୍ଟର ମହାଶୟ ସଦୁତ୍ତର ପାଇ ତୁନି ହୋଇ ନ ଥାନ୍ତେ ?

ଯାହା ହେଉ ଏଣିକି ପେନାଲକୋଡ଼ରେ ଦଫା ବୃଦ୍ଧି କରିବା ଉଚିତ ଯେ, ଯେ କୌଣସି ବ୍ୟକ୍ତି, କୌଣସି ବିଦ୍ୟାଳୟର ଦର୍ଶକାଭିପ୍ରାୟ ବହି ଦେଖିବ ବା ଦେଖାଇବ ଏବଂ ଯେ କହି କହିବ, ତାହାର ଶିର-ଛେଦନ ହେବ ! ଡାଇରେକ୍ଟର ସାହେବ ମଧ୍ୟ ତାଙ୍କର ଅଧୀନସ୍ଥ ସ୍ୱକୀୟ ଏବଂ ନ୍ୟାୟପର କର୍ମଚାରୀମାନଙ୍କୁ ମନ ଖୋଲି ଇଚ୍ଛାନୁଯାୟୀ ମନ୍ତବ୍ୟ ଲେଖିବା ନିମିତ୍ତ ଆହୁରି କିଛି ଅଧିକ କ୍ଷମତା ପ୍ରଦାନ କରିବା ଉଚିତ ।

ଦର୍ଶକାଭିପ୍ରାୟ ବହି ସବୁ ଏଣିକି ଗୁପ୍ତଭାବେ ରଖିବା ନିମିତ୍ତ ଶିକ୍ଷକ ଏବଂ ସମ୍ପାଦକମାନଙ୍କୁ ଉପଦେଶ ଦେବା ଉଚିତ । କାରଣ, ବାହାରର ଲୋକ ଦେଖିଲେ ବିଭାଗୀୟ ରହସ୍ୟ ପ୍ରକାଶିତ ହୋଇ ପଡିବ ! ସୁତରାଂ ବଡ ହରବର ! ବାର୍ଷିକ କାର୍ଯ୍ୟ ଆରମ୍ଭରେ ପାଠ୍ୟପୁସ୍ତକ ଲିଷ୍ଟ ପ୍ରକାଶିତ ହୁଏ, ପୁଣି ଦର୍ଶକାଭିପ୍ରାୟ ବହିରେ କାହିଁକି କେବେ ୨ ଲେଖାଯାଏ ଯେ, " ଅମୁକ ବହିଖଣ୍ଡି ବିଶେଷ ଉପଯୋଗୀ । ତାହା ଅମୁକଶ୍ରେଣୀରେ ପ୍ରଚଳିତ ହେବା ବିଧେୟ । " ପରିଦର୍ଶକ କର୍ମଚାରୀମାନେ ଏପରି କରିବା ନ୍ୟାୟସଙ୍ଗତ କାର୍ଯ୍ୟ ? ପ୍ରକାଶ୍ୟଭାବେ ଲିଷ୍ଟରେ ଶ ୧୦ ଖଣ୍ଡ ବହିର ନାମ ଦିଆଗଲା, କିନ୍ତୁ ତନ୍ମଧ୍ୟରେ, ପରିଦର୍ଶକ ବା ଉପଦେଷ୍ଟା କର୍ମଚାରୀଙ୍କର ନିଜର ବା ଆତ୍ମୀୟଙ୍କର ଯେଉଁ ପୁସ୍ତକ, ତାହା ଚଳାଇବା ନିମିତ୍ତ ସ୍ଥାନେ୨ ତାଙ୍କେ୨ ମନ ଫୁଟା ଗଲା । ଗରିବ ଶିକ୍ଷକ ତାହାଙ୍କ ଦଲୁରଙ୍କ ଆଜ୍ଞା ପ୍ରତିପାଳନ କରିବାକୁ ପଡିଲା । ନ କଲେ

ଜନ ପଣ୍ଡିତ୍ରୁ ନାମ କଟା ହେବ ।— ଏହାର ନାମ ବଭଗୀୟ ନୀତ ବା ରହସ୍ୟ !

ପରଦର୍ଶକଙ୍କ କର୍ତ୍ତବ୍ୟ କାର୍ଯ୍ୟ ଉତ୍ତମ ଅକଶାନ୍ୟ ବଣପୂର୍ବରେ ସେ ସନ୍ତୁଷ୍ଟ ହେଲେ ବ ନାହିଁ, ତାହା ମଧ୍ୟ ଦର୍ଶକାଭିପ୍ରାୟ ବହିରେ ନ ଲେଖିଲେ ନ ଚଳେ ! !

ଅଜକାଲି ସମ୍ବାଦପତ୍ର ବଡ଼ ଅଡୁଆ କରୁଅଛି ! ଲର୍ଡ ଡଫରିନ ଦେଶୀୟ ସମ୍ବାଦପତ୍ରମାନଙ୍କର ମୁଖବନ୍ଦ କରିବା ନିମିତ୍ତ ଚେଷ୍ଟା କରୁଥିବାର ଶୁଣା ଯାଉଥିଲା, ସେ ଯେବେ ତାହା କରିଦିଅନ୍ତେ, ତେବେ ଏସମୟରେ ବଡ଼ ଉପକାର ହୁଅନ୍ତା । ବିଶେଷତଃ "ଉତ୍କଳଦୀପିକା„ ଅଜକାଲି ଶିକ୍ଷାବିଭାଗୀୟ ଗୁପ୍ତ ନୀତି ଖୋଲି ତାଡ ବାହାର କରୁଅଛନ୍ତି ଏହି ନିମିତ୍ତ ବଡ଼ ହରିବର ପଡୁଅଛି । ଅତଏବ ସମ୍ବାଦପତ୍ରର ସ୍ୱାଧୀନତା ଲୋପ ହେଲେ ସବୁ ତୁଟି ଯିବ ।—

"ମଲ୍ଲି ମାଇଲେ ଯାଉ ସତ । ଦେବଙ୍କ ସଙ୍ଗେ କଥା କଲ ?" । —

ଆମ୍ଭେମାନେ ଭରସା କରୁଁ, ସମ୍ବାଦପତ୍ରର ସ୍ୱାଧୀନତା ଲୋପ ହେବା ନିମିତ୍ତ ଶୀଘ୍ର ଓଡ଼ିଶାରୁ ଆବେଦନପତ୍ରମାନ ପ୍ରେରିତ ହେବ । ଏସମୟରେ ଏଥିର ପ୍ରତିକାର ନ କଲେ ଲୋକମାନଙ୍କର ଲୁଚା-ରହସ୍ୟ ଲୁଚିବ ନାହିଁ, ସ୍ୱେଚ୍ଛାଚାରିତା ଦୂରୀଭୂତ ହେବ ନାହିଁ, ପ୍ରଭୁତ୍ୱ ଲୁଚି ହେବ ନାହିଁ ଏବଂ "ଦୀପିକା"ର ଯେଉଁ ପ୍ରବଳ ଶିଖା ତେଜରେ ପିଶାଚମାନଙ୍କ ମୁଖ ଅର୍ଦ୍ଧଦଗ୍ଧ ଏବଂ କଳଙ୍କିତ ହେଉଅଛି, ତାହା ଦୂର ହେବ ନାହିଁ ! ! !

ପ୍ରଥମ ଅଧ୍ୟା ସମାପ୍ତ ।

ଶ୍ରୀ ମର୍ମଭେଦୀ

# ବିଜ୍ଞାପନ ।

**SCHOOL BOOKS ! SCHOOL BOOKS !**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printing Company, Dargha Bazar Cuttack.

ନାନାପ୍ରକାର ଇଂରାଜୀ ଏବଂ ଓଡ଼ିୟା ବିଦ୍ୟାଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## NOTICE.

Wanted a Head master for the Srikrishnapur Middle Englsh School on a salary of Rs 25 per mensem.

Applications will be received by the undersinged up to the 10th Proximo.

26-7-86 } Sd Madhu sudan Rao
Dy Inspector of Schools
Cuttack.

## WELL TESTED REMEDY FOR CHOLERA,

It seems to have no rivals. It keeps its reputation whose chlorodyne fails.

Use the pill No I instead of chlorodyne
No II when chlorodyne fails
No III In hopeless cases
No IV if vomiting is not stopped
No V to quench unbearable thirst
No VI when stomach aches or swells or if the patient does not urinate.

Each of the numbers can be had for Ans-8 and all the six in a decent box with direction Rs 2-4

## WELL TESTED REMEDIES FOR OBSTINATE FEVERS AND OTHER DISEASES,

| | Rs | As | P |
|---|---|---|---|
| Pills for obstinatea fevers of any description | 1 | 4 | |
| Pills for cholic | 1 | 0 | |
| Pills for dyspepsia | 1 | 0 | |
| Remedy for Headache | 0 | 10 | |
| Ointment for Ringworm | 0 | 3 | |
| Cough pills | 0 | 3 | |
| Tooth powder | 0 | 3 | |
| Karpurasab | 0 | 6 | |
| Digestive drops, Digestive Bitter, Digestive Honey, Pills for Nausea | 8 Each | | |
| Makaradhaja | 16 per tola | | |
| Remedy for chronic Dyspepsia | 0—10 | | |

## TESTIMONIALS.

I cannot sufficiently praise the efficacious virtues of your cholera Pills. One of my neighbours, an old man between 60 and 70, had an attack of Cholera and was in a hopeless state, when I administered to him one of your pills ( No III ), which I am glad to say gave instant relief and brought about complete cure.

Kendrapara 30—5—86 —— Waris Ali ( Head master )

My dear Sir,

The medicine, you sent, is a most efficacious remedy for fevers of long standing. I do admire its wonderful effect in two days only.

Yours sincerely
Bhagbut Prasad Das
( Registration Clerk )

For other Certificates see the Dipka of the 6th March, 20th March, 10th April and 26th June and the "Sangskaraka" of the 3rd April last.

Apply to
LAKSHMINARAYAN GUPTA
Kabiraj. Kendrapara.

ମୟୂରଭଞ୍ଜ ଇଲାକାର ବ୍ରାହ୍ମଣଘାଟି ପରଗଣାର ଚେନ କୋମ୍ପାସ ଜରିବ ଓ ସର୍ଭେ ନକସା କରିବା ନିମନ୍ତେ ଜ ୩୦ ଣ ସର୍ଭେଅର ଦରକାର । ବେତନ ଟ ୨୦ ଓ ଟ ୨୫ ଙ୍କା ଧାର୍ଯ୍ୟ ଅଛି କାର୍ଯ୍ୟ ୧୨ ମାସ ନିମନ୍ତେ ରହିବ । ପ୍ରାର୍ଥୀମାନେ ପ୍ରଶଂସାପତ୍ର ସହିତ ଆମ୍ଭଠାକୁ ଦରଖାସ୍ତ ପଠାଇବେ । କିମ୍ବା ସ୍ୱୟଂ ଆସି ଆମ୍ଭଠାରେ ଉପସ୍ଥିତ ହେବେ ଇତି ।

ବାରିପଦା ୮।୭।୮୬ } Sd. H P Wylly
Manager, Mourbhanj Ra

## NOTICE.

Wanted a surveyor for the settlement office of Bamonghatte. None need apply who have not served experience in surveying and drawing.

Pay Rs. 40 and horse allowance Rs. 10.

The applicants should enclose the certificates of their Superior officers, if they are in public service.

Sd. S. Dutta
Settlement office
Bamanghatte

## ମେହରୋଗ ।

୨୪ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଳାର୍ଦ୍ଧ ଗୋଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସଙ୍କୋଚେ ଜୀବନର ମାୟା ପରିତ୍ୟାଗ କରିବା ନୁହେ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ ।

Split by PDF Splitter
Digitized by srujanika@gmail.com

ଶରୀର ଦୁର୍ବଳତାରେ ପରିଣତ ନ ହେଲେ ଆଉ ହିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରସ୍ତୁତ ହେବ କଲିକତା ଅପରଚିତପୁର ନମ୍ବର ଭବନରେ ସି, କେ, ସେନ୍ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଙ୍ଗ କମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକସିଶିକୁ ଟ ୨୲ ଙ୍କା । ପୁଲନା ଓ ଡାକଖର୍ଚ୍ଚା ପୃଥକ୍ ।

## ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଆର୍ତ୍ତବଲ୍ଲଭ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୬ | ପଣି | କାଦାମି ଡମାଇ | ଦ ୧୬ ଟ ୨୷୵ |
| ୧୭ | ପଣି | ,, | ,, ଟ ୨। |
| ୧୨ | ପଣି | ,, | ,, ଟ ୧୷୵ |

ବେପାରୀମାନେ ଅର୍ଥାତ ଯେଉଁମାନେ ଏକତ୍ରରେ ୧ ୫ ମ ବା ଅଧିକ କ୍ରୟ କରିବେ ଆହୁରି ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ତନରକୋଣା ଓ ବଲାତି ଓ ରେସମୀଓରେର ଲୁଗା ଓ ଷ୍ଟେସନରୀ ଓ କଲିକତା ଇମାମ୍ ସଚଗତର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଆଉ କେତେକ ଫେନସି ଜିନିସାତ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ କଲୋନି ଝାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କ ବିକ୍ରୟ କରାଯିବ । ଯଦି ଉକ୍ତ ଝାଡ଼ମାନ ବିକ୍ରୟ ହେବା ପୂର୍ବ୍ବ ଆପଣା ମଜଲିସ ସକାଶେ ଭଡା ଚାହାନ୍ତି ତେବେ ଏକ ରାତିକୁ ଫି ବତି ଟ୦୷୵ ହିସାବରେ ଭଡା ଦେଲେ ପାଇ ପାରିବେ । ମାତ୍ର ତାହାର କ୍ଷତି କ୍ଷୟ୍ୟାଦିର ଭାର ତାଙ୍କ ଉପରେ ଥିବ । କ୍ଷତି ହେଲେ ଝାଡ଼ର ପୁରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଛଫସିଲ ।

କଲର ଖେଲଣା ବ ଚ ହିଁରେ ଗୁଡ ଦେଲେ ଗଲେ ।
କଲେଡିଷ୍ଟାଡ
କରୋସୀନ୍ ତେଲ ଜଳିବା ଲେନ୍ ସାଦା ଓ ଭୋମ ସହିତ ।
ଡୁରଂ ଅର୍ଥାତ ନକସ କରିବା କାଗଜ ପେନ୍‌ସିଲ ଓ କଲମ ।
ପେନ୍‌ସିଲ କାଟିବା ଯନ୍ତ୍ର ।
ନାନା ପ୍ରକାରର ଚିଠି କାଗଜ ଓ ଲଫାଫା
ଡ୍ରେସିଂ କ୍ଲାଥ ।
ଟିଉର ଛଡ଼ି ।
ବିଲାତି ସାବୁନ ।
ଡାକ୍ତାର ସାବାନ ଯହିଁରେ ଲୁଗା ପରିଷ୍କାର ହୁଏ ।
ଅଟୋଡ ରୋଜ—ଅର୍ଥାତ ସୁଗନ୍ଧି ଦ୍ରବ୍ୟ ।
ଅଏଲ କ୍ଲଥ ।
ଓ୍ୟାଟର ପ୍ରୁଫ୍ ଛତା ।
କର୍ପୁର ଅର୍କ ।
କୋଲୋଡାଇନ୍ ।
ପୋଉଣ୍ଟୁଲନର କେଶ୍ତର ମେଜ ଓ ଚଉକ ଗୋଡରେ ଲଗେ
ଚ୍ଛ୍ରାଇ କାଠ ଅର୍ଥାତ ଲେଖିବାବେଳେ ଗାଲ ଓ ଶୁଖିଲେ କଳା ହେବ ।
ଅଲନା ଚକ୍ରା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ପକେଟବୁକ ଓ ରଙ୍ଗ ପାଞ୍ଚ ସହିତ ଟ ୦ ।୷୨
ମୋଜା ଓ ମୋଜାବନ୍ଧ
ଉତ୍ତମ ଧୂଅ ଜନକାରଟ
ବିଲାତି ସାଟିନ ଫିତା
ଫଣି ଓ ପାଉଡର ଚୌକି ଫିତା
କାଚ ଶିଲସ ସାଫ ଚି କଡ଼ ଲଣ୍ଠନ ଓ ସାଦା
ବିଲାତି ବେହେଲ
ଇଜର୍ସ ବୁଟପଲିସ
,, ଏକଫଲ ଛୁରି
ଜେଲସନ ଇପୋର ମେ କେଷର ଅଏଲ
ମାର୍କିଂ କାଲୀ ଲୁଗାରେ ଚିହ୍ନ ଦେଲେ ଧୋବ ପରେ କଦଳ ହେବ ନାହିଁ ।
ଏ, ଗୋଷଙ୍କ ଗୀମ୍ଭଟେଲ କାମିଜ ଓ କୁରୁତା ।
ବିଲାତି ଅଗ୍ରବୋଟ ।
ଏକାନ କାଉସ ।
ଷ୍ଟିଅନ ପେନ ।
ଅଟନେଟିକ ପେନ୍‌ସିଲ ଅ ର୍ଥାତ ଏ ପେନ୍‌ସିଲରେ ଲେଡି କଟିବା ପେଦ ନକୁ ହଜାର ଯେହି ପେନ୍‌ସିଲ ଲେଖା ହ ଉଲେ ଦେଉ ଚପାଇ ଦେଲେ ତହିଁର ନକ ଲ ଉଠେ ।
କଟିଙ୍ଗ ପେପର ।
କସ୍ପିନ ତେଲରେ ଜଳି ବାର ଝାଡ ।
ଉଡରଡ ପ୍ଲୋପର ଅର୍ଥାତ ଚିଠିର ନକଲ କାଢ଼ିବାର ଉପର ।
ମମଯାମା ।
ରେଡ୍ ବ୍ଲୁ ପେନ୍‌ସିଲ୍ ।
କମ ବୋତଲ
ବନାରସୀ ଶାଢ଼ୀ ଓ ଯୋଡ଼ ଓ ଜର
ମରସ୍ତିଦାବାସ ଓ ଖିର ପାଇ ପାଟଯୋଡ ଓ ଶାଢ଼ୀ ।
ପ୍ରିଣ୍ଟିଂ କାଠ

ଆର୍ତ୍ତବଲ୍ଲଭ କର କମ୍ପାନୀ

### ଏକଶିଶିର ମଲମ ।

ଦେଶୀୟ ଉପକରଣଦ୍ୱାରା ପ୍ରସ୍ତୁତ ମଲମମାନ । ଏଥିରେ ପାରଦ କିମ୍ବା ଅନ୍ୟାନ୍ୟ ବିଷାକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବିଆ ଟ୦୲୲ ପ୍ୟାକିଂ ଖର୍ଚ୍ଚା ଟ ୦। ଅଣା ।

### ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରଦ ଘା, ଗରମୀ ଘା, ନାଲି ଘା, ବେକ ଓ ନାକ ଭିତରର ଘା, ଗୋଲ ଘା, କାନ ଘା, କାନର ପୂଜ, କୋଷ୍ଠ କାଠିନ୍ୟ, ଅଜୀର୍ଣ୍ଣତା, ପେଟଫମ୍ପା ଗଣ୍ଠିବ୍ୟଥା, କାଶ, କ୍ଷୟକାଶ, ପ୍ରସ୍ରାବପୀଡ଼ା କ୍ରିମି, ଧାତୁଦୌର୍ବଲ୍ୟ ଏବଂ ଉତ୍ପନ୍ନ ଜ୍ୱର ଇତ୍ୟାଦି ଶୀଘ ଏବଂ ନିଶ୍ଚୟ ଆରାମ ହୁଏ ।

### ନୀମର ତେଲ ।

ଡାକ୍ତରୀ ଉପାୟରେ ନୀମରୁ ପ୍ରସ୍ତୁତ ତେଲ । ଧବଳ ଓ କୁଷ୍ଠ ରୋଗର ଯେତେ କଠୁ ଔଷଧ ଥାଏ ତେବେ ତାହା ନୀମ । ନୀମର ତେଲ ଆମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରିଅଛୁଁ । କାଛୁ, ଯାଦୁ, କୁଣ୍ଡିଆ, ଛୁଲି, ପଦ୍ମଯାଦୁ, ଧବଳ, କୁଷ୍ଠ, ଗଳିତକୁଷ୍ଠ, ଇତ୍ୟାଦି ରୋଗର ମହୌଷଧି । ଏହା ବ୍ୟତୀତ ଯେତେ ପ୍ରକାର ଘା ଅଛି, ତହିଁକି ଏହା ସର୍ବ୍ବପ୍ରକାରେ ଉପକାରୀ ଅଟେ । ପ୍ରତି ବଡ ବୋତଲ ଟ ୪୲ ଙ୍କା ଓ ଛୋଟ ବୋତଲ ଟ ୨୲ ଙ୍କା ।

ପୀଡା ଆରାମ ନ ହେଲେ ମୂଲ୍ୟ ଫେରତ ଦିଆଯିବ । କଲିକତା ବେଚୁ ଚାଟୁର୍ଯ୍ୟା ଷ୍ଟ୍ରୀଟ ୪୬ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୲ ଙ୍କା, ପ୍ୟାକିଂ ଟ ୦। ଅଣା । ଡାକଚାର୍ଜ ଟ ୧୦ ଅଣା ।

## ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ସିସିକୁ ଟ ୧।

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ସର୍ତ୍ତ । ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡି ପ୍ରତି | ଟ ୦୷୵ |
| ଅଧ ସ୍ତମ୍ଭକୁ | ଟ ୬୲ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୭ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେହେଁ ତହିଁର ଦର ଟ ।୷ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଅଧା ଓ ଚତୁର୍ଥ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

TERED NO. 1

267

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୧ । ସଂ ୩୨ ଖ୍ୟା

ତା ୭ ରଖ ମାହେ ଅଗଷ୍ଟ ସନ ୧୮୮୭ ମସିହା । ମୁ । ଶ୍ରାବଣ ଦ ୨୫ ଜ ସନ ୧୨୯୪ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
| --- | --- | --- |
| ବାର୍ଷିକ | ଟ ୩ ୧ | ଟ ୬୧ |
| ଡାକମାସୁଲ | ଟ ୦ ୫ | ଟ ୧୧ |

ବାମଣ୍ଡା ବିଜ୍ଞାପନ ।

-ବୈଦିକ ତୃତୀୟ ପ୍ରସ୍ତାବ ।

ହିନ୍ଦୁମାନଙ୍କର ବେଦ, ଐଶ୍ୱରବାଣୀରୂପରେ ପରିକଳ୍ପିତ; ଏଥିରେ କଳଙ୍କ ଦେବା ସହଜ ବୋଲି ମନେ ହୁଏ ନାହିଁ କିନ୍ତୁ ବେଦରେ କେତେଗୁଡ଼ିଏ ଅର୍ଥବାଦ ବାକ୍ୟ ଅଛି ଯଥା, "ବାୟୁର୍ବୈ କ୍ଷେପିଷ୍ଠା ଦେବତା" (୧) ଇତ୍ୟାଦି ଓ କେତେକ ଦମ୍ଭମୂଳକ ବାକ୍ୟ ଅଛି ଯଥା, "ଉର୍ଦ୍ଧ୍ୱପୂର୍ଣ୍ଣଂ ମୁଦାକୁର୍ଯ୍ୟାତ୍" (୨) ଇତ୍ୟାଦି କେତେକ ଲୋଭମୂଳକ ବାକ୍ୟ ଅଛି ଯଥା, "ବୈସର୍ଜନେ ହୋମୀୟଂ ବାସୋଽଧ୍ୱର୍ଯ୍ୟୁଃ ପରିଗୃହ୍ଣାତି" (୩) ଇତ୍ୟାଦି ଏବଂ କେତେକ ଲୌକିକ ବାକ୍ୟ ଅଛି ଯଥା, "ଅଭ୍ୟଃସୂର୍ଯ୍ୟ ଉଦେତି" (୪) ଇତ୍ୟାଦି ନାନାପ୍ରକାର ପୌରୁଷେୟ ବାକ୍ୟ ଥିବାରୁ ତାହା କଳଙ୍କରୂପରେ ଅର୍ପିତ ହୁଏ, ଏହିପରି ବାକ୍ୟମାନଙ୍କୁ ଏତଦ୍ରୂପରେ ବାଦ୍ ଦେଇ ବେଦର ମର୍ମ ବୁଝିଲେ ହିନ୍ଦୁଧର୍ମ ଉପାଦେୟ କି ନା ତାହା ଜଣା ଯାଇପାରେ ।

ବାଦ୍ ଦେଲି ବୋଇଲେ ଚଳେ ନାହିଁ ବିବେକୀଲୋକ ଯେ ଦେଶହିତୈଷୀ ହେବ ଏବଂ ଜ୍ଞାନଶୂନ୍ୟ ବା ଅଜ୍ଞମାନଙ୍କପ୍ରତି ସଦୟ ହେବ ସେ ଆପଣାର ହିତସାଧନ ପର୍ଯ୍ୟନ୍ତ ପରହିତରେ ଯତ୍ନକରି ବାଦ୍ ଦେବ ଅର୍ଥାତ୍ ମନରେ ବାଦ୍ ଦେବ ଆଚରଣରେ ବାଦ୍ ଦେବାର ନୁହେ । କାରଣ ଆଚରଣ ନ କଲେ ଜ୍ଞାନଶୂନ୍ୟ ଲୋକମାନଙ୍କର ପ୍ରବୃତ୍ତି ହୁଏ ନାହିଁ ଅତଏବ ଶିଷ୍ଟାଗ୍ରର ଓ ଶିଷ୍ଟ ବ୍ୟବହାର ଦେଖି ଅଜ୍ଞାତମୋବଚ୍ଛନ୍ନ ଲୋକମାନଙ୍କର ଧର୍ମରେ ପ୍ରବୃତ୍ତି ହୁଏ ।

କେହି କହିବ ଯେ ଏହି ଲୋକବ୍ୟବହାରିକ ଯେତେ ବାକ୍ୟ ଅଛି ତାହା ଗ୍ରାହ୍ୟ ନ କରି ଶୁଦ୍ଧ ଅଦ୍ୱୈତଧର୍ମ ଆଚରଣ କଲେ କି ତହିଁରେ ଜ୍ଞାନଶୂନ୍ୟ ଲୋକମାନଙ୍କର ପ୍ରବୃତ୍ତି ହେବ ନାହିଁ ଏଥିରେ ସ୍ପଷ୍ଟରୂପେ କୁହାଯାଇପାରେ ଯେ କୌଣସି ପ୍ରକାରେ ପ୍ରବୃତ୍ତି ହେବାର କାରଣ ନୁହେ ଯେଉଁ ହେତୁରୁ "ଭିନ୍ନରୁଚିର୍ହି ଲୋକଃ" ସ୍ୱଭାବ ଅନ୍ୱେଷଣ କରି ଧର୍ମରେ ପ୍ରବୃତ୍ତି କରିବାର ଯେ ଅସାଧାରଣ ଯୋଗ୍ୟତାର କାର୍ଯ୍ୟ ତାହା ହିନ୍ଦୁ ଆର୍ଯ୍ୟମାନଙ୍କଠାରୁ ପରିଚୟ ପାଆଯାଏ ପୂର୍ବେ ଆର୍ଯ୍ୟମାନେ ପରର ସ୍ୱଭାବ ଖୋଜି ଧର୍ମବକ୍ତା ହୋଇଅଛନ୍ତି ଏଥିରେ ଆବାଳ ବୃଦ୍ଧ ଧର୍ମରେ ବ୍ୟସ୍ତ ପ୍ରତ୍ୟକ୍ଷରେ ଦେଖାଯାଏ ଅସ୍ପଷ୍ଟବାକ୍ ବାଳକମାନେ ମାଟି ଓ ବାଲିରେ ଦେବତା ନିର୍ମାଣ କରି ଖେଳି ଧର୍ମଶିକ୍ଷା କରନ୍ତି ଏବଂ ସିଅକ୍ଷର ବଞ୍ଚିତ ବୃଦ୍ଧାମାନେ ପ୍ରସାଦ ଖାଇବା ଲୋଭରେ ଈଶ୍ୱର ଆରାଧନା କରନ୍ତି ଅତଏବ କୌଣସି ପ୍ରକାରରେ ହିନ୍ଦୁଧର୍ମରେ ଈଶ୍ୱରୋପାସନା ତ୍ୟକ୍ତ ହୁଏ ନାହିଁ ।

ଅଧୁନିକ ନବ୍ୟ ଆର୍ଯ୍ୟମାନେ ନିଜର ସ୍ୱଭାବାନୁଯାୟୀ ଧର୍ମବକ୍ତା ହୁଅନ୍ତି ତାଙ୍କମାନଙ୍କ ବାଳକମାନେ କିଛି ହେବାରୁ ଉପଦେଶଯୋଗ୍ୟ ହୋଇ ଉପଦେଷ୍ଟାର ହୃଦୟଭାବ ଜାଣିନେବାକୁ ଆଉ ଉପଦେଶ ଦେବାକୁ ଆୟାସ ପଡ଼େ ନାହିଁ ସୁତରାଂ ହିନ୍ଦୁଧର୍ମ କଳଙ୍କିତ ହୋଇ ଉଠେ ।

କ୍ରମଶଃ ।

ଶ୍ରୀ——ବାମଣ୍ଡା

[୧] ବାୟୁ, ଶୀଘ୍ରଗାମିନୀ ଦେବତା ଅତଏବ ତଦୀୟକର୍ମ ଶୀଘ୍ର ଫଳଦ । [୨] କର୍ମଶେଷେ ହୋମସମ୍ବନ୍ଧ ବସ୍ତ୍ର ଅଧ୍ୱର୍ଯ୍ୟୁ ନେବେ ଅନ୍ୟ କେହି ନେବେ ନାହିଁ । [୩] ମୃଣ୍ଡିକାବାସ ଉର୍ଦ୍ଧ୍ୱପୂର୍ଣ୍ଣ [ଉଚ୍ଚା] କରିବ । [୪] ଜଳରୁ ସୂର୍ଯ୍ୟ ଉଦିତ ହେଉଅଛନ୍ତି ।

ଉତ୍କଳଦୀପିକା ତା ୭ ରଖ ଅଗଷ୍ଟ
ସନ ୧୮୮୭ ମସିହା ।

ସଂସ୍କାରକ ପ୍ରଚାର କରିଅଛନ୍ତି କି ଆମ୍ଭମାନଙ୍କ କମିଶନର ଏପରି ଗୋଟିଏ ନିୟମ କରିବାର କଳ୍ପନା କରୁଅଛନ୍ତି ଯେ ପ୍ରତିବର୍ଷ ଫେବୃଏରୀ ମାସରେ ଉମେଦବାରଙ୍କର ଗୋଟିଏ ସାଧାରଣ ପରୀକ୍ଷା ନେବେ । ତହିଁରେ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କର ନାମ ରେଜିଷ୍ଟରୀ ହୋଇ ରହିବ ଓ କର୍ମ ଖାଲି ହେଲେ ଯୋଗ୍ୟତା ଅନୁସାରେ କ୍ରମଶଃ ସେମାନଙ୍କ ନିୟୋଗ କରାଯିବ । ଆମ୍ଭେମାନେ ଏ ନିୟମକୁ ବଡ଼ ସୁବିଧାଜନକ ବୋଲି ପାରୁ ନାହୁଁ । ଏଥିରେ ଜିଲ୍ଲାହାକିମଙ୍କ କ୍ଷମତା ଖର୍ବ ହେବ ଓ ଭିନ୍ନଜିଲ୍ଲାର ଲୋକଙ୍କୁ ଏକତ୍ର କରିବା କଷ୍ଟ-

Split by PDF Splitter

Digitized by srujanika@gmail.com

କର ହେବ । କୌଣସି କର୍ମ ଖାଲି ହେଲେ ତହିଁର ଉମେଦ୍ବାରମାନଙ୍କ ମଧ୍ୟରୁ ପରୀକ୍ଷା ଦ୍ୱାରା ସର୍ବାପେକ୍ଷା ଯୋଗ୍ୟଲୋକଙ୍କୁ ବାଛି ନେବାର ଗବର୍ଣ୍ଣମେଣ୍ଟ ଯେଉଁ ନିୟମ କରିଅଛନ୍ତି ଅମ୍ଭମାନଙ୍କ ବିବେଚନାରେ ତାହା ଭଲ ଅଟଇ ।

---

ସ୍ୱାରକ ଲେଖିଅଛନ୍ତି ଯେ "ଓଡ଼ିଶା ପାଠ୍ୟପୁସ୍ତକନିର୍ବାଚନ କମିଟୀ ଉତ୍କଳଭାଷା ଏବଂ ନାନା ଶାସ୍ତ୍ରରେ ବିଶାରଦ ପଣ୍ଡିତମଣ୍ଡଳୀରେ ଗଠିତ ହୋଇଅଛି ଏପରି କମିଟୀବିରୁଦ୍ଧରେ ବିନା ପ୍ରମାଣରେ ପକ୍ଷପାତିତା ଓ ସ୍ୱାର୍ଥପରତାର ଅଭିଯୋଗ କରି ସହଯୋଗୀ ଉତ୍କଳଦୀପିକା ଆପଣା—କୁରୁଚିର ଗୋଟିଏ ସ୍ୱଚ୍ଛନ୍ଦ ପ୍ରମାଣ ଦେଇ ଅଛନ୍ତି । ଏହି କୁରୁଚି କେବେ ଯେ ତିରୋହିତ ହେବ ଅମ୍ଭେମାନେ ଭାବି ସ୍ଥିରକରି ପାରୁ ନାହୁଁ ।" କମିଟୀର ସଭ୍ୟମାନେ ସମସ୍ତେ ଉତ୍କଳଭାଷାଭିଜ୍ଞ ନ ଥିବା ଓ ତହିଁରେ ପୁସ୍ତକ ପ୍ରଣେତା ବିକ୍ରେତା ଏବଂ ସେମାନଙ୍କ ଭାଇବନ୍ଧୁ ରହିବାରୁ ପରସ୍ପରର ସ୍ୱାର୍ଥପରତା ଓ ପକ୍ଷପାତିତାର ପ୍ରମାଣ ଆଉ କ ହୋଇପାରେ । ଯେଉଁମାନେ ଆପଣା—ଦୋଷ ଦେଖି ପାରନ୍ତି ନାହିଁ ସେମାନଙ୍କୁ ପ୍ରକୃତ ପଣ୍ଡିତ ବୋଲିବା କିମ୍ବା ପଣ୍ଡିତନାମରେ ମନୁଷ୍ୟର ସବୁଦୁର୍ବଳତା ଲୁଚି ଯାଏ ବୋଲି ବିଶ୍ୱାସ କରିବାକୁ ଅମ୍ଭେମାନେ ପ୍ରସ୍ତୁତ ନୋହୁଁ । ସହଯୋଗିଙ୍କ ଅଭିଧାନରେ ଏହା ଅମ୍ଭମାନଙ୍କର କୁରୁଚି ହୋଇ— ପାରେ ମାତ୍ର ଏକ୍ଷଣତ ଉଠି ଯିବା ପର୍ଯ୍ୟନ୍ତ ଅମ୍ଭମାନଙ୍କ କୁରୁଚି ଦୂରହେବ ନାହିଁ ।

---

କଲିକତା ଛୋଟଅଦାଲତର କାର୍ଯ୍ୟ କ୍ରମଶଃ ଏତେ ବୃଦ୍ଧି ହେଉଅଛି ଯେ ୫ ଜଣ ଜଜ ସବୁ ମୋକଦ୍ଦମା ନିଷ୍ପତ୍ତି କରି ପାରୁ ନାହାନ୍ତି । ପ୍ରତିବର୍ଷ ପ୍ରାୟ ତିରିଶ ହଜାର ମୋକଦ୍ଦମା ଦାଏର ହୁଅଇ । ସନ ୧୮୮୪ ସାଲ ଶେଷରେ ପ୍ରାୟ ୨୬୬୪ ମୋକଦ୍ଦମା ବାକି ଥିଲା ମାତ୍ର ସନ ୧୮୮୫ ସାଲ ଶେଷରେ ବାକିର ସଂଖ୍ୟା ୩୨୯୧ ହେଲା । ଏଅଦାଲତରେ ବାର୍ଷିକ ଆୟ ଦୁଇଲକ୍ଷ ଟଙ୍କାରୁ ଅଧିକ ଏବଂ ତହିଁରୁ ଖର୍ଚ୍ଚ ଯାଇ ପ୍ରାୟ ଏକଲକ୍ଷ ଟଙ୍କା ଲାଭ ହୋଇଥିଲା । ମୋକଦ୍ଦମା ସମସ୍ତ ନିଷ୍ପତ୍ତି ନ ହେବାରୁ ଲୋକେ କଷ୍ଟ ପାଉଅଛନ୍ତି । ଅଥଚ ଆୟ ଯଥେଷ୍ଟ ହେଉଥିଲେହେଁ ଗବର୍ଣ୍ଣମେଣ୍ଟ ଆଉ ଜଣେ ଅଧିକା ଜଜ ନିଯୁକ୍ତ କରିବାକୁ କୁଣ୍ଠିତ ହେଉଅଛନ୍ତି । ଅନେକ ଲେଖା ପଢି ହସ୍ତରୁ କେବଳ ମା ୭ ସ ସକାଶେ ଜଣେ ଅଧିକା ଜଜ ନିଯୁକ୍ତ କରିବାର ପ୍ରସ୍ତାବ ବଙ୍ଗଦେଶ ସେକ୍ରେଟାରୀଙ୍କ ମଞ୍ଜୁର ନିମନ୍ତେ ପଠା ଯାଇଅଛି । କନ୍ଷ୍ଟେଲଣ୍ଟ ସାହେବ କହିଅଛନ୍ତି ମୋକଦ୍ଦମା ଫଏସଲ କରିବାର କୌଣସି ଭଲ ଉପାୟ ଜଜମାନେ ନ କଲେ ସମୟ୨ରେ ଜଜଙ୍କ ସଂଖ୍ୟା ବୃଦ୍ଧିର ପ୍ରାର୍ଥନା ହେଉଥିବ । ତେବେ କି ଜଜମାନେ ମୋକଦ୍ଦମା ଗିଳିଯିବେ ?

---

କଲିକତା ନିକଟ ଅଲିପୁରନିବାସୀ ବାବୁ ଜଗଦୀଶ୍ୱର ପାଠକ ଧାନ କୁଟିବାର ଗୋଟିଏ ନୂତନ କଳ ନିର୍ମାଣ କରି ଆଇନ ମତେ ଭାରତ-ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ରେଜଷ୍ଟ୍ରୀ କରାଇ-ଅଛନ୍ତି । କଳଟି ସମସ୍ତ ଲୁହାରେ ଗଠିତ ହୋଇଅଛି ଏବଂ ଏମନ୍ତ ଗଢ଼ିତ ଯେ ଏକବର୍ଷ-ବାଳ ବାଳକ ଚଳାଇଲେ ମରାମତ କରି-ବାର ପ୍ରୟୋଜନ ହେବ ନାହିଁ ଏଥିରେ ସବୁ ମୋଟ ଅରୁଆ ଉସୁନା ସବୁ ଧାନ କୁଟା ଓ ଧାନୁଆ ଚାଉଳ ଏବଂ ଡାଲି ଭଣ୍ଡା ହୋଇପା-ରେ । କଳଟି ଏକ ମିନିଟରେ ତିନିଶର ବୁଲଇ ଏବଂ ଘ ୧୨ ଣ୍ଟାରେ ମ ୧୫ ମଣ ଧାନ କୁଟି ମ ୧୦ ମଣ ଚାଉଳ ବାହାର କରି ଦିଅଇ । ପ୍ରତି କଳର ମୂଲ୍ୟ ଟ ୧୧୦୯ ଙ୍କା ଜଣେ ଦେ-ଶୀୟଲୋକଦ୍ୱାରା ଏ ଦେଶର ଗୋଟିଏ ଅତ୍ୟନ୍ତ ଆବଶ୍ୟକୀୟ କଳ ପ୍ରସ୍ତୁତ ହେବାର ସମ୍ବାଦ ଶୁଣି ଅମ୍ଭେମାନେ ଯତ୍ପରୋନାସ୍ତି ଆନ-ନ୍ଦିତ ହୋଇଅଛୁଁ । ଏହିବାଟେ ଅମ୍ଭମାନଙ୍କର ପ୍ରକୃତ ଉନ୍ନତି ହେବାର ସମ୍ଭାବନା । କଳ-ଦ୍ୱାରା ବସ୍ତୁର ପରିମାଣରେ କାର୍ଯ୍ୟ କରିବାକୁ ସମର୍ଥ ହେବାରୁ ଇଂଲଣ୍ଡ ଓ ଆମେରିକା ଏତେ ଧନଶାଳୀ ହୋଇଅଛନ୍ତି ଏବଂ ତଦଭାବରେ ଅମ୍ଭମାନଙ୍କର ଦିନ୨ ଅବନତି ପ୍ରତ୍ୟକ୍ଷ କରୁ-ଅଛୁଁ । ଏ ପ୍ରଦେଶର ଚାଉଳର ବାଣିଜ୍ୟ ଯେମନ୍ତ ବୃଦ୍ଧି ହୋଇଅଛି ଏଠାରେ ଏହିପରି କଳ ବସାଇ କେହି୨ ଚାଉଳ ପ୍ରସ୍ତୁତ କଲେ ବଡ଼ ଭଲ ହେବ ।

---

ଦିନକୁ ଦିନ କାଳ ବଡ଼ କଠିନ ହେଲା । ପେଟପାଇଁ ଲୋକେ କି ନ କଲେଣି ଓ ଏଣିକି ଆଉ ଅବା କି ନ କରିବେ ତାହା ବୋଲିଯାଇ ନ ପାରେ । ଘିଅର ମୂଲ୍ୟ କ୍ରମଶ ବୃଦ୍ଧି ହେବାରୁ ବ୍ୟବସାୟୀମାନେ ପଟେ ଲାଭ କରିବା ଆଶାରେ ଘିଅ ସଙ୍ଗେ୨ ନାନାଦ୍ରବ୍ୟ ମିଶାଇ ବିକ୍ରୟ କରିବାକୁ ଆରମ୍ଭ କରୁଅଛନ୍ତି । ଅଳ୍ପଦିନ-ତଳେ କଲିକତା ନଗରର ସ୍ୱାସ୍ଥ୍ୟରକ୍ଷକ ବଜା-ରର କେତେପ୍ରକାର ଘିଅ ପରୀକ୍ଷା କରି ଦେଖି-ଅଛନ୍ତି ଯେ ତହିଁରେ ଚର୍ବି ମିଶିଅଛି । ସ୍ୱାସ୍ଥ୍ୟ-ରକ୍ଷକ ଜଣେ ଇଂରାଜ ଡାକ୍ତର ସୁତରାଂ ସେ ମତ ଦେଇ ଅଛନ୍ତି କି ଘିଅରେ ଚର୍ବି ମିଶି-ଥିଲେ ସ୍ୱାସ୍ଥ୍ୟପ୍ରତି ହାନିକର ନୁହଇ । ଇଂରାଜ-ମାନଙ୍କ ରନ୍ଧନଶାଳାରେ ଯେତେବେଳେ ଘିଅ-ବଦଳରେ ଚର୍ବି ବ୍ୟବହାର ହେଉଅଛି ତେ-ତେବେଳେ ଉକ୍ତ ପ୍ରକାର ମତ ଦେବା ଆଶ୍ଚର୍ଯ୍ୟ ନୁହଇ ମାତ୍ର ଚର୍ବିମଧ୍ୟରେ ଗୋରୁ ଓ ଶୁକରର ଚର୍ବି ଅଧିକ ସୁଲଭ ଏବଂ ଅଧିକ ପରିମାଣରେ ପ୍ରାପ୍ତ ହୁଅଇ । ସେସ୍ଥଳେ ଏହି ଚର୍ବିମାନ ଘିଅ ସଙ୍ଗରେ ମିଶୁଅଛି ସେସ୍ଥଳେ ସେ ଘିଅ ବ୍ୟବ-ହାରଦ୍ୱାରା ହିନ୍ଦୁ ଓ ମୁସଲମାନଙ୍କର ଧର୍ମ ନଷ୍ଟ ହେଉଅଛି ଏକଥା କେତେ ଗୁରୁତର ଗବର୍ଣ୍ଣ-ମେଣ୍ଟ କି ଏହା ବୁଝିବେ ନାହିଁ କି ଯେଉଁମା-ନେ ସେପରି ମିଶାଉ ଅଛନ୍ତି ତାହାଙ୍କ ଶାସନ-ବିଷୟରେ କିଛି ଉପାୟ କରିବେ ନାହିଁ ? ଅର୍ଥଲୋଭୀ ବ୍ୟବସାୟୀମାନେ ଲୋକଙ୍କ ଧର୍ମପ୍ରତି ଆସ୍ଥା କରିବେ ଏପରି ଆଶା କରିବା ଅତ୍ୟନ୍ତ ଅଧିକ ଅଟଇ କିନ୍ତୁ ଯେବେ ଏକଥା ଶୁଣିଲା ଉତ୍ତାରୁ ହିନ୍ଦୁ ଓ ମୁସଲମାନମାନେ ଟିଣ ଘିଅ ବ୍ୟବହାର କରିବାକୁ କଚ୍ଛଦନ କ୍ଷାନ୍ତ ହେବେ ତେବେ ବ୍ୟବସାୟୀଙ୍କର ଚେତନା ଜନ୍ମି ପାରେ ଏବଂ ସେମାନେ ଆପଣାକୁ ଆପେ ସୁଧୁରି ଯିବେ ।

---

ଅମ୍ଭମାନଙ୍କ କଲେକ୍ଟର ଶ୍ରୀଯୁକ୍ତ ବର୍ଣ୍ଣସା-ହେବ ତ୍ରୈମାସୀକ ଓ ସେଠା କଲେକ୍ଟର ଶ୍ରୀଯୁକ୍ତ ଜ ଟେଏନବୀ ସାହେବ ଏଠାକୁ ବଦଳ ହେବାର ଆଦେଶ ହେବାରୁ ଟେଏନବୀ ସାହେବ ଗତ କାଲି ଏଠାରେ ପହଞ୍ଚି ଅଛ ଚାର୍ଜ ନେବା ଏବଂ ଶ୍ରୀଯୁକ୍ତ ବର୍ଣ୍ଣସାହେବ ଅଳ୍ପ କଲିକତାକୁ ଯାତ୍ରା କରିବାର କଥା ଅଛି । ବର୍ଣ୍ଣସାହେବ ଛୁଟୀରୁ ଫେରି ଆସିବା ସଙ୍ଗେ୨ ଏପରି ବଦଳ ହୁକୁମ ଅସିବା ଅକସ୍ମାତ ଘଟଣା ପରି ଜଣା ଯାଉଅଛି ମାତ୍ର ବର୍ଷା ଭୁଜଙ୍ଗ ପୋଲ ଫଉଜ-ଦାରୀ ମୋକଦ୍ଦମାମାନ କ୍ରମଶ ବଢିବା ଏବଂ ହାଇକୋର୍ଟଙ୍କ ଅଭିମତେ ବର୍ଣ୍ଣସାହେବ ସେ ସମସ୍ତ ବିଚାର କରିବାକୁ ଅଯୋଗ୍ୟ ଥିବା-ହେତୁ ଗବର୍ଣ୍ଣମେଣ୍ଟ ଉପାୟାନ୍ତର ନ ଦେଖି

Split by PDF Splitter
Digitized by srujanika@gmail.com

ଏହି ବଦଳର ଆଜ୍ଞା ଦେଇଥିବାର ଅନୁମାନ ହୁଅଇ । ବର୍ତ୍ତମାନର ଅବସ୍ଥାନୁସାରେ ଗବର୍ଣ୍ଣମେଣ୍ଟ ଯାହା କରଅଛନ୍ତି ତାହା ଅବଶ୍ୟ ଉତ୍ତମ ବୋଲବାକୁ ହେବ ମାତ୍ର ଅମ୍ଭେମାନେ ଜିଜ୍ଞାସା କରୁଁ କି ଯେତେବେଳେ କମିସନର ଓ ବୋର୍ଡ ରେବିନ୍ୟୁ ପର୍ଯ୍ୟନ୍ତ ଏହି ଲୋକଙ୍କ ମୋକଦ୍ଦମାରେ ଭୁଲ କାର୍ଯ୍ୟ କଲେ ଏବଂ ପ୍ରାୟ ଆଠ ମାସ ପୂର୍ବେ ହାଇକୋର୍ଟରେ ଯେଉଁ ନିଷ୍ପତ୍ତି ହୋଇଥିଲା ଗବର୍ଣ୍ଣମେଣ୍ଟ ଆଦୌ ତହିଁରେ ଦୃଷ୍ଟିପାତ କରି ତଦନୁସାରେ କଲେକ୍ଟର ସାହେବଙ୍କୁ ସତର୍କ କରି ଦେଲେ ନାହିଁ ତେବେ ଏକା ବଗ୍‌ସାହେବଙ୍କୁ ଦୋଷ ଦେବା ଉଚିତ ହେଉ ନାହିଁ । ସେ ଅଇନାନୁସାରେ କାର୍ଯ୍ୟ କରୁଥିଲେ ଭଲ ହୋଇଥାନ୍ତା କିନ୍ତୁ ଉପରସ୍ଥ ହାକିମମାନେ ଆଇନପ୍ରତି ଆସ୍ଥା ପ୍ରକାଶ ନ କରିବା ସେ ମଧ ସେହି ଭ୍ରମରେ ପଡ଼ିଗଲେ । ଯାହା ହେଉ ଏହି ଉଦାହରଣରୁ ହାକିମମାନେ ବୁଝି ପାରିବେ ଯେ ଆଇନ ଲଙ୍ଘନ କରିବା କୌଣସିମତେ ନିରାପଦ ନୁହଇ ଏବଂ ଏହି କଥା ବୁଝି ଆଇନାନୁସାରେ କାର୍ଯ୍ୟ କରିବାକୁ ସର୍ବଦା ତତ୍ପର ହେବେ ।

---

ଗ୍ରାମ୍ୟଚୌକିଦାରଙ୍କ ବିଷୟରେ ଚଳିତବର୍ଷର ଏକଆଇନ ନାମରେ ବଙ୍ଗଳା ବ୍ୟବସ୍ଥାପକସଭାରୁ ଯେଉଁ ଆଇନ ଜାରି ହୋଇଅଛି ତହିଁ ସମ୍ପର୍କରେ କେତେଗୁଡ଼ିଏ ଉପଦେଶ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ସେକ୍ରେଟାରୀ ଦ୍ୱାରା ବଙ୍ଗପ୍ରଦେଶର ଆଉ ସମସ୍ତ କମିଶନରଙ୍କ ନିକଟକୁ ଏକପତ୍ରରେ ଲେଖି ପଠାଇଅଛନ୍ତି । ପୂର୍ବେ ପଞ୍ଚାଏତମାନେ ପୁଲିସଦ୍ୱାରା ମନୋନୀତ ହେଉଥିଲେ ଏଣିକି ମାଜିଷ୍ଟ୍ରେଟ ସ୍ୱୟଂ ଅଥବା ଆପଣା ଅଧୀନସ୍ଥ ଡେପୁଟିଙ୍କଦ୍ୱାରା ମୋଫସଲ ଗସ୍ତ ସମୟରେ ଉପଯୁକ୍ତ ଲୋକ ବାଛି ପଞ୍ଚାଏତରେ ସଭ୍ୟପଦରେ ନିଯୁକ୍ତ କରିବେ । ପଞ୍ଚାଏତମାନେ ଗ୍ରାମବାସିଙ୍କ ଉପରେ ଚୌକିଦାରୀ ଟିକସ ଧାର୍ଯ୍ୟ ଓ ତାହା ଉସୁଲ କରି ମାଜିଷ୍ଟ୍ରେଟଙ୍କ ଆଦେଶମତେ ଚୌକିଦାରକୁ ଦେବେ ଅଥବା ଅନ୍ୟ ବ୍ୟକ୍ତି ନିକଟକୁ ପଠାଇବେ । ସବୁଠାରେ ପୁଲିସକର୍ମଚାରୀଙ୍କି ବେତନ ବାଣ୍ଟିବାର ଭାର ଦିଆଯିବ ନାହିଁ ଏବଂ ଯେଉଁଠାରେ ପୁଲିସକୁ ଏ ଭାର ଦେବା ନିତାନ୍ତ ଆବଶ୍ୟକ ହେବ ସେଠାରେ କେବଳ ଇନସ୍ପେକ୍ଟର ଅଥବା ସବଇନସ୍ପେକ୍ଟରଙ୍କୁ ତାହା ଦିଆଯିବ । ଲେଫ୍‌ଟେଣ୍ଟ ସାହେବଙ୍କ ଇଚ୍ଛା ଯେ ଯେତେ ଗ୍ରାମରେ ଏହି ଆଇନ ପ୍ରଚଳିତ ହୋଇପାରେ ତେତେ ଗ୍ରାମରେ ଏହା ଜାରି ହେବ । ମାତ୍ର ଯେଉଁଠାରେ ଚୌକିଦାରର ଜାଗିରଜମିର ଉତ୍ପନ୍ନ ତାହାର ନିର୍ବାହ ନିମନ୍ତେ ଯଥେଷ୍ଟ ଅଟଇ କେବଳ ସେହିଠାରେ ଆଇନ ଜାରି ହେବ ନାହିଁ । ଏ ପ୍ରଦେଶର ଚୌକିଆମାନେ ଜାଗିର ଜମିଦ୍ୱାରା ଏପର୍ଯ୍ୟନ୍ତ ନିର୍ବାହ ହୋଇ ଆସୁଥିଲେହେଁ ତହିଁର ପରିମାଣ ଏତେ ସାମାନ୍ୟ ଅଟଇ ଯେ ଟଙ୍କାହରରେ ବୁଝିବାକୁ ଗଲେ ବାର୍ଷିକ ଟ ୩୬ ଙ୍କା ଆୟ ହେବାର ସମ୍ଭବ ନୁହଇ । ସୁତରାଂ ମାଜିଷ୍ଟ୍ରେଟ ଇଚ୍ଛା କଲେ ଅଧିକାଂଶ ସ୍ଥଳରେ ଆଇନ ଜାରି କରିପାରିବେ ଏବଂ ଗ୍ରାମବାସିଙ୍କ ଉପରେ ଆଉ ଗୋଟିଏ ଟାକ୍ସ ବସିବ । କିନ୍ତୁ ହଳାହଡ଼ା ପାର୍ବଣୀ ଓ ବଜାର ଆଦର ପୁରସ୍କାର ମିଶି ଚୌକିଦାରମାନେ ଯାହା ପାଉଅଛନ୍ତି ତହିଁରେ ତାହାଙ୍କର ଉତ୍ତମରୂପେ ନିର୍ବାହ ହେଉଅଛି । ସାହେବମାନେ ତାହା ବୁଝିପାରିବେ କି ?

---

ଚୀନ ଓ ଇଂରେଜଙ୍କ ସନ୍ଧି ।

ଇଂରେଜ ବ୍ରହ୍ମଦେଶ ଅଧିକାର କଲାଉତ୍ତାରୁ ଚୀନରାଜ୍ୟ ତହିଁର ୧୦କଅଂଶ ଅର୍ଥାତ ଭାମୋପ୍ରଦେଶ ଦାବୀ କରିଥିଲେ ଓ ସେହି ସମ୍ପର୍କରେ ଇଂରେଜ ଓ ଚୀନ ମଧ୍ୟରେ ଗୋଟିଏ ସନ୍ଧି ସ୍ଥାପନ କରିବା ନିମିତ୍ତ ଇଂରେଜଦୂତ ଚୀନର ରାଜଧାନୀ ପେକୀନନଗରକୁ ଯାଇଥିଲେ । ସମ୍ପ୍ରତି ତାରଡାକ ଯୋଗେ ସମ୍ବାଦ ଆସିଅଛି ଯେ ଉଭୟ ରାଜାମଧ୍ୟରେ ସବୁ କଥା ମୀମାଂସା ହୋଇ ତହିଁର ସନ୍ଧିପତ୍ର ଯଥାବିଧିରେ ସ୍ୱାକ୍ଷରିତ ହୋଇଅଛି । ସନ୍ଧିର ନିୟମମାନ ଏହିପରି ହୋଇଅଛି କି ସମସ୍ତ ବ୍ରହ୍ମରାଜ୍ୟରେ ଇଂରେଜଙ୍କ ଅଧିକାର ସ୍ଥାପନ ବିଷୟରେ ଚୀନ ସମ୍ମତି ପ୍ରଦାନ କଲେ । ବାଣିଜ୍ୟ ବ୍ୟବସାୟର ଉନ୍ନତି ଓ ବିସ୍ତାର ବିଷୟରେ ଚୀନ ଯଥାସାଧ୍ୟ ସାହାଯ୍ୟ କରିବେ ଏବଂ ଚୀନ ଓ ବ୍ରହ୍ମରାଜ୍ୟର ମଧ୍ୟଗତ ସୀମା ନିରୂପଣ କରିବା କାରଣ ଏକ କମିଶନ ବସିବ ପ୍ରତିଦଶବର୍ଷରେ ଥରେ ଲେଖାଏଁ ଇଂରେଜଙ୍କ ଦୂତ ଚୀନରାଜ୍ୟକୁ ଯାଉଥିବେ । ତିବ୍ବତରାଜ୍ୟକୁ ଇଂରେଜଙ୍କ ପକ୍ଷରୁ ଯେଉଁ ଦୂତ ପଠାଯିବାର ବନ୍ଦୋବସ୍ତ ଏତେକାଳ ଲାଗିଥିଲା ଏହି ସନ୍ଧିର ଫଳସ୍ୱରୂପ ତାହା ରହିତ ହେଲା । ସେଠାକୁ ଆଉ ଦୂତ ଯିବେ ନାହିଁ ଏବଂ ଚୀନର ସମ୍ରାଟ କହିଅଛନ୍ତି ଯେ ତିବ୍ବତରାଜ୍ୟ ସହିତ ଇଂରେଜଙ୍କ ବାଣିଜ୍ୟର ସୁବିଧା କରି ଦେବା ବିଷୟରେ ସେ ସ୍ୱୟଂ ଯତ୍ନଶୀଳ ହେବେ ।

ବ୍ରହ୍ମଦେଶ ଅଧିକାର କରିବା ପରେ ଇଂରେଜଗବର୍ଣ୍ଣମେଣ୍ଟ ତିବ୍ବତରାଜ୍ୟକୁ ବାଣିଜ୍ୟର କଲ୍ୟାଣସାଧନ ଉଦ୍ଦେଶରେ ଦୂତ ପଠାଇବାର ବନ୍ଦୋବସ୍ତ ଆରମ୍ଭ କଲେ । ମେକାଲେ ସାହେବ ପ୍ରଧାନ ଦୂତ ନିଯୁକ୍ତ ହେଲେ ଏବଂ ସେ ଆପଣା ଅନୁଚର ସମଭିବ୍ୟାହାରୀ ଲୋକମାନଙ୍କୁ ନେଇ ଦାର୍ଜିଲିଂରେ ଛାଉଣୀ ପକାଇଲେ ମାତ୍ର ଏହାଙ୍କ ସଙ୍ଗେ ସୈନ୍ୟ ଥିବାରୁ ଚୀନଗବର୍ଣ୍ଣମେଣ୍ଟ ଆପତ୍ତି କଲେ । ଦୂତଦଳ ଆଉ ଅଗ୍ରସର ହୋଇ ପାରିଲେ ନାହିଁ । ଏତେବେଳେ ପ୍ରକୃତ ସମ୍ବାଦ ଆସିଲା ଯେ ଦୂତ ପଠାଇବାର ପ୍ରୟୋଜନ ନ ହେବାରୁ ଉକ୍ତ ପ୍ରସ୍ତାବ ଭାଙ୍ଗିଗଲା । କିନ୍ତୁ ଏଥିରେ ଭାରତବର୍ଷର ଯେ ଟଙ୍କା ଗୁଡ଼ାକ ଖର୍ଚ୍ଚ ହେଲା ତାହାତ ଫେରି ଆସିବାର ନୁହଇ । ଭାରତବର୍ଷର ଟଙ୍କା ଏହିପରି ନଷ୍ଟ ହେଉଅଛି ଓ ହେଉଥିବ । ଇଂରେଜଗବର୍ଣ୍ଣମେଣ୍ଟଙ୍କର ତହିଁରେ କିଛି ଆସେ ଯାଏ ନାହିଁ । ବାସ୍ତବରେ ଭାରତବର୍ଷ ଇଂରେଜକର୍ମଚାରୀଙ୍କର ଖେଳଘର ହୋଇଅଛି । କିଛି ମାତ୍ର ଦାୟିତ୍ୱ ଥିବାର ଜଣା ଯାଉ ନାହିଁ । ଯାହା ହେଉ ଏସବୁ କଥା ଏପରି ନିଷ୍ପତ୍ତି ପାଇଗଲା ମାତ୍ର ଇଂରେଜଙ୍କ ନବାର୍ଜ୍ଜିତ ବ୍ରହ୍ମଦେଶରୁ ଭାମୋ ପ୍ରଦେଶ ଅଥବା କେତେ ଭୂମି ଚୀନ ନେଲେ ତାହା କିଛି ସ୍ପଷ୍ଟ ପ୍ରକାଶ ହୋଇ ନାହିଁ । କେବଳ ସୀମା ଧାର୍ଯ୍ୟ ହେବା କଥାରେ ଗୋଳମାଳରେ ରହିଅଛି ।

---

ଷ୍ଟେଟ୍‌ସମାନ ସମ୍ପାଦକଙ୍କ ନାମରେ ଅପବାଦ ମୋକଦ୍ଦମା ।

ଷ୍ଟେଟ୍‌ସମାନ ସମ୍ବାଦପତ୍ରର ସମ୍ପାଦକ ନାଇଟ ସାହେବ ଓ ପ୍ରିଣ୍ଟର ବାର୍ଲୋ ସାହେବମାନଙ୍କ ନାମରେ ଦରଭଙ୍ଗାର ମୃତ ମେନେଜର ମିଲର ସାହେବଙ୍କ ନାମରେ ଅପବାଦସୂଚକ ପ୍ରବନ୍ଧ ପ୍ରକାଶ କରିଥିବା ଯେଉଁଥିର ମୋକଦ୍ଦମା ହାଇକୋର୍ଟ ଦୌରା ଅଦାଲତରେ ଚଳୁଥିବାର ପାଠକମାନଙ୍କୁ ଗତ ସପ୍ତାହରେ ଜଣାଇଥିଲୁଁ । ଉକ୍ତ ମୋକଦ୍ଦମାର ବିଚାର ଶେଷ ହୋଇଅଛି । ଗତ ଜୁଲାଇ ମାସ ତା ୨୯ ରିଖଠାରୁ ତା ୩୦ ରିଖ ଯାଏ ଏ ମୋକଦ୍ଦମାର

Split by PDF Splitter



ବିଚାର ଲାଗିଥିଲା । ଗାର୍ଥ ସାହେବ ନିମ୍ନ ଅଦାଲତରେ ସାଧାରଣ ବିଚାରପ୍ରଣାଳୀର ବାହାରକୁ ଯାଇ ଅତି ଆଡମ୍ବର ପୂର୍ବକ ଅପବାଦଜନକ ବିଷୟମାନ ମିଥ୍ୟା ଥିବାର ଏଡ୍‌ଭୋକେଟଙ୍କ ମୂଦେଇପକ୍ଷରୁ ପ୍ରମାଣ କରାଇ ଦେବାର ଯେଉଁ ପଦ୍ଧତି ଅବଲମ୍ବନ କରିଥିଲେ ହାଇକୋର୍ଟରେ ସେ ଆଡମ୍ବର କରି ପାରିଲେ ନାହିଁ । ଏଠାରେ ସେ କେବଳ ସୂଳରେ ସାଧାରଣବିଚାରପ୍ରଣାଳୀର ନିୟମାନୁସାରେ ଅପବାଦଜନକ ପ୍ରବନ୍ଧମାନ ନାଇଟ ସାହେବ ସମ୍ପାଦକ ଓ ବାର୍ଲୋ ସାହେବ ପ୍ରିଣ୍ଟର ଥିବା ସମୟରେ ପ୍ରକାଶିତ ହୋଇଥିବାର ପ୍ରମାଣ କରାଇ ନିବୃତ୍ତ ହେଲେ ଓ ଅପର ପକ୍ଷ ଅର୍ଥାତ୍ ଆସାମୀମାନଙ୍କ ଉପରେ କାର୍ଯ୍ୟତଃ ସାଧାରଣ ନିୟମାନୁଯାୟୀ ଉକ୍ତ ପ୍ରବନ୍ଧ ଉପଯୁକ୍ତ କାରଣ ଆଧାରେ ପ୍ରକାଶିତ ହୋଇଥିବାର ପ୍ରମାଣ କରିବାର ଭାର ପଡ଼ିଲା । ମୂଦେଇ ପକ୍ଷରୁ ମୋକଦ୍ଦମା ଶେଷ ହେବା ପରେ ଆସାମୀଙ୍କ ପକ୍ଷର ବାରିଷ୍ଟର ଉମେଶଚନ୍ଦ୍ର ବାନୁର୍ଯ୍ୟା (ଡବ୍ଲିଉ, ସି, ବାନର୍ଯ୍ୟା) ଯେଉଁ ବକ୍ତୃତାଦ୍ୱାରା ଆସାମୀଙ୍କ ମୋକଦ୍ଦମାର ଅବତାରଣା କଲେ ଓ ସାକ୍ଷି ଜୋବାନବନ୍ଦୀ ହେବାରୁ ଯେଉଁ ଦୀର୍ଘ ଏବଂ ଉତ୍ତେଜନା ପୂର୍ଣ୍ଣ ବକ୍ତୃତା କରିଥିଲେ ତାହା ତାଙ୍କ ପ୍ରତି ଅତି ଉପଯୁକ୍ତ ହୋଇଅଛି ଏବଂ ଏପରି ବକ୍ତୃତା ଅନେକ ଦିନ ହେଲା ହାଇକୋର୍ଟରେ ଲୋକେ ଶୁଣି ନ ଥିବାର କହନ୍ତି । ଆସାମୀଙ୍କ ପକ୍ଷରୁ ଯେଉଁ ପ୍ରମାଣ ଦଆଗଲା ତହିଁର ସ୍ଥୂଳ ମର୍ମ ଏହି ଯେ ନାଇଟ ସାହେବ ବାବୁ ଯୋଗେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ନାମକ ଜଣେ ଉକିଲ ଓ ସମ୍ଭ୍ରାନ୍ତ ଲୋକ ଯେ ଭିନ୍ନ ପୂର୍ବରେ ବର୍ତ୍ତମାନର ମୃତ ମହାରାଜାଙ୍କ ଅଧୀନରେ ଲ (ଆଇନ) ମେମ୍ବର କାର୍ଯ୍ୟରେ ନିଯୁକ୍ତ ଥିଲେ ଏହାଙ୍କଠାରୁ ସମ୍ବାଦ ପାଇ ଉକ୍ତ ପ୍ରବନ୍ଧମାନ ଲେଖିଥିଲେ ଓ ସେହି ପ୍ରବନ୍ଧମାନଙ୍କର ପ୍ରୁଫ କାଗଜ ମଧ୍ୟ ଯୋଗେନ୍ଦ୍ର ବାବୁ ଦେଖି ଦେଇଥିଲେ । ମିଲର ସାହେବ ଯେପରି କେବଳ ଟ ୫୦୦ ଙ୍କା ବେତନରେ ପୂର୍ବ ମହାରାଜାଙ୍କ ଅମଳରେ କାର୍ଯ୍ୟ କରୁଥିଲେ ଓ ମୃତ ମହାରାଜା ଗାଦିରେ ବସିବାର ପ୍ରାୟ ଏକ ସପ୍ତାହ ମଧ୍ୟରେ ଆପଣାର ବେତନ ଟ ୧୨୦୦ ଙ୍କାକୁ ବର୍ଦ୍ଧିତ କରାଇ ନେଇ ପରେ ପୁଣି ଅପଣାର ଓ ଆପଣାର ସ୍ତ୍ରୀର ପେନସନ ଇତ୍ୟାଦିର ବ୍ୟବସ୍ଥା କରିନେଲେ, ଯେରୂପରେ ମିଲର ସାହେବ ନ ଯେ ପୂର୍ବ ମହାରାଜାଙ୍କ ଅମଳରେ ଅରେ ସ୍ପୃହା ହେଲା ଯାଇ ପାରୁ ନ ଥିଲେ ମୃତ ମହାରାଜା ଗାଦିରେ ବସିବା ସମୟରୁ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଅତି ଅଳ୍ପକାଳ ମଧ୍ୟରେ ଅନ୍ୟୂନ ମା ୨୭ ସ କାଳ ବିଲାତରେ ଥାଇ ଆପଣାର ପୂର୍ଣ୍ଣ ବେତନ ଅଗତ୍ୟ ଓ ରାସ୍ତାଖର୍ଚ୍ଚ ଆଦ ଯୋଗାଡ଼ କରି ନେଇଥିଲେ, ଯେପରି ଅତି ଅଳ୍ପକାଳ ମଧ୍ୟରେ ଅନେକ ମହଲରୁ ଟଙ୍କା ପୋଷାକରୁ ଟ ୧୪୦୦୦୦୦ ଙ୍କା ଖସି ଖର୍ଚ୍ଚ ହୋଇଗଲା ଇତ୍ୟାଦି ନାନା ବିଷୟ ସାକ୍ଷିମାନଙ୍କ ଦ୍ୱାରା ପ୍ରମାଣ ହେଲା ପରେ ବାରିଷ୍ଟର ଉମେଶ ବାବୁ କହିଲେ ଯେ ସମ୍ବାଦପତ୍ରର ସମ୍ପାଦକ ସ୍ୱରୂପ ଏରୂପ ବିଷୟାଦି କଥାମାନ ଜଣେ ସମ୍ଭ୍ରାନ୍ତ ଲୋକ ପ୍ରମୁଖାତ୍ ଶୁଣିଲା କାରଣରୁ ତଦ୍‌ବିଷୟରେ ଯେତେବେଳେ କୋର୍ଟଅଫୱାର୍ଡସର କାର୍ଯ୍ୟ ଦେଖି ଲୋକଙ୍କ ମଧ୍ୟରେ ଆନ୍ଦୋଳନ ଲାଗିଅଛି ସେ ସମୟରେ ତଦନ୍ତ କରିବା କାରଣ ଯେଉଁ ପ୍ରବନ୍ଧ ଲେଖା ହୋଇଥିଲା ତାହା ଯେ ସରଳ ଭାବେ ଏବଂ ସର୍ବସାଧାରଣଙ୍କ ହିତୋଦ୍ଦେଶରେ ଲେଖା ହୋଇଥିଲା ଏଥିରେ ସନ୍ଦେହ ନାହିଁ । ପ୍ରିଣ୍ଟର ବାର୍ଲୋ ସାହେବଙ୍କ ସମ୍ପର୍କରେ କେବଳ ସମ୍ପାଦକଙ୍କ ଆଦେଶାନୁଯାୟୀ ତାଙ୍କ ଅଧୀନରେ କାର୍ଯ୍ୟ କରିବା ଭିନ୍ନ ଉକ୍ତ ପ୍ରବନ୍ଧ ପ୍ରକାଶ ବିଷୟରେ ତାଙ୍କର କୌଣସି ଦାୟିତ୍ୱ ନ ଥିବାର ପ୍ରମାଣ ହେଲା । ତତ୍ପରେ ବର୍ତ୍ତମାନ ଭାରତେଶ୍ୱରୀଙ୍କ ପକ୍ଷରୁ ବାରିଷ୍ଟର ଗାର୍ଥ ସାହେବଙ୍କ ବକ୍ତୃତା ଓ ବିଚାରପତି ଓକନେଲ ମହୋଦୟଙ୍କ ଜୁରି ଗଣ ସଭ୍ୟଙ୍କୁ ସମ୍ବୋଧନ କରିବାର ଶେଷ ହେବାରୁ ଜୁରିର ସଭ୍ୟମାନେ ପ୍ରାୟ ଏକ ଘଣ୍ଟା କାଳ ନିର୍ଜ୍ଜନରେ ବିଚାର କରି ଜଣାଇଲେ ଯେ ସେମାନେ ଏକମତ ହୋଇ ପାରିଲେ ନାହିଁ । ବିଚାରପତି ସେମାନଙ୍କୁ ପୁନର୍ବାର ବିଚାର କରିବା କାରଣ ଆଦେଶ ଦେଲେ ପୁଣି ଦେଢ଼ ଘଣ୍ଟା କାଳ ନିର୍ଜ୍ଜନରେ ବିଚାର କରି ଜୁରୀଙ୍କ ମୁଖପାତ୍ର ଜଣାଇଲେ ଯେ ପ୍ରିଣ୍ଟର ବାର୍ଲୋ ସାହେବଙ୍କୁ ଖଲାସ ଦେବାରେ ସମସ୍ତଙ୍କର ଏକ ମତ ହେଲା ମାତ୍ର ନାଇଟ ସାହେବ ସମ୍ପାଦକଙ୍କ ସମ୍ପର୍କରେ ସେମାନଙ୍କ ମଧ୍ୟରୁ ଜ ୭ ଣ ଖଲାସ ଦେବାର ଓ ଜ ୩ ଣ ଦଣ୍ଡ ଦେବାର ମତ ଦେଉଅଛନ୍ତି ସମସ୍ତଙ୍କର ଏକମତ ହେବାର କୌଣସି ସମ୍ଭାବନା ନାହିଁ । ଏହା ଶୁଣି ବିଚାରପତି ପ୍ରିଣ୍ଟର ବାର୍ଲୋ ସାହେବଙ୍କୁ ଖଲାସ ଦେଲେ ଏବଂ ଜୁରିର ସଭ୍ୟମାନଙ୍କୁ ବିଦାକରି ସମ୍ପାଦକଙ୍କ ମୋକଦ୍ଦମା ପୁନର୍ବାର ଅନ୍ୟ ଜୁରିଦ୍ୱାରା ଆଗାମୀ ସେସନରେ ବିଚାର ହେବାର ଆଦେଶ କଲେ । ଅଧିକାଂଶ ଜୁରିଙ୍କ ମତାନୁଯାୟୀ ସମ୍ପାଦକ ନାଇଟ ସାହେବଙ୍କୁ ଖଲାସ ଦେବା କାରଣ ବାରିଷ୍ଟର ବାନର୍ଯ୍ୟା ସାହେବ ବିଚାରପତିଙ୍କୁ ଅନେକ ଅନୁନୟ କଲେ ମାତ୍ର ବିଚାରପତିଙ୍କ ମନ ତହିଁରେ ମାନିଲା ନାହିଁ । ନାଇଟ ସାହେବଙ୍କର ଦଶା ଯାହା ପାଉ ନାହିଁ । ଏଣୁ ଆଉ ଥରେ ଖର୍ଚ୍ଚାନ୍ତ ଓ ହଇରାଣ ହେବାକୁ ପଡ଼ିବ କିନ୍ତୁ ଏଣିକି ଲୋକଙ୍କର ଉତ୍ସାହ ତେତେ ରହିବ ନାହିଁ ।

## ସାପ୍ତାହିକ ସଂବାଦ ।

ଏଠା ଜଏଣ୍ଟମାଜିଷ୍ଟ୍ରେଟ ଇଂଲିସ ସାହେବ ଢାକା ନଗରକୁ ବଦଳି ହୋଇ ଅଛନ୍ତି ଶୀଘ୍ର ପ୍ରସ୍ଥାନ କରିବେ । ସେ ଅଳ୍ପକାଳ ଏଠାରେ ଏହି ସୁବିଜ୍ଞତାର ପରିଚୟ ପ୍ରଦାନ ପୂର୍ବକ ଲୋକଙ୍କର ପ୍ରୀତିପାତ୍ର ହୋଇଥିଲେ ଏଥି ମଧ୍ୟରେ ବଦଳି ହେବାରୁ ସମସ୍ତେ ଦୁଃଖିତ ଅଛନ୍ତି ।

ଏ ସପ୍ତାହରେ ଅଧିକ ବର୍ଷା ହୋଇ ନାହିଁ । କେବଳ ମେଘୁଆ କରି ରହିଥିଲା । ଗ୍ରୀଷ୍ମ ଅତ୍ୟନ୍ତ ହୋଇଅଛି ।

ଆଜିକାଲି ଏ ନଗରରେ ଜ୍ୱରରୋଗ କିଛି ପ୍ରବଳ ହୋଇଅଛି ।

### କଲିକତା ଗେଜେଟ ।

ବାଲେଶ୍ୱରର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ କାଳୀପଦ ମୁଖୋପାଧ୍ୟାୟ ପୁନଶ୍ଚ ଏକମାସର ଛୁଟି ଗ୍ରହଣ କରିଅଛନ୍ତି ।

ବାଲେଶ୍ୱରର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଭଗବତ୍‌ଦାସ ନାୟକ ଫୌଜଦାରୀ ମୋକଦ୍ଦମାରେ ସାକ୍ଷିମାନଙ୍କ ଜୋବାନବନ୍ଦୀ ଇଂରାଜୀ ଭାଷାରେ ଲେଖିପାରିବାକୁ ଅନୁମତି ପ୍ରାପ୍ତ ହୋଇଅଛନ୍ତି ।

ବାଲେଶ୍ୱର ଜିଲ୍ଲାର ଭଦ୍ରକରେ କୋର୍ଟ ଇନ୍‌ସ୍ପେକ୍ଟର ବସାଏ ନିର୍ମାଣ କରିବା ନିମନ୍ତେ ଗବର୍ଣ୍ଣମେଣ୍ଟ କେତେକ ଜମି କ୍ରୟ କରିବା ପାଇଁ ଗେଜେଟରେ ବିଜ୍ଞାପନ ଦେଇଅଛନ୍ତି ।

ଡେପୁଟିକଲେକ୍ଟର କର୍ମପ୍ରାର୍ଥୀମାନଙ୍କର ବାର୍ଷିକ ପରୀକ୍ଷା ଆସନ୍ତା ନଭେମ୍ବର ମାସରେ ଗ୍ରହଣ ହେବ । ପୁସ୍ତକ ତାଲିକାମାନ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି ଯେଉଁ ତାରିଖରେ ପରୀକ୍ଷା ଗୃହୀତ ହେବ ଏବଂ ଯେତେଜଣ ପ୍ରାର୍ଥୀ ନେବା ତହିଁର ବିଜ୍ଞାପନ ଏ ପରେ ବାହାରିବ ।

---

ଇଂଲଣ୍ଡଠାରୁ ଆସିଥିବା ଗତ ଜୁଲାଇମାସ ତା ୨୩ ପ୍ରଭୃତି ତାରଖବରରୁ ପ୍ରକାଶ ଯେ ମନ୍ଦାଲୟଠାରୁ ମା ୧ ଦୂରବର୍ତ୍ତୀ ପୁଲିସ ଷ୍ଟେସନକୁ ଡାକାଏତମାନେ ଆକ୍ରମଣ କରି ଜ ୪ ଣ ପଞ୍ଜାବୀ ଓ ଜ ୮ ଣ ବ୍ରହ୍ମଦେଶୀୟ କନଷ୍ଟବଲଙ୍କୁ ହତ କରି ଅଛନ୍ତି ।

ଜଣେ ସମ୍ବାଦଦାତା ଷ୍ଟେଟସମାନଙ୍କୁ ଲେଖିଅଛନ୍ତି ଯେ ହାଇଦରାବାଦର ପୂର୍ବକାଳର ସମୁଦାୟ ଟିକେଟ [illegible] ଦେଇ ହୋଇ ନ ଥିବାରୁ ତାହା [illegible] ତା ୩ [illegible] ନ ହୋଇ ବର୍ତ୍ତମାନ ବନ୍ଦ ରହିଅଛି ।

Digitized by srujanika@gmail.com

ରକ୍ଷଣଶୀଳ ସମ୍ପ୍ରଦାୟଙ୍କ ନେତା ଲର୍ଡ ସାଲିସବରି ମନ୍ତ୍ରୀ ନିଯୋଗ କରିବାରେ ବ୍ୟସ୍ତ ଅଛନ୍ତି ଏବଂ ନିମ୍ନଲିଖିତ ଲୋକେ ଉକ୍ତ ପାର୍ଲିଆମେଣ୍ଟର ମନ୍ତ୍ରୀ ନିଯୋଗ ହୋଇଯାଇ ଥିବାର ସମ୍ବାଦ ମିଳଇ ଯଥା।—

ମାର୍କୁଇସ ଅଫ୍ ଲଣ୍ଡନ୍ଡେରି-ଆୟର୍ଲଣ୍ଡର ଲର୍ଡ ଲେଫ୍ଟେନେଣ୍ଟ।
ସର୍ ମିକାଇଲ ହିକ୍ସବିଚ-ଆୟର୍ଲଣ୍ଡର ପ୍ରଧାନ ସେକ୍ରେଟେରୀ।
ଲର୍ଡ ରଣ୍ଡଲଫ ଚର୍ଚ୍ଚିଲ-ଚାନ୍ସେଲର ଅଫ୍ ଏକ୍ସଚେକର।
ଅର୍ଲ ଇଡେସଲି-ବୈଦେଶିକ ସେକ୍ରେଟେରୀ।
ଲର୍ଡ ହାଲସବରୀ-ଲର୍ଡ ହାଇଗ୍ରାଣ୍ଡ ଚେନସେଲର।
ଡବଲିଉ, ଏଚ, ସ୍ମିଥ-ଯୁଦ୍ଧବିଭାଗୀୟ ସେକ୍ରେଟେରୀ।
ଲର୍ଡ ଜର୍ଜ ହାମିଲଟନ-ସାମୁଦ୍ରିକବିଭାଗର ପ୍ରଧାନ ଲର୍ଡ।
ହେନରି ମେଥିଉସ-ଦେଶୀୟ ଷ୍ଟେଟ ସେକ୍ରେଟେରୀ।
ଲର୍ଡ ଜନମେନର୍ସ-ଡଚି ଅଫ୍ ଲାଙ୍କାଷ୍ଟରର ଚେନସେଲର।
ଲର୍ଡ ଅସବର୍ଣ୍ଣ-ଆୟର୍ଲଣ୍ଡ ଲର୍ଡ ଚେନସେଲର।
ଅର, ଇ, ଇଏବଷ୍ଟର-ଆଟର୍ଣ୍ଣି ଜେନରଲ।
ରାଇକସ ପୋଷ୍ଟମାଷ୍ଟର ଜେନରଲ।
ଡବଲିଉ, ଅର୍, ପ୍ଲଙ୍କେଟ-ବାଇକମାସ୍ତରବିଭାଗୀୟ କମିଶ୍ନର।
କାପୋର ସ୍କଟଲଣ୍ଡର ସେକ୍ରେଟେରୀ।

ଅନ୍ୟାନ୍ୟ ମନ୍ତ୍ରିପଦମାନଙ୍କରେ କେହି ନିଯୁକ୍ତ ହୋଇ ଥିବାର ସମ୍ବାଦ ଆସି ନାହିଁ ଆମ୍ଭମାନଙ୍କ ଭାରତବର୍ଷର ଷ୍ଟେଟ ସେକ୍ରେଟେରୀ ପଦରେ ସର୍, ଏଫ୍, ଏ, ଷ୍ଟାନଲି ସାହେବ ନିଯୁକ୍ତ ହୋଇଥିବାର ସମ୍ବାଦ ଆସିଥିଲା ମାତ୍ର ତତ୍‌ପରକ୍ଷଣରେ ସମ୍ବାଦ ଆସିଲା ଯେ ତାହା ସତ୍ୟ ନୁହଇ। ଲର୍ଡ ରଣ୍ଡଲଫ ଚର୍ଚ୍ଚିଲ ସାହେବ ପାର୍ଲିଆମେଣ୍ଟର କମନ୍ସ ଗୃହର ନେତା ହେବାର ସ୍ଥିର ହୋଇଅଛି।

କଥିତ ଅଛି ଏ ବନ୍ଦୋବସ୍ତମାନେ ବ୍ରହ୍ମଦେଶର ନିଙ୍ଗୟାନ ନଗରକୁ ଅବରୋଧ କରି କେତେକ ଲୋକ ଲୁଟିନେଇ ଯାଇ ଅଛନ୍ତି। ଏ ସମ୍ବାଦ କେତେଦୂର ସତ୍ୟ ଜଣାଯାଇ ନାହିଁ। ମାତ୍ର ଦେଶବାସୀଙ୍କରେ ଅଶାନ୍ତି ବିସ୍ତାରିତ ଥିବାର ଏଥିରୁ ସ୍ପଷ୍ଟ ପ୍ରକାଶ ପାଉଅଛି।

ଗତମାସ ତା ୨୯ ରିଖ ସନ୍ଧ୍ୟା ସ ୭୫ ଘା ସମୟରେ ପିଣ୍ଡିଠାରେ ସାମାନ୍ୟ ପ୍ରକାର ଭୂମିକମ୍ପ ହୋଇଯାଇ ଥିବାର ସମ୍ବାଦ ମିଳଇ। ଏଥିର ଗତି ଉତ୍ତରରୁ ଦକ୍ଷିଣକୁ ଥିଲା ଏବଂ ଏତଦ୍ୱାରା କୌଣସି ଅନିଷ୍ଟ ଘଟଣା ହୋଇ ନାହିଁ।

କଲିକତା ପ୍ରାୟ ଲାହୋରଠାରେ ମଧ୍ୟ ଗତମାସ ତା ୧୮ ରିଖରେ ଶାସନକର୍ତ୍ତାମାନଙ୍କର ଶୈଳବିହାର ସମ୍ବନ୍ଧରେ ବିଚାର କରିବା କାରଣ ଏକ ବିରାଟସଭା ହୋଇଥିଲା। ଅନେକ ଲୋକେ ଏ ସଭାରେ ଉପସ୍ଥିତ ଥାଇ ପ୍ରଭୂତ ଉତ୍ସାହ ଦେଖାଇଥିବାର ସମ୍ବାଦ ମିଳଇ। ଏ ସଭାରେ ସର୍ବମତ ଶୈଳବିହାର ବିରୁଦ୍ଧରେ ପ୍ରସ୍ତାବମାନ ଧାର୍ଯ୍ୟ ହୋଇଯାଇଅଛି।

କାବୁଲଅନ୍ତୁ ଯେ ସମସ୍ତ ସମ୍ବାଦ ଆସୁଅଛି ତାହା ଭଲ ନୁହଇ। ଅମୀର ପୀଡ଼ିତ ଓ ଶଯ୍ୟାଗତ ଏବଂ ଦେଶରେ ଅକାଳ ପଡ଼ିଅଛି। ଖାଦ୍ୟ ଦ୍ରବ୍ୟ ନିତାନ୍ତ ଦୁର୍ମୂଲ୍ୟ ହୋଇଥିବାରୁ ଲୋକେ ନିତାନ୍ତ ଅସନ୍ତୁଷ୍ଟ ଅଛନ୍ତି। ଏହି ସମୟରେ ସେ ତିଏ ବିପଦ ପଡିବା ବଡ଼ ଅଶୁଭର ଲକ୍ଷଣ ଅଟଇ।

ଦେବଗଡ଼ର ସମ୍ବାଦଦାତା ଷ୍ଟେଟସମାନଙ୍କ ଲେଖିଅଛନ୍ତି ଯେ ସେଠାରେ ଇନ୍‌କମଟାକ୍ସ ଯୋଗେ ଲୋକମାନଙ୍କ ଅତ୍ୟାଗ୍ରହ ହେଉଅଛି। କେତେକ ଲୋକ ଟପିଲ କରି ଶତକଡ଼ା ଟ୧୨୦ଙ୍କା ଟାକ୍ସ ଦାୟରୁ ମୁକ୍ତ ହୋଇଅଛନ୍ତି ଏବଂ ଅନ୍ୟ କେତେକ ଅପିଲ ନିଷ୍ପତ୍ତି ପାଇ ନାହିଁ। ଏ ସବୁ କଥା କି ଗବର୍ଣ୍ଣମେଣ୍ଟଙ୍କ କର୍ଣ୍ଣକୁହରରେ ପ୍ରବେଶ କରଇ? ଟାକ୍ସଦାୟ ଓ ମୋକଦ୍ଦମାଦାୟ ଏକତ୍ର ଯୋଗ ହେଲେ ଆଉ ରକ୍ଷା କେଉଁଠାରେ?

## ରଣପୁର ସମ୍ବାଦ।

ଗତ ଧାନଫସଲ ଅଧିକ ଉତ୍ତମ ହୋଇ ନ ଥିଲା ବିଶେଷ ଧାନଫସଲ ପର ମୁଗଫସଲ ଉତ୍ତମ ଆମଦାନୀ ହେବାରୁ ଲୋକେ ଏହା କ୍ରୟ ବିକ୍ରୟ କରି କେତେକ ଦିନ କାଳଯାପନ କରିଥିଲେ ତହୁଁପର ଆମ୍ବ ଅତି ଅଧିକ ଫଳ ହେବା ଓ ତାହାକୁ ଏ କଲ୍ଲାର ଦେଓ୍ୱାନ ଶ୍ରୀଯୁକ୍ତ ବାବୁ ଗୌରଚନ୍ଦ୍ର ଶେଷ ପାଚିବା ପର୍ଯ୍ୟନ୍ତ ଅଧିକ ଯତ୍ନରେ ଅଟକ କରି ରଖିବାରୁ ତାହା ସବୁ ସେହିପରି ପାଚିବା ପର୍ଯ୍ୟନ୍ତ ରହିଲା ଲୋକେ ମହାନନ୍ଦରେ ତୋଳି ଗୋଟାଇ ଖାଇଲେ ଖାଇ କେତେକ ସମୟ ମହାନନ୍ଦରେ କଟାଇଲେ ତାହା ଶେଷ ହେବାରୁ ଲୋକଙ୍କର ଅଶନ କଷ୍ଟ ହେଉଥିଲା ବର୍ତ୍ତମାନ ବାବୁ ପ୍ରଶଂସିତ ସ୍ଥାନେ ସ୍ଥାନେ ଥିବା ସରକାରୀ ଧାନ କୋଠି ଖୋଲିଲେ ନିଜେ ଯାଇ ଲୋକଙ୍କୁ ଧାନମାନ ବିତରଣ କରି ସେମାନଙ୍କର କଷ୍ଟ ନିବାରଣ କରୁଅଛନ୍ତି ଏମାନ ମହତ ବଦାନ୍ୟ ଓ ଉଦାର ଚରିତ୍ରର ବିଷୟ ଅଟେ।

ଏଅଞ୍ଚଳରେ ବର୍ତ୍ତମାନ ବୃଷ୍ଟିର ଅବସ୍ଥା ଉତ୍ତମ ଥିବାରୁ ଫସଲ ଅବସ୍ଥା ଭଲ ଅଛି। ଏଠାକୁ ଇନ୍ଦ୍ରସଭା ନାଟକ ଅଭିନୟ କରୁଥିବା ଏକଦଳ ଲୋକ ଆସି ଦୁଇଦିନ ଉକ୍ତ ନାଟକ ଦେଖାଇ ଥିଲେ।

ଏ କସ୍ଥାର ଡାକ୍ତର ଦୁଇମାସର ଛୁଟି ନେଇଥିବାରୁ ଆଉ ଏକଜଣ ଡାକ୍ତର ତାଙ୍କ କାର୍ଯ୍ୟରେ ଏକଟିଂ ମୁକରର ହେବେ।

---

## ପ୍ରେରିତପତ୍ର।

ପ୍ରେରିତପତ୍ରର ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ।

---

To

THE EDITOR OF UTKAL DIPIKA.

SIR,

I shall be obliged if you kindly make room for the following few lines in your paper.

You are aware that most of the gentry of the Southern quarter of this town resort to the embankments of the Kathjuri river with a view to refresh themselves with the pure and cool riverside air; it is therefore a place which has much to do with the health of the people here, and I wonder how is it that the Municipal Authorities seem to be unaware of this. No doubt they have mdea two or three public latrines all along the river side, but of what earthly use are they if the people void their foeces with impunity over the embankment steps? This nuisance has grown to an unbearable extent since the rise of the river and from the Collector's office to the Telungabazar Outpost there is not a place where we can stand without being scared away by the offensive smell.

I hope, Mr. Editor, that the Municipal Authorties will consider the matter and take steps, to prevent the nuisance as promptly as they can.

Cuttack
4-8-86

Yours truly
M. D.

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ ସମୀପେଷୁ।—

ମହାଶୟ!

ଅନ୍ତର୍ଲିପି।

ସୁବୁଦ୍ଧିଚତୁରବିବେକଶେଖରମାନଙ୍କ ଚରଣେ ଦାଉ। ଦଇକର ଦଯ୍ୟାବାର ସ୍ୱତଇରେ ଗୃହଙ୍କ ଚତୁଂ ଉଷାହର। ୧। ତନ୍ତ୍ର ଚତରେ ଅନ୍ତର୍ଲିପି ଏ ଲିପି ମଧ୍ୟେ ଜଳ ଗୁପ୍ତେ ରଚନା। କିବର୍ଣ୍ଣ ଲେଖିତ ଆଦ୍ୟ ପ୍ରାନ୍ତବତ ମଧ୍ୟବର୍ଣ୍ଣ କରି ପଠନ। ୨। ବେଦ ବଳ ମେଲ ସମୟରେ ଗୋଲ କ ହେଲେ ଫିଟଇ କେତନ। ନରମାନଙ୍କୁ ଶୋଭନ କେ କସଏ ଏହା ବିଚାର କରମନ। ୩। ଲମ୍ବକାଳେ ମୃଧା ଯେ ଏକାକୀ ବୃଥା ମାନସେ କସୁଖ ଚନ୍ତନ୍ତି। ଗ୍ରାଭୁରେ ବିବାଦ ସମରକୁ ମଧ୍ୟ ଅଚ୍ଛେଦରେ ଭେଦ ହୁଅନ୍ତି। ୪। ପୃଥ୍ୱୀରେ ଶସ୍ୟ ହୁଅଇ ବସ ହେଲେ ତାହାକୁ କବୋଲନ୍ତି ଜନ। ଶ୍ମଶାନବାସୀ କେହ୍ନାରୁ ସଦାଶିବ ବହିଲେ ସେ କେଉଁ ନାମ। ୫। ଲୁଞ୍ଚିବେହାଣ୍ଡି କୁଞ୍ଜରେ ବିହରନ୍ତି କାହା ପ୍ରୀତି ଚନ୍ତି ମାନସେ। କେଉ ଗର୍ଭିଣୀ ତରୁଣୀ ହରିଣୀ କଷ୍ଟଂ ଉପାଗଲ ହରସେ। ୬। ଶରୀର ନୁହଇ ବୃକ୍ଷେ ଉପାଇ ଲମ୍ବେ ବଢ଼ାଇଲ କର। ଦୁଗ୍ଧବକ୍ଷିକା ଥାଇ ଦୂରେ ନେଇ ଜ ଦେଖେ ମୁଗ୍ଧବେଧ୍ୟ ଅଗା ପ୍ରକାର। ୭।

ଲେଖକ ଶ୍ରୀମୃତ୍ୟୁଞ୍ଜୟମହାପାତ୍ର ସା। କଟକ ଗୃହଗାଚଉକୁ। ହାଲ, ହିଁ ନରସିଂହପୁର।

---

ମହାଶୟ!

ଏହି ନିମ୍ନଲିଖିତ ପଂକ୍ତିଗୁଡ଼ିକୁ ସଂଶୋଧନ କରି ଓଡ଼ିଆରେ ପୁଣି ଇଂରେଜି ଅନୁବାଦ କରି ଆପଣଙ୍କ ବିଖ୍ୟାତ ପତ୍ରିକାରେ ମୁଦ୍ରିତ କରି ଚିରବାଧିତ କରିବା ହେବେ।

ଗଞ୍ଜାମଜିଲ୍ଲାନ୍ତର୍ଗତ ବ୍ରହ୍ମପୁର କଲେଜ ବିଦ୍ୟାଳୟର ସହକାରୀଶିକ୍ଷକ ଶ୍ରୀମନ୍ତ ବାବୁ ଶଶିଭୂଷଣ ପାଣିଗ୍ରାହୀ ପାରଳା ଖେମୁଣ୍ଡି ଅଞ୍ଚଳର ବିଦ୍ୟାବିଭା-

Split by PDF Splitter

Digitized by srujanika@gmail.com

Split by PDF Splitter



ଶୀଘ୍ର ଡେପୁଟୀ ଇନସ୍ପେକ୍ଟର ପଦରେ ନିଯୁକ୍ତ କରାଗଲେ ଅତଏବ ତାହାଙ୍କ ସ୍ଥଳରେ ଜଣେ ଉତ୍କଳଦେଶର ଓଡ଼ିଆକୁ ନିଯୁକ୍ତ କରିବାର ଆବଶ୍ୟକ ଥିଲା ଉକ୍ତ ପଦ ପାଇବା ପାଇଁ ସମ୍ପ୍ରତି କଟକ କମିଶନର କଚେରୀର ମୋହରିର ବାବୁ ଗୋପବନ୍ଧୁ ପଟ୍ଟନାୟକେ ଆବେଦନ କରିଥିଲେ ସେ ସ୍ୱୁମସ୍କର ପ୍ରସିଦ୍ଧ ବଂଶଜ ତାହାଙ୍କୁ ସେହି ପଦଟି ମିଳିଥିଲେ ଦେଶୀୟଲୋକେ ଅତ୍ୟନ୍ତାନନ୍ଦ ଲଭିଥାନ୍ତେ କିନ୍ତୁ ଗୋପବନ୍ଧୁ ବାବୁଙ୍କୁ ନ ଦେଇ ମୂକୁନର ଜ୍ଞାନଦ ଜଣେ ବିଦେଶୀୟ କମାବ୍ରାହ୍ମଣଙ୍କୁ ଦେବାର ମନ୍ଦ୍ରାଜ ଗବର୍ଣ୍ଣମେଣ୍ଟର ଅସ୍ମ-ଅନାଥ ଓଡ଼ିଆମାନଙ୍କ ପକ୍ଷେ କେବଳ ପକ୍ଷପାତ ହୋଇଅଛି କାରଣ ଏହିଯେ ତେଲଙ୍ଗାବାଳକମାନେ ମାତୃଭାଷା ଶିକ୍ଷିବା ସକାଶେ ଉକ୍ତ ବିଦ୍ୟାଳୟରେ ଜଣେ ତେଲଙ୍ଗା ଶାସ୍ତ୍ରୀଙ୍କୁ ନିଯୁକ୍ତ କରିଅଛନ୍ତି ପୁଣି ସେହିମାନଙ୍କ ମଧ୍ୟରୁ ତେଲଙ୍ଗା ନ ପଢି ସଂସ୍କୃତ ପଢିବାକୁ ଇଚ୍ଛାକରିବା ବାଳକମାନଙ୍କ ସକାଶେ ଜଣେ ସଂସ୍କୃତ ଶାସ୍ତ୍ରୀଙ୍କୁ ନିଯୁକ୍ତ କରିଅଛନ୍ତି କି ଅମ୍ଭେମାନେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟର ପ୍ରଜା ନୋହୁଁ ? ଅସ୍ମ ଓଡ଼ିଆଭାଷା କି ଏତେ ଗବର୍ଣ୍ଣମେଣ୍ଟଙ୍କୁ ମନଭ୍ରଷ୍ଟାପର ଦୃଷ୍ଟ ହେଲା ? ଏହି କାରଣରୁ ଆମ୍ଭେ କହୁଁ ଗବର୍ଣ୍ଣମେଣ୍ଟ ଅସ୍ମ ଓଡ଼ିଆମାନଙ୍କ ପକ୍ଷେ ପକ୍ଷପାତାବଲମ୍ବନ କରିଅଛନ୍ତି । ଯେବେ ମୁକୁନସ୍ତଓ ବ, ଏ, ତେବେ ଶ୍ରୀଯୁତ ଗବର୍ଣ୍ଣମେଣ୍ଟଙ୍କୁ ଅସ୍ମ ଗଞ୍ଜାମ ଓଡ଼ିଆମାନଙ୍କର ଦୃଢପ୍ରାର୍ଥନା ତେଲଙ୍ଗା ଓ ଦ୍ରମା ବାଳକମାନଙ୍କପାଇଁ ଯେଉଁପରି ତେଲଙ୍ଗା ଶାସ୍ତ୍ରୀ ନିଯୁକ୍ତ କରାଯାଇ ଅଛି ସେହିପରି ଅସ୍ମ ଓଡ଼ିଆମାନଙ୍କ ଓଡ଼ିଆ ଶିକ୍ଷାର୍ଥେ ଉକ୍ତ କଲେଜରେ ଅତି ଏକଜଣ ଉପଯୁକ୍ତ ଓଡ଼ିଆଶାସ୍ତ୍ରୀ ନିଯୁକ୍ତ କରନ୍ତୁ ।

୨୭।୭।୮୬ } ବଶମ୍ବଦ
ଶ୍ରୀ————
ବମ୍ବକୋଣ୍ଡା ।

———

ମହାଶୟ ?

ଜେଣା ପରଗଣାଦ ଉପିଙ୍ଗସୀମାର କୃଷ୍ଣପ୍ରସାଦ ଗଡ଼ନିବାସୀ ସମ ଦଳବେହେରା ପ୍ରଭୃତିଙ୍କ କହିବାରୁ ପ୍ରକାଶ ଯେ ଆଜକୁ ପ୍ରାୟ ୨।୭ଦିନ ହେବ ଏ ଅଞ୍ଚଳରେ ଝାନକଳରେ ଏକପ୍ରକାର ରୋଗ ଦେଖାଯାଉ ଅଛି । ତହିଁରେ ଗଞ୍ଜା ମହୋଦୟଙ୍କର ଓ ରୟତମାନଙ୍କର ପ୍ରଚୁର କ୍ଷତି ହେଉଅଛି । ଉକ୍ତ ରୋଗକୁ ଲୋକେ ହଲଖଣ୍ଡି ରୋଗ (ଯୁଇଫୋକରୋଗ) କହୁଅଛନ୍ତି । ସେହି ରୋଗଦ୍ୱାରା ଧାନଗଛ ପୀତବର୍ଣ୍ଣ ହୋଇଯାଉଅଛି ମଧ୍ୟ ତହିଁରେ ଶୁକ୍ଳ, ପୀତ, ଓ ପାଣ୍ଡୁର ବର୍ଣ୍ଣ ଏକପ୍ରକାର ପତଙ୍ଗ ଜାତ ହୋଇଅଛନ୍ତି, ଅଧିକନ୍ତୁ ହଳଚଳର ଜଳାର୍ଦ୍ରଭୂମିରେ ଏକଦୁଇ ଅଙ୍ଗୁଳ ବହଳରେ ଉକ୍ତ ପତଙ୍ଗମାନେ ଥିବାର ଦେଖାଯାଉଅଛନ୍ତି । ଦୁଇତିନିଦିନ ମଧ୍ୟରେ ଉକ୍ତମାନଙ୍କର ମୂଳ ସଢିଗଲାପ୍ରାୟ ହୋଇ, ପରିଶେଷରେ ତେରମାଡ ବଳୀନ ହେଉଅଛି, ପୁଣି ପ୍ରୋକ୍ତ ଉକ୍ତମାନଙ୍କୁ ଅନ୍ୟତ ଜମିମାନଙ୍କରେ ରୋପଣ କଲେ ସେମାନେ ଜୀର୍ଣ୍ଣ ନ ହୋଇ ଅତସ୍ଥିତ୍ ଏକ ଦୁଇଦିନ ମଧ୍ୟରେ ସମସ୍ତେ ମରିଯାଉ ଅଛନ୍ତି ବିଶେଷତଃ ସେହି ଉକ୍ତମାନଙ୍କୁ ଉତ୍ପାଟନକରି ଗୋରୁଗାଈ ଇତ୍ୟାଦିଙ୍କୁ ଖାଇବାକୁ ଦେଲେ, ଖାଇବାର ଦୂରେ ଥାଉ ଘ୍ରାଣସୁଦ୍ଧା କରୁ ନାହାନ୍ତି । ଏପରି ଘଟଣା ପ୍ରାୟ ଇପିଙ୍ଗସୀମାସ୍ଥ ଅଧିକାଂଶ ଜମିମାନଙ୍କରେ ଘଟିଅଛି । ଦୁଇବର୍ଷ ହେଲା ଏ ଅଞ୍ଚଳରେ ଦୁର୍ଭିକ୍ଷର ପୀଡ଼ାରେ ଲୋକେ ପ୍ରପୀଡ଼ିତ ହେଉଅଛନ୍ତି, ସେ ଦୁଃଖ ମନରୁ ଅପନୋଦିତ ନ ହେଉଣୁ ଏପରି ସଙ୍କଟ ! ପରୋପକାରେଚ୍ଛୁ ସ୍ୱର୍ଗୀୟ । ଯେଉଁ ପାଠକମାନେ ଏଥିବିଷୟରେ ପ୍ରତିବିଧାନ ଜାଣନ୍ତି ଓ ଯେଉଁ ପ୍ରକ୍ରିୟାଦ୍ୱାରା ଏପରି ଘଟଣା ନିବୃତ୍ତ ହୋଇପାରେ, ସେମାନେ ପ୍ରତିବିଧାନ ପ୍ରକ୍ରିୟା ବା ଔଷଧସହିତ ସେମାନଙ୍କର ନାମ ଧାମ ଲେଖିତ ଠିକଣାରେ ପତ୍ର ପ୍ରେରଣକରି ଚିରବାଧିତ କରିବେ । ଦୁର୍ଭିକ୍ଷରେ ସଜା ଲୋକଙ୍କୁ ୧୨୦୦ ଟଙ୍କାର ଧାନ ଗୃହ୍ନଲ ଦେଇ ବଞ୍ଚାଇଥିଲେ ମାତ୍ର ଏପରି ସଙ୍କଟରେ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇଅଛନ୍ତି । ସେ ଯୋଗଙ୍କର ଚେଷ୍ଟା ନାହିଁ । ଇତି

ବଶମ୍ବଦ
କୃଷ୍ଣପ୍ରସାଦ } ଶ୍ରୀ ବଳରାମ ଦାସ ଅଗ୍ରହାରୀ ହେଡ଼ ମାଷ୍ଟର
୧।୮।୮୬ } ପାଠଶାଳା, ହୁର ଗଡ଼ କୃଷ୍ଣପ୍ରସାଦ ଚକ୍ରଃ
ପୋଷ୍ଟାପିସ ଗଞ୍ଜାମ ସ୍ୱତ୍ୱ ।

———

ମହାଶୟ !

ଅପଣଙ୍କ ( ତା ୧୦ ଋଖ ଜୁଲାଇ ) ପତ୍ରିକାରେ କେନୈକ ପତ୍ରପ୍ରେରକଙ୍କ ପ୍ରଶ୍ନର ଉତ୍ତର କ୍ରମରେ ଲେଖିଲୁଁ—ଅପଣ ଶୀଘ୍ର ପତ୍ରିକାର, ଏକଦେଶରେ ସ୍ଥାନ ପ୍ରଦାନକରି, ପ୍ରଶ୍ନକର୍ତ୍ତାଙ୍କର ସନ୍ଦେହଭଞ୍ଜନ କଲେ ଆମ୍ଭେ ଉପକୃତ ହେବୁଁ ।

୧ମ ପ୍ରଶ୍ନର ଉତ୍ତର ଯଥା ।

ଯାମଳସନ୍ତାନ ଜନ୍ମହେବାର କତିପୟ ( କାଡଚ୍ଛେଦନାନନ୍ତର ) ପରେ ଯେବେ ଏକଶିଶୁ ଗର୍ଭସ୍ଥ ହୁଅଇ ତାହା ହେଲେ ତେବେ ପିତା ଓ ମାତାଙ୍କୁ ପୂର୍ଣ୍ଣାଶୌଚ ଅର୍ଥାତ୍ ସୂତିକାଶୌଚ ପ୍ରଶ୍ନରୂପେ, ପାଳିବାକୁ ହେବ କିନ୍ତୁ ଇତର ଅର୍ଥାତ୍ ସପିଣ୍ଡାଦି ଜ୍ଞାତିମାନେ ମରଣାଶୌଚର ବିଳମ୍ବଯୋଗରୁ ସଦ୍ୟଃଶୌଚ ହୋଇଯିବେ ପରେ ଯଦ୍ୟପି ଜନ୍ମ ଦଶାନନ୍ତର ଦ ୧୦ ଦିନମଧ୍ୟରେ ଉପରୋକ୍ତ ଶିଶୁର ମୃତ୍ୟୁ ହୋଇଥାଏ ତେବେ ଜ୍ଞାତିମାନଙ୍କର ସଦ୍ୟଃଶୁଦ୍ଧି ହେବ, ମଧ୍ୟ, ମାଷ ସେପରି ସ୍ଥଳରେ ଅଧିକ, ଧାନ୍ୟାଦି, କରିବାକୁ ହେବ ଯେହେତୁ ଯାଜ୍ଞବଳ୍କ୍ୟ ଉକ୍ତ ବୈଷ୍ଣବ ଅଦର୍ଶ କହୋଇଅଛନ୍ତି ତାହା ଅନ୍ତ୍ୟସ୍ଥ ସ୍ଥିର ହୁଅଇ । ପ୍ରମାଣଂ ଯଥା -

ଜାତମାତ୍ରସ୍ୟ ବାଳସ୍ୟ
ଯଦିସ୍ୟାନ୍ମରଣଂ ପିତୁଃ ।
ମାତୁଶ୍ଚ ସୂତକଂ ତସ୍ୟା
ପିତାତ୍ୱସ୍ପୃଶ୍ୟ ଏବଚ ।
ଏତଦ୍ଭବତିଂ ମାତୃ ପିତୃ ବିଷୟଂ ।
ବାନ୍ଧବାନ୍ତୁର୍ଦ୍ଦଶାହେତୁ
ପ୍ରେତତ୍ୱଂ ଯଦି ଗଚ୍ଛତି ।
ସଦ୍ୟଃଶୌଚଂ ସପିଣ୍ଡାନାଂ
ନ ଶାବ ନୈବ ସୂତକ-
ମିତି ବଚନଂ ଜ୍ଞାତିପରଂ ଇତି ।

୨ୟ ପ୍ରଶ୍ନର ଉତ୍ତର

ଯାମଳସନ୍ତାନ ଜନ୍ମରେ ଯେବେ ଗୋଟିକର ମାତୃଗର୍ଭରୁ ମୃତ୍ୟୁ ହୋଇଅଛି ଏପରି ସ୍ଥଳରେ ସମସ୍ତଙ୍କୁ ( ପିତୃମାତୃବ୍ୟତୀତଙ୍କୁ ) କେବଳ ସୂତକାଶୌଚ ପାଳିବାକୁ ହେବ । ପ୍ରମାଣଂ ଯଥା——

ଗର୍ଭେ ଯଦି ବିପତ୍ତିଃ ସ୍ୟା ଦଶାହଂ ସୂତକଂ ଭବେତ୍ । ଇତି ।— ସୂତକାଶୌଚଂ । ପୁନଶ୍ଚ ପରଂସ୍ମୃତକଜନନୀ ସର୍ବେଷାଂ ପୂର୍ଣ୍ଣଂ ଭବେତ୍ । ଇତି ସ୍ମୃତିଚନ୍ଦ୍ରିକାକାରଃ । ଅଶୌଚନାଂ ବଳାବଳନ୍ତୁ । —ଯଥା ସୂତକାଦ୍ଦ୍ୱିଗୁଣଂ ଶାବ ଶାବାଦ୍ଦ୍ୱିଗୁଣ ମାର୍ତ୍ତବ । ଇତ୍ୟାଦି ।

ଗରୁଣା ଲଘୁବାଧେଗ—ଲଘୁନା ନୈବ

Digitized by srujanika@gmail.com

Split by PDF Splitter



ଉଦ୍ଗୁରୁଃ । ଇତ୍ୟାଦ ବଚନାରୁ ସୂତକାଶୌଚ ଅପେକ୍ଷା ମରଣାଶୌଚ ଦୁଇଗୁଣ ଅଧିକ ହୋଇଥିବାରୁ "ଗୁରୁ" ବୋଲଯାଏ ଇତ୍ୟାଗ ଲଘୁ ଅର୍ଥାତ୍ ସୂତକାଶୌଚର ବାଧା ହୁଅଇ । ଇତ୍ୟଲାଂ ।

୨୦।୭।୮୭ । ବଶମ୍ବଦ
ଶ୍ରୀରଘୁନାଥସିଂହପୁର ଶ୍ରୀଯୋଗୀନ୍ଦ୍ର ମିଶ୍ରଶର୍ମୀ
ଆର୍ଯ୍ୟଜାତିପ୍ରଦୀପ ସଭା ।

# ବି ଜ୍ଞା ପ ନ ।

## ଓଲାଉଠା ରୋଗର ଉତ୍ତମପରୀକ୍ଷିତ ମହୌଷଧି ।

ଏହି ଔଷଧର ସମାନ ଗୁଣାବଲମ୍ବି ଅନ୍ୟ କୌଣସି ଔଷଧି କୁତ୍ରାପି ଲକ୍ଷିତ ହୁଏ ନାହିଁ । ଏପର ଓଲାଉଠାରୋଗର ପ୍ରଧାନତମ ଔଷଧି ହୋଇ ନାହିଁ; ଏହି ଔଷଧି ଯେଉଁଠାରେ ଫଳପ୍ରଦ "କ୍ଲୋରୋଡାଇନ" ଯେଉଁଠାରେ ଫଳପ୍ରଦ ହୋଇ ଅନେକ ସ୍ପଷ୍ଟାତ ଲାଭ କରଅଛୁ ।

କ୍ଲୋରୋଡାଇନ ପରବର୍ତ୍ତୀରେ ନ ୧ ମ୍ବର ପିଲବା ବଟୀକା ବ୍ୟବହାର କରିବାକୁ ହୁଏ ।

କ୍ଲୋରୋଡାଇନ ଯେଉଁ ସ୍ଥଳେ ଫଳପ୍ରଦ ନ ହୁଏ ସେସ୍ଥଳେ ନ ୨ ମ୍ବର ପିଲବା ବଟୀକା ବ୍ୟବହାର କଲେ ନିଶ୍ଚେ ରୋଗୀ ରୋଗରୁ ମୁକ୍ତ ପାଏ ।

ରୋଗୀର ମରଣାପନ୍ନ ଅବସ୍ଥାରେ ନଂ ୩ ମ୍ବର ପିଲବା ବଟୀକା ବ୍ୟବହାର କଲେ ରୋଗୀ ଜୀବାଇ ଥାଇ ପୁଣି ସଂସାର କାର୍ଯ୍ୟ ନିର୍ବାହ କରଇ ।

ଯଦ୍ୟପି ବାନ୍ତି ବନ୍ଦ ନ ହୁଏ ତେବେ ନଂ ୪ ପିଲବା ବଟୀକା ବ୍ୟବହାରରେ ନିଶ୍ଚୟ ବନ୍ଦ ହୁଏ ।

ଅସହ୍ୟ ତୃଷ୍ଣା ନିବାରଣ ସକାଶେ ନଂ ୫ ମ୍ବର ପିଲବା ବଟୀକା ବ୍ୟବହାର ମାତ୍ରେ ନିବାରଣ ହୁଏ ।

ଯଦି ପେଟରେ ଯନ୍ତ୍ରଣା ହୁଏ ବା ପେଟ ଫୁଲଏ ବା ରୋଗୀର ପରିସ୍ରାବ ନ ହୁଏ ତେବେ ନ ୬ ମ୍ବର ଔଷଧି ବ୍ୟବହାରରେ ସମସ୍ତ ପୀଡ଼ା ଉପଶମ ହୁଏ ।

ଉକ୍ତ ପ୍ରତ୍ୟେକ ନମ୍ବର ଔଷଧର ମୂଲ୍ୟ ଟ ୦ ୮ ଓ ସମୁଦାୟ ଏକତ୍ରରେ କ୍ରୟ କଲେ ଉତ୍ତମ ବାକ୍ସରେ ବନ୍ଦ କରି ବ୍ୟବସ୍ଥାପତ୍ର ସହ ଟ ୨। ମୂଲ୍ୟରେ ପ୍ରାପ୍ତ ହେବ ।

ଅଧିକ ବା ଅଲ୍ପଦିନର କଷ୍ଟସାଧ୍ୟ ଜ୍ୱର ଓ ଅନ୍ୟାନ୍ୟ ରୋଗର ବହୁ ପରୀକ୍ଷିତ ଓ ଅମୋଘ ଫଳପ୍ରଦ ଔଷଧ ।

କୌଣସି ପ୍ରକାର କଷ୍ଟସାଧ୍ୟ ଜ୍ୱରସଂହାର ବଟି ଟ ୧ ।
କାମୁଡ଼ିଲର ଅତି ଅଶ୍ଚର୍ଯ୍ୟ ଔଷଧି ଟ ୧୧
କାଉଗାର୍ଣ୍ଣ ବା ଗ୍ରହଣିରୋଗରେଗର ଔଷଧି ଟ ୧
ଶିରଶୂଳର ଉତ୍ତମ ଔଷଧି ଟ ୦ ⁄।
ଯାହୁର ମଲମ (ଜ୍ୱାଳା କରଇ ନାହିଁ) ଟ ୦ ⁄
କଫରୋଗର ବଟି ଟ ୦ ⁄
ଦନ୍ତରୋଗର ଚୂର୍ଣ୍ଣ ଟ ୦ ⁄
କର୍ପୂରାସବ (ଉଦରମୟ ନାଶକ) ଟ ୦ । ⁄
ଜୀର୍ଣ୍ଣକାରକ ଔଷଧି ଟ ୦ ୪
" ଉଦୁରସ ଟ ୦ ୪
" ମଧୁରସ ଟ ୦ ୪
ବମନରୋଗର ବଟି ଟ ୦ ୪
ମକରଧ୍ୱଜ ପ୍ରତିତୋଳା ଟ ୧୬୧
ବହୁକାଳର ଗ୍ରହଣି ଔଷଧି ଟ ୧୦୧

## ପ୍ରଶଂସାପତ୍ର ।

ଆପଣଙ୍କ ପ୍ରସ୍ତୁତ ଓଲାଉଠା ରୋଗର ବଟୀକାର ଗୁଣ ଯଥେଷ୍ଟରୂପେ ପ୍ରଶଂସା କରାଯାଇ ନ ପାରେ । ୬୦ ବର୍ଷର ଅଧିକ ଓ ୭୦ ବର୍ଷର ଅନଧିକ ବୟସ୍କ ଆମ୍ଭର ଜଣେ ପ୍ରତିବାସୀ ଓଲାଉଠା ରୋଗରେ ଏପରି ପୀଡ଼ିତ ଥିଲେ ଯେ ତାଙ୍କର ଜୀବନର ଆଶା ସମସ୍ତେ ତ୍ୟାଗ କରିଥିଲେ । ଏହି ସମୟରେ ଆପଣଙ୍କ ଦତ୍ତ (ନ ୩ ମ୍ବର) ବଟୀକାଟି ତାହାଙ୍କୁ ଖୁଆଇଲୁଁ । ଅତ୍ୟନ୍ତ ଆହ୍ଲାଦରସହିତ ଜଣାଉଅଛୁ ଯେ ଉକ୍ତ ବଟୀକା ଦେବାମାତ୍ରେକେ ରୋଗୀ ଉପଶମଲାଭ କଲେ ଓ ଅବଶେଷରେ ସମ୍ପୂର୍ଣ୍ଣଆରୋଗ୍ୟ ଲାଭ କଲେ ।

କେନ୍ଦ୍ରାପଡ଼ା ଓୟୃରସ ଅଲ
୩୦।୫।୮୭ ହେଡ଼ମାଷ୍ଟର

ମହାଶୟ, ଆପଣ ଯେଉଁ ଔଷଧ ପ୍ରେରଣ କରିଥିଲେ ତାହା ବହୁଦିବସସ୍ଥାୟୀ ଜ୍ୱରର ଶାନ୍ତିଦାୟକ ଔଷଧ ଅଟେ । ଦୁଇ ଦିବସ ମଧ୍ୟରେ ଏହା ଆଶ୍ଚର୍ଯ୍ୟଜନକ ଫଳ ଫଳିଥିବାରୁ ଏହାର ପ୍ରଶଂସା ଅମ୍ଭେ କରୁ ଅଛୁଁ ।

ଆପଣଙ୍କର ବଶମ୍ବଦ
ଭଗବତ ପ୍ରସାଦ ଦାସ
ରେଜଷ୍ଟ୍ରୀ କମ୍ପଣୀ

ଅନ୍ୟ ସାର୍ଟିଫିକେଟମାନ ଦୀପିକାର ୭।୩।୮୭, ୨୦।୩।୮୭, ୧୦।୪।୮୭ ଓ ୨୭।୭।୮୭, ସମ୍ବାଦର ୩।୪।୮୪ ରେ ପ୍ରକାଶ ହୋଇ ଅଛି ଦେଖ ଓ କବିରାଜଙ୍କଠାରେ ତତ୍ତ୍ୱ କଲେ ଅନେକ ସାର୍ଟିଫିକେଟ ପାଠ କରି ପାରିବ ।

କେନ୍ଦ୍ରାପଡ଼ାସ୍ଥ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ କବିରାଜଙ୍କଠାରେ ଉପରୋକ୍ତ ଔଷଧମାନ ପ୍ରାପ୍ତ ହେବ ।

Apply to
LAKSHMINARAIN GUPTA
Kabiraj, Kendrapara.

**SCHOOL BOOKS ! SCHOOL BOOKS !**

English and Uriya for Entrance Minor and Vernacular schools of all grades, sold at the book shop of the Cuttack Printing Company, Dargha Bazar Cuttack.

ନାନାପ୍ରକାର ଇଂରାଜୀ ଏବଂ ଓଡ଼ିଆ ବିଦ୍ୟାଳୟର ପାଠ୍ୟପୁସ୍ତକ ସୁଲଭ ମୂଲ୍ୟରେ କଟକପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ମୟୂରଭଞ୍ଜ ଇଲାକାର ବ୍ରାହ୍ମଣଘାଟ ପରଗଣାର ରେଲ କୋମ୍ପାନୀ ଜରିବ ଓ ସର୍ଭେ ନକସା କରିବା ନିମନ୍ତେ ଜ ୩୦ ଣ ସର୍ଭେଅର ଦରକାର । ବେତନ ଟ ୨୦୧ ଓ ଟ ୨୫୧ ଧାର୍ଯ୍ୟ ଅଛି କାର୍ଯ୍ୟ ୧୨ ମାସ ନିମନ୍ତେ ରହିବ । ପ୍ରାର୍ଥୀମାନେ ପ୍ରଶଂସାପତ୍ର ସହିତ ଆମ୍ଭଠାରୁ ଦରଖାସ୍ତ ପଠାଇବେ । କମ୍ବା ସ୍ୱୟଂ ଅସି ଆମ୍ଭଠାରେ ଉପସ୍ଥିତ ହେବେ ଇତି ।

କାଉପଦା ୮।୭।୮୭ Sd. H P Wylly
Manager, Mourbhanj Ra.

## NOTICE.

Wanted a surveyor for the settlement office of Bamonghatte. None need apply who have not served experience in surveying and drawing.

Pay Rs. 40 and horse allowance Rs. 10.

The applicants should enclose the certificates of their Superior officers, if they are in public service.

Sd. S. Dutta
Settlement office
Bamanghatte

# ମେହରୋଗ ।

ଘ ୨୪ ଘଣ୍ଟା ମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉପାର୍ଜ୍ଜିତ ଯୌବନଶକ୍ତିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରି ନୁହେ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ରହିବ !

Digitized by srujanika@gmail.com

ଶସ୍ତାର ଉପସ୍ଥିତିରେ ପଡ଼ିଣଛ ନ ହେଲେ ଅଧି ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କର ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରସ୍ତୁତ ହେବ କଲିକତା ଅହେରଟୋଲା ନମ୍ବର ଭବନରେ ସି, କେ, ସସ୍ତ କମ୍ପାନିଙ୍କଠାରେ ଏବଂ କଟକ ଦରଗାବଜାର ପ୍ରଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶି- ଶି ଟ୍ ୨୯ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

---

# ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଆର୍ତ୍ତବନ୍ଧୁ ଦାସ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୭ | ପଣି | ବାଦାମି ଉମାଇ | ଦ ୧୬ ଟ ୨॥୯ |
| ୧୮ | ପଣି | ,, | ,, ଟ ୨। |
| ୧୬ | ପଣି | ,, | ,, ଟ ୧॥୯ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକା- ଥରେ ୱ ୫ ମ ବା ଅଧିକ କ୍ରୟ କରିବେ ଅଣ୍ଟୁର ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ବଲଗା ଓ ରେଷମୀଓଗେର ଲୁଗା ଓ ଷ୍ଟେସନରୀ ଓ କଲି- କତା ଇମାଣ୍ଡ ସତରଞ୍ଚର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଇଦ୍‌ଭିନ୍ନ ଆଉ କେତେକ ଫେନସି ଜିନିଷାତ୍ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ବେ- ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ- ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବହୁତ ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖି- ଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କ ବିକ୍ରୟ କରାଯିବ । ଯଦି ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପୂର୍ବ ଆପଣା ମଫସଲ ସକାଶେ ଭଡ଼ା କରିବାକୁ ଚାହିଁବେ ଏକ ସ୍ଥାନରୁ ଅନ୍ୟ ବାଟ ଟ୦।୭ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖତ ଖର୍ଚ୍ଚନଷ୍ଟର ଭାର ତାଙ୍କ ଉପରେ ଥିବ । ଯଦି ହେଲେ ଗାଡ଼ିର ପଣ୍ଡ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

## ଫେନସିଲ୍ ।

- କଲମ ଖୋସଣ କ ଟ ତୁଁରେ ଗୁଡ଼ ଦେଲେ ଗଲେ ।
- କଚେଭିଶାନ
- କସ୍ମେଟୀନ୍ ତେଲ ନଷ୍ଟଦା ଖେଳ ଖାତା ଓ ଲୋମ ସ୍ଥିତ ।
- ଗ୍ରାଇଂ ଅର୍ଥାତ୍ ଛବିର କପିବା କାଗଜ ପେନ୍- ସିଲ ଓ କଲମ ।
- ପେନ୍‌ସିଲ କାଟିବା ଯନ୍ତ୍ର ।
- ନାନା ପ୍ରକାରର ଚିଠି- କାଗଜ ଓ ଲଫାପା
- ହେଲ୍‌ସାଂ ବ୍ରାଶ ।
- ଟିଉବ ଛୁରି ।
- ଦନ୍ତ ସାବୁନ ।
- ଚାଦର ସାବାନ ଯହିଁରେ ଲୁଗା ପରିଷ୍କାର ହୁଏ ।
- ଅଷ୍ଟୋଭ ଗ୍ରେଡ଼—ଅର୍ଥାତ୍ ସୁଗନ୍ଧି ତୁଳ ।
- ଅଏଲ କ୍ଲଥ ।
- ଓଟାର ସୁପ୍ ଛଡା ।
- କର୍ପୁର ଅର୍କ ।
- କ୍ଲୋରୋଡାଇନ୍ ।
- ପୋରସ୍‌ଲେନର କେମ୍ବିର- ମେଜ ଓ ଚାଉର ଗୋ- ଲାପେ ରଖେ
- ଚୁମ୍ବକ କାଠ ଅର୍ଥାତ୍ ଲେଖିବାବେଳେ ଗାଳ ଓ ଶୁଖିଲେ କଳା ହେବ ।
- ଅଇନା ଡଷ୍ଟା
  - ୧୬ × ୧୦ ଇଞ୍ଚ
  - ୧୪ × ୧୨ ଇଞ୍ଚ
- ପକେଟବୁକ ନିଂଖଣ୍ଡି ପାଞ୍ଚ ସହିତ ଟ ୦ ।୬ ।
- ମୋନା ଓ ମୋନାକଭ ଭଉନ ଥିଅ ଜନସେଣ୍ଟ କଣ୍ଠା ସାଇଜ କଳା କଟି ଓ ପାଇକର ଶୌଚ ଫିତା
- କାଠ ଛିଦ୍ର ରଜ କ ବଡ଼ କାଞ୍ଚ ଓ ସାଦା ଦର୍ଶନ ଦେହେର
- ଉତ୍କର୍ଷ ସୂଚଦରଞ୍ଚ
- ,, ଏକପଦ କୁସ
- ଜେଲସିନ ଉପୋର ମେ କେବଳ ଅଏଲ
- ମାର୍କିଂ କାଳି ଲୁଗାରେ ଚଢ଼ ଦେଲେ ଧୋବ ଘରେ କଡଇ ହେବ ନାହିଁ ।
- ଏ, ଘୋଷଙ୍କ ଆବ୍ରଟେଡ କାମିଜ ଓ ବ୍ରହ୍ମଡା ।
- ଦରଗ ଅପ୍ରରେଟ ।
- ଏକନ ବାରସ ।
- ମୁଅନ ପେନ ।
- ଅଟମେଟିକ ପେନ୍‌ସିଲ ଅ ର୍ଥାତ୍ ଏ ପେନ୍‌ସିଲ୍‌ରେ କେଶି କଟିବା ପେଡ ରବ୍ ଯଜାର ସେହି ପେନ୍‌ସିଲ୍ ଲେଖା ଉପରେ ଘେଢ ତପାଇ ଦେଲେ ତହିଁର ନକଲ ଉଠେ ।
- କଟିଙ୍ଗ ପେପର ।
- କ୍ଷମ୍ବିନ ଟେଲରେ କଢ କାର ଗାଡ଼ ।
- ରବରର ଷ୍ଟୋପର ଅର୍ଥାତ୍ ଚଠୀର କର୍ଣ୍ଣଲ ବା ତକାର ଇବର ।
- ମନସାମା ।
- ରେଡ୍ ବ୍ଲୁ ପେନ୍‌ସିଲ୍
- ଗମ ବୋତଲ
- ବନାରସୀ ଶାଢ଼ୀ ଓ ଯୋଡ ଓ ଜରି
- ମହ୍ମୁଦାବାଦ ଓ ଶିର- ପାଉ ପାଟଯୋଡ ଓ ଶାଢ଼ୀ ।
- ପ୍ରିଣ୍ଟେଂ କାଠ

ଆର୍ତ୍ତବନ୍ଧୁ ଦାସ କମ୍ପାନୀ

---

## ଏଜହିଗର ମଲମ ।

ଦେଶୀୟ ଉପକରଣଦ୍ୱାରା ପ୍ରସ୍ତୁତ ମଲମମାତ୍ର । ଏଥିରେ ପାରଦ କିମ୍ବା ଅନ୍ୟାନ୍ୟ କଷାଯୁକ୍ତ ପଦାର୍ଥର ଲେଶମାତ୍ର ନାହିଁ । ପ୍ରତି ଡବଆ ଟ ୨୯ ପ୍ୟାକିଂ ଖର୍ଚ୍ଚ ଟ ୦। ଅଣା ।

ନୂତନ ସାଲସା । ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୭ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନଷ୍ଟ ହୋଇଯାଏ । ପାରଦର ଘା, ଗରମୀ ଘା, ନାଲି ଘା, ବେକ ଓ ନାକ ଭିତରର ଘା, ଗୋଲ ଘା, କାନ ଘା, ହାଡ଼ର ଚୂଳ, କୋଷ୍ଠ କାଠିନ୍ୟ, ଅଗ୍ନିମାନ୍ଦ୍ୟ, ପେଟଫୁଲା ଶରଦବ୍ୟଥା, କାଶ, ଶ୍ୱାସକାଶ, ପ୍ରସ୍ରାବପୀଡ଼ା କୃମିଶ୍ରାବ, ଧାତୁଦୌର୍ବଲ୍ୟ ଏବଂ ଉତ୍କଟ କୁଷ୍ଠ ଇତ୍ୟାଦି ରୋଗ ଏବଂ ନିଶ୍ଚୟ ଆରାମ ହୁଏ ।

## ଖାମର ତେଲ ।

ଡାକ୍ତରୀ ଉପାୟରେ ଖାମରୁ ପ୍ରସ୍ତୁତ ତେଲ । ଧବଳ ଓ କୁଷ୍ଠ ରୋଗର ଯେତେ ବାହ୍ୟ ଔଷଧ ଥାଏ ତେବେ ତାହା ଖାମ । ଖାମର ତେଲ ଆମ୍ଭେମାନେ ବହୁ କଷ୍ଟରେ ଓ ବହୁ ବ୍ୟୟରେ ପ୍ରସ୍ତୁତ କରୁଅଛୁଁ । କାଛୁ, ଯାଦୁ, କୁଣ୍ଡିଆ, ଛୁଲି, ପଦ୍ମଯାଦୁ, ଧବଳ, କୁଷ୍ଠ, ଗଳିତକୁଷ୍ଠ, ଇତ୍ୟାଦି ରୋଗର ମହୌଷଧ । ଏହା ବ୍ୟବହାର ଯେତେ ପ୍ରକାର ଘା ଅଛି, ତହିଁର ଏହା ସଙ୍ଗପ୍ରକାରେ ଉପକାରୀ ଅଟେ । ପ୍ରତି ବଡ଼ ବୋତଲ ଟ ୪୯ ଙ୍କା ଓ ଛୋଟ ବୋତଲ ଟ ୨୯ ଙ୍କା ।

ପୀଡ଼ା ଆରାମ ନ ହେଲେ ମୂଲ୍ୟ ଫେରତ ଦିଆଯିବ । କଲିକତା ବେଚୁ ଚାଟୁର୍ଯ୍ୟା ଷ୍ଟ୍ରିଟ ୪୭ ନମ୍ବର ଗୃହରେ, ଏ, ଘୋଷ, କେମିଷ୍ଟ- ଙ୍କଦ୍ୱାରା ପ୍ରସ୍ତୁତ ହୋଇ ବିକ୍ରୟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧୯ ଙ୍କା, ପ୍ୟାକିଂ ଟ ୦। ଅଣା । ଡଜନ ଟ ୧୦୪ ଅଣା ।

# ଉପରଲିଖିତ ସାଲସା

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନ ଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ଶିଶିକୁ ଟ ୧।

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଏକଣ ଶିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ି ପ୍ରତି | ଟ ୦୯ |
| ଅଧ ସ୍ତମ୍ଭ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଦର ଟ ୦୯ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଦରର ଦୁଇ ଓ ତୃତୀୟ ଭାଗ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ସହର କଟକ ଦରଗାବଜାର ଷ୍ଟେସନ ପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।


| | | |
|---|---|---|
| ... ୨୨ ଖ ... ଅଙ୍କ ସଂଖ୍ୟା | ତା ୧୪ ଉଣ ମାସେ ଅଗଷ୍ଟ ସନ ୧୮୮୭ ଇଷ୍ଟା । ମୁ । ଶ୍ରାବଣ ଦ ୩୧ ? ସନ ୧୨୯୪ ସାଲ ଶନିବାର | ମୂଲ୍ୟ ଅଗ୍ରିମ ବକାୟା<br>ବାର୍ଷିକ ଟ ୨॥ ଟ ୨୷<br>ଡାକମାସୁଲ ଟ ୦ ॥ ଟ ୧୷ |


THE *Utkal Dipica* of the 31st ultimo brought to notice some passages from Babu Chaturbhuj Putnaik's *Swasthya Sadhan* which appeared to offend the religious and moral feelings of the Hindoos, and questioned the proceedings of the Orissa Text Book Committee for selecting such a book for public schools in utter disregard of the policy of Government in religious and social matters. The author unable to defend his own book or the action of the committee of which he is a member, has evidently taken to the ingenious course of preparing his European readers not to mind the criticism of the Utkal Dipika by inserting a paragraph in English in the last issue his Organ the *Sanskaraka* to the effect that "the unmannerly editor of the Dipika is quite unable to comprehend the idea (of a work) and apprehend that the lines in question may demoralize native girls of vernacular schools &c." tho' we never said a word about girl's schools. Of course if the writer had given the translations of the passages and our objections to them for the information of his European readers we would have been quite content. We hope they will duly appreciate his good taste and love of fair play. We believe, however, the Europeans at least the local authorities know very well that any attempt to introduce in girls' school what our contemporary is pleased to call "cultivated taste" would simply retard the little progress that is now seen in them.

We may add in conclusion that if we are right in our assumption that the paragraph of the *Sanskarak* is meant to mislead the European public, we are afraid Babu Chaturbhuj Putnaik as Government Translator is not likely to do justice to *Utkal Dipika*, of which he sends weekly report to Government, he being the editor or at least solely interested in a rival paper which advocates his own cause. We commend this to the notice of Government.

---

ଖୋର୍ଦ୍ଧାର ସବ୍‌ଡେପୁଟୀ କଲେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ରନାଗ ସେପ୍ଟେମ୍ବରମାସ ତା ୧୫ ତାରିଖରୁ ତନମାସର ଛୁଟୀ ପ୍ରାପ୍ତ ହୋଇଅଛନ୍ତି ଓ ତାଙ୍କ ଅନୁପସ୍ଥିତ କାଳରେ ବାବୁ କାଳକୃଷ୍ଣ ଗୁପ୍ତ ସବ୍‌ଡେପୁଟି କର୍ମରେ ନିଯୁକ୍ତ ହେଲେ ବାବୁ ରସିକଲାଲ ଗୁପ୍ତଙ୍କ କାର୍ଯ୍ୟରେ ବଙ୍ଗଦେଶରୁ ବାବୁ ପୂର୍ଣ୍ଣଚନ୍ଦ୍ର ନାଗ ନିଯୁକ୍ତହୋଇ ଆସିଥିଲେ ବର୍ତ୍ତମାନ ତାଙ୍କ ଅନୁପସ୍ଥିତ କାଳରେ ପୁଣୀ ଗବର୍ଣ୍ଣମେଣ୍ଟ ଏତଦେଶୀୟ କାହାରିକୁ ନିଯୁକ୍ତ ନ କରି ପୁଣି ଜଣେ ବଙ୍ଗଦେଶରୁ ପଠାଇଲେ । ଗବର୍ଣ୍ଣମେଣ୍ଟ ଓଡିଶା କଥା ଏପରି ପାସୋରି ପକାଇଲେ ଏଠା ଲୋକଙ୍କ ଦୁର୍ଦ୍ଦଶା କେବେ ମେଣ୍ଟିବ ? ସବଡେପୁଟି ଯୋଗ୍ୟଲୋକ ଏଠାରେ ଅଛନ୍ତି ଏକଥା ଅମ୍ଭମାନଙ୍କ ମାନନୀୟ କମିଶନର ସାହେବ ସୁପାରିଶକଲେ ଦେଇଥିଲେ ଗବର୍ଣ୍ଣମେଣ୍ଟ ଜାଣି ପାରିଥାନ୍ତେ ପରା ।

---

ଅମ୍ଭମାନଙ୍କର ନୂତନ ଏକଟିଂ କଲେକ୍ଟର ଶ୍ରୀଯୁକ୍ତ ଟୋଏନ୍‌ବି ସାହେବ ଗତସପ୍ତାହ ଶୁକ୍ରବାର ଏ ନଗରରେ ପହଞ୍ଚି ଗତ ସୋମବାର ଶ୍ରୀଯୁକ୍ତ କଷ୍ଟସାହେବଙ୍କଠାରୁ ଚାର୍ଯ ନେଲେ । ଟୋଏନବି ସାହେବ ଓଡିଶାର ଜଣେ ପୁରାତନ ବନ୍ଧୁ ଅଟନ୍ତି ଏବଂ ପୂର୍ବେ ଦୀର୍ଘକାଳ ଏଠାରେ ସୁଖ୍ୟାତି-ସହିତ କାର୍ଯ୍ୟ କରିଥିବାରୁ ତାହାଙ୍କ ଆଗମନରେ ସମସ୍ତେ ସୁଖୀ ହୋଇଅଛନ୍ତି । ସେ ଗୃନବାଲିରୁ ଏଠାକୁ ଆସିବାସମୟରେ କେନ୍ଦ୍ରପଡାଠାରେ ବାବୁ ଜଗନ୍ନାଥ ଭ୍ରମରବର ଓ ତାହାଙ୍କ ପୁତ୍ର ବିଶ୍ୱେଶ୍ୱରଙ୍କଠାରୁ ସାହେବଙ୍କର ଅଭ୍ୟର୍ଥନା ହୋଇଥିଲେ ଏବଂ ଏଠାରେ ଚାର୍ଯ ନେଲାସମୟରେ ଉପସ୍ଥିତ ଲୋକ ଜନେଶ୍ୱରେ ଦୃଷ୍ଟ ହୋଇ ସାହେବ ମହୋଦୟଙ୍କ ଦର୍ଶନରେ ଆନନ୍ଦ ପ୍ରକାଶ କଲେ ଓ ତାହାଙ୍କ ସଦାଳାପରେ କୃତାର୍ଥ ହେଲେ । ପ୍ରାୟ କୌଣସି ତହାଳୋକଙ୍କୁ

Split by PDF Splitter
Digitized by srujanika@gmail.com

Split by PDF Splitter



ସାହେବ ପାସୋର କାହାନ୍ତି । ଏହାଙ୍କର ଏକ୍ଷ୍ଟାରେ ପାର୍ଶଲ ଅବସ୍ଥିତ ହେଲେ ବଡ ସୁଖର ବିଷୟ ହେବ ।

---

କାଶ୍ମୀରମହାରାଜଙ୍କର ନାନାପ୍ରକାର ସଦ୍‌ଗୁଣ ବିଷୟ ପ୍ରକାଶିତ ହେଉଅଛି ଏବଂ ତଦ୍ଦ୍ୱାରା ଉକ୍ତ ରାଜ୍ୟର ଲୋକମାନେ ଏକାବେଳକେ ମୁଗ୍ଧ ହୋଇଯାଇଅଛନ୍ତି । ଶ୍ରୀନଗରଠାରୁ ଗତମାସ ତା ୨୮ ରିଖରେ ଆସିଥିବା ଟେଲିଗ୍ରାଫରୁ ପ୍ରକାଶ ଯେ ସେଦିନ ମହାରାଜା ଆପଣା ସ୍ୱଜନ୍ମତିଥି ଉପଲକ୍ଷରେ ଏକ ଦରବାର କରିଥିଲେ । ଦରବାରରେ କର୍ମଚାରୀ ଏବଂ ଅନେକ ଦେଶୀୟ ମର୍ଯ୍ୟାଦାବନ୍ତ ଲୋକେ ଉପସ୍ଥିତ ଥିଲେ । ପରମ୍ପରା ପ୍ରଥାନୁଯାୟୀ ଏମାନେ ନଜର ଦେବାକୁ ବ୍ୟସ୍ତ ହୁଅନ୍ତେ ମହାରାଜା ନଜର ଗ୍ରହଣ କରିବାକୁ ଅସମ୍ମତ ପ୍ରକାଶ କରି କହିଲେ ଯେ ନଜର ଗ୍ରହଣ ରୀତିଟା ପୂର୍ବକାଳରୁ ଚଳି ଆସୁଥିଲେ ହେଁ ସେ ତାଙ୍କ ନିମିତ୍ତ ଲୋକମାନଙ୍କୁ ଖର୍ଚ୍ଚାନ୍ତ କରାଇବାକୁ ଚାହାନ୍ତି ନାହିଁ ।—ପାଠକେ ! ଏପରି ଦୟା ଗୁଣରେ କିଏ ବଶୀଭୂତ ନହେବ ।

---

ସମ୍ବାଦ ପତ୍ରମାନଙ୍କରେ ପାଠ କରାଯାଏ ଯେ ଆସାମର ଚାହା—ବଗିଚାରେ କର୍ମ କରୁଥିବା କୁଲିମାନଙ୍କ ମଧ୍ୟରୁ ଶାନ୍ତି ତୋମଣୀନାମ୍ନୀ ଜଣେ କୁଲିରମଣୀ ଆପଣା ଅଧକ୍ଷ ସାହେବଙ୍କ ନାମରେ ସତୀତ୍ୱ ନାଶର ନାଲିସ କରିଥିଲା । ସାହେବ ବିଚାରପତି ପ୍ରମାଣ ନେଇ ଅଧକ୍ଷ ସାହେବଙ୍କୁ ଅପରାଧଦାୟରୁ ମୁକ୍ତି ଦେଇ ଶାନ୍ତି ନାମରେ ଦଣ୍ଡବିଧି ଆଇନର ଧା ୨୧୧ ର ମତେ ମୋକଦମା ଚଳାଇବାର ଆଦେଶ କଲେ । ତଦନୁସାରେ ବିଚାରରେ ଶାନ୍ତିକୁ ମା ୬ ସ କାରାବାସର ଦଣ୍ଡାଜ୍ଞା ହେଲା । ତାହାର ସ୍ୱାମୀ ମୋକଦମାର ତଦ୍‌ବିର କରିବାକୁ ଆସିଥିଲା । ଏମନ୍ତ ସମୟରେ ଅକସ୍ମାତ୍ ସେ ଧୃତ ହୋଇ ବିଚାରରେ ବର୍ଷେ କଠିନ ପରିଶ୍ରମ ସହିତ କାରାବାସର ଦଣ୍ଡାଜ୍ଞା ପ୍ରାପ୍ତ ହୋଇଅଛି । କଥିତ ହୁଏ ଯେ ଦଣ୍ଡମାନ ବେଆଇନୀ ହୋଇଥିବାରୁ ତହିଁର ମୋସନ ହେବାର ଉଦ୍‌ଯୋଗ ଲାଗିଅଛି ।

---

ନୂତନ ପାର୍ଲିମେଣ୍ଟର ମନ୍ତ୍ରିବର୍ଗ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ନିଯୁକ୍ତ ହୋଇ ଶ୍ରୀମତୀ ମହାରାଣୀଙ୍କଠାରୁ ସ୍ୱୀକୃତ ପର୍ୱାନା ପାଇଅଛନ୍ତି । ଆଗାମୀ ଗୁରୁବାର ସଭା ସିଟିଂ ହେବ । ନୂତନ ମନ୍ତ୍ରିମାନେ କିପ୍ରକାରେ କାର୍ଯ୍ୟ କରିବେ ମହାରାଣୀଙ୍କ ବକ୍ତୃତାରୁ ଶୀଘ୍ର ଜଣାଯିବ । ଏଥିମଧ୍ୟରେ ଉଦାର ନୈତିକଙ୍କର ଏକ ସଭା ଏବଂ ପାର୍ଣ୍ଣେଲ ଦଳସ୍ଥ ଲୋକଙ୍କର ଆଉ ଏକ ସଭା ହୋଇଥିଲା । ଉଦାର ନୈତିକମାନଙ୍କ ମଧ୍ୟରୁ ଯେଉଁମାନେ ଗ୍ଲାଡଷ୍ଟୋନଙ୍କ ଦଳରୁ ଭିନ୍ନ ହୋଇଅଛନ୍ତି ସେମାନେ ଏହି ସ୍ଥିର କରିଅଛନ୍ତି କି କେବଳ ଆଇରଲଣ୍ଡର ହୋମରୁଲ ଛଡ଼ା ଆଉ ସମସ୍ତ ବିଷୟରେ ସମସ୍ତ ଉଦାର ନୈତିକ ଐକ୍ୟଭାବରେ କାର୍ଯ୍ୟ କରିବେ ଏବଂ ପାର୍ଣ୍ଣେଲଙ୍କ ଦଳସ୍ଥଲୋକମାନେ ଏକମତରେ ସ୍ଥିର କଲେ ଯେ ଗ୍ଲାଡଷ୍ଟୋନ ସାହେବ ଆଇରଲଣ୍ଡ ସମ୍ପର୍କରେ ଯେଉଁ ବ୍ୟବସ୍ଥାର ପ୍ରସ୍ତାବ କରିଥିଲେ ସେହି ବ୍ୟବସ୍ଥା ଭିନ୍ନ ସେମାନେ ଅଉ କିଛି ଗ୍ରହଣ କରିପାରିବେ ନାହିଁ ।

---

ଏଠା କଲେକ୍ଟର ଶ୍ରୀଯୁକ୍ତ କସ୍‌ସାହେବଙ୍କ ବଦଳ ବିଷୟରେ ଗତସପ୍ତାହରେ ଯାହା ଲେଖିଥିଲୁଁ ତାହା ଠିକ ରହିଲା ନାହିଁ । ଉତ୍କଳଦୀପିକା ବାହାରିବାର ଦୁଇଦଣ୍ଡ ପରରୁ କଲିକତା ଗଜେଟ ଆସି ପ୍ରବେଶ ହେଲା ଏବଂ ତହିଁରୁ ଜଣାଗଲା ଯେ ଶ୍ରୀଯୁକ୍ତ କସ୍‌ସାହେବ ଅସ୍ଥାୟୀକାଳ ନିମିତ୍ତ ପୁରୀକୁ ବଦଳ ହେଲେ ଏବଂ ପୁରୀର ଏକ୍‌ଟିଂ କଲେକ୍ଟର ସାଭେଜସାହେବ ପ୍ରଥମଶ୍ରେଣୀର ଜଏଣ୍ଟ ମାଜିଷ୍ଟ୍ରେଟ ପଦକୁ ଉନ୍ନତ ଲଭି କଟକର ସଦର ମକାମରେ ସ୍ଥାପିତ ହେଲେ କସ୍‌ସାହେବ ଅଳ୍ପ ଦିନ ପ୍ରସ୍ତୁତ ଗଲେ ସାଭେଜସାହେବ ସେଠାରୁ ଏଠାକୁ ଆସିବେ । କଥିତ ହୁଅଇ ଏ ବନ୍ଦୋବସ୍ତ ତିନିମାସ ସକାଶେ ହୋଇଅଛି ଏଥିଉତ୍ତାରୁ ଭିନ୍ନ ବନ୍ଦୋବସ୍ତ ହେବ । ଇଂଲିସ ସାହେବଙ୍କର ତାହା ବଦଳ କଥା ସ୍ଥିର ରହିଅଛି । ମାତ୍ର ତାହାଙ୍କ ସଙ୍ଗେ ୨ ଖୋର୍ଦ୍ଧାକୁ ବଦଳ ହେବା ଏବଂ ଟେଲର ସାହେବ ବାଙ୍କିର ବନ୍ଦୋବସ୍ତ କାର୍ଯ୍ୟରେ ନିଯୁକ୍ତ ହେବାର କଥା ଉଠିଅଛି ।

---

ବ୍ରହ୍ମାର ଅବସ୍ଥା ଦିନକୁଦିନ ଅତରିକ୍ତ ହେଉଅଛି । ସେଠାରୁ ଯେ ସମସ୍ତ ସମ୍ବାଦ ଆସୁଅଛି ତହିଁରୁ ପ୍ରକାଶ ଯେ ବର୍ଷାକାଳ ଉପସ୍ଥିତ ହେବାରୁ ଜଙ୍ଗଲକୁ ଏବଂ ଅନ୍ଧକାର ପ୍ରଭୃତ ବେଗ ଇଂରାଜସେନାକୁ ବଡ ବ୍ୟସ୍ତ କରଅଛି ଏବଂ ଅନେକଲୋକ ହାସପାତାଲରେ ପଡିଅଛନ୍ତି ଡକାଏତମାନେ ଏହି ସୁଯୋଗ ପାଇ ସମଧିକ ବଳରେ ମାତିଅଛନ୍ତି ଏବଂ ପୂର୍ବଠାରୁ ଅଧିକ ବିକ୍ରମ ଓ ସାହସ ଦେଖାଉଅଛନ୍ତି । ଏଥିମଧ୍ୟରେ ଦୁଇ ଏକ ବଡ ଲଢାଇ ହୋଇ ଯାଇଅଛି ଓ ଡକାଇତମାନେ ପରିଶେଷରେ ହାରିଗଲେ ସୁଦ୍ଧା ଇଂରାଜଙ୍କର ସାମାନ୍ୟକ୍ଷତି କରି ନାହାନ୍ତି ସେମାନେ ଇଂରାଜଙ୍କ ତୋପ ଠାରୁ ହା ୩୦ ହାତ ଛଡାରେ ସମ୍ମୁଖ ଯୁଦ୍ଧ କରି ଅସାଧାରଣ ସାହସ ପୂର୍ବକ ଶ୍ରେଣୀମଧ୍ୟକୁ ପଶିଯାଇ ତରବାର ଯୋଡ ଦେଇ ଆସିଲେ । ବ୍ରହ୍ମଡକାଏତଙ୍କର କ୍ରମଶ ଅତ୍ୟାଚାର ବୃଦ୍ଧି ହେବାର ଦେଖି ଇଂରାଜଗବର୍ଣ୍ଣମେଣ୍ଟ ମନସ୍ଥ କରିଅଛନ୍ତି ଯେ ବର୍ତ୍ତମାନ ଯେତେ ସେନା ସେଠାରେ ଅଛନ୍ତି ସେମାନେ ରହିଥିବେ ଏବଂ ଆଗାମୀ ଶୀତକାଳରେ ଆଉ ସେନା ଓ ପୁଲିସ ପଠା ଯିବେ ଓ ସମସ୍ତ ସେନା ଜେନେରଲ ମେକଫର୍ସନସାହେବଙ୍କ ଅଧୀନରେ ବ୍ରହ୍ମରାଜ୍ୟର ଏକ ପ୍ରାନ୍ତଠାରୁ ଅନ୍ୟ ପ୍ରାନ୍ତପର୍ଯ୍ୟନ୍ତ ଏକାବେଳକେ ଯୋଗ ହୋଇ ଯିବେ । ବଡ ଭୟାନକ କଥା । ଏତେ ବଡ ଭୀଷଣ ବ୍ରହ୍ମମେଦ ଯଜ୍ଞରେ ଆଉ କେହି ବର୍ତ୍ତିବ କି ?

---

ସ୍ୱାସ୍ଥ୍ୟସାଧନର ପ୍ରକୃତ ସମାଲୋଚନା ପ୍ରକାଶ କରିବାରୁ ତହିଁର ଗ୍ରନ୍ଥକାର ଦେଶୀୟ ଲୋକଙ୍କଠାରେ ଉତ୍କଳଦୀପିକାକୁ ଅପ୍ରତିଭ କରିବାର କୌଣସି ଯୁକ୍ତି ନ ପାଇ ଇଂରାଜ ପାଠକଙ୍କର ଆଶ୍ରୟ ନେଇଅଛନ୍ତି ଏଣୁ ଆପଣାର ସମ୍ବାଦପତ୍ର ସମ୍ଭାରକର ଗତ ସଂଖ୍ୟାରେ ଇଂରାଜୀରେ ଏକ କ୍ଷୁଦ୍ର ପ୍ରସ୍ତାବ ଲେଖି ଦୀପିକାର ସମ୍ପାଦକଙ୍କୁ କୁରୁଚିପୂର୍ଣ୍ଣ ଏବଂ ଅଭଦ୍ର ଇତ୍ୟାଦି ସୁରୁଚି ଅନୁମୋଦିତ ବାକ୍ୟଦ୍ୱାରା ସମ୍ଭାଷଣ କରି ଇଂରାଜପାଠକମାନଙ୍କୁ କହିଅଛନ୍ତି ଦେଶୀୟ ଯୁବକ ଯୁବତୀ ଏକତ୍ରେ ମିଶି ସକାଳ ଓ ସନ୍ଧ୍ୟାବେଳେ ଭ୍ରମଣ କରି ପାରିବେ ଏଥିର ସୁବିଧା ନିମିତ୍ତ ପ୍ରତ୍ୟେକ ନଗରରେ ଗୋଟିଏ ଲେଖାଏ ଉଦ୍ୟାନ ରଖିବାର ପ୍ରସ୍ତାବ ଖଣ୍ଡନ କରିବାରେ ଦୀପିକାର ଅଭଦ୍ର ସମ୍ପାଦକ ଏପରି ଉଚିତ ଭାବ ଗ୍ରହଣ କରିବାକୁ ଅସମର୍ଥ ହୋଇଅଛନ୍ତି ଏବଂ ବର୍ତ୍ତମାନକୁ ସର୍ବୋଚିତକାଳର ପ୍ରୟୋଜନାନୁସାରେ ସୁରୁଚିର ଶିକ୍ଷା ଦେଇଲେ

Digitized by srujanika@gmail.com

ବାଳିକା ବିଦ୍ୟାଳୟର ଛାତ୍ରିମାନଙ୍କର ଚରିତ୍ର ମନ୍ଦ ହେବ ବୋଲି ଭୟ କରୁଅଛନ୍ତି । ଭାଳ ଗ୍ରନ୍ଥକାର ଆପଣଙ୍କ ସ୍ୱରୁଚି ଅନୁସାରେ ଆପଣ ଅନ୍ତଃପୁରରେ ଶିକ୍ଷା ଦେଇ ପାରନ୍ତି ମାତ୍ର ଆପଣଙ୍କୁ ଜାଣିବାର ଉଚିତ ଯେ ଯେବେ ଗବର୍ଣ୍ଣମେଣ୍ଟ ବାଳିକା ବିଦ୍ୟାଳୟରେ ବାଳିକାମାନଙ୍କୁ ବିଦ୍ୟା ଶିକ୍ଷା ଦେବେ ତେବେ ଶୀଘ୍ର ବାଳିକା ବିଦ୍ୟାଳୟର ଉନ୍ନତଦଶା ଘଟିବ । ସୁଖର ବିଷୟ ଯେ ଗବର୍ଣ୍ଣମେଣ୍ଟ ସ୍ୱରୁଚିପୂର୍ବକ ଲୋକଙ୍କ ଶାସ୍ତ୍ରମା-ଉରେ ହସ୍ତକ୍ଷେପ କରିବା ବିଦ୍ୟା ନିଷେଧ କରୁଅଛନ୍ତି ।

---

ଗୋଲକୁଣ୍ଡାର ଅନ୍ତର୍ଗତ ନିଷ୍ଠମାସ୍ତ ଗ୍ର-ବଗି-ଗ୍ରାମର ଏକଜଣ ଇଉରୋପୀୟ କର୍ମଚାରୀ ନାମରେ ଜଣେ ଭୁଲି ନାଲିଶ କରିବା କାରଣ ଦରଖାସ୍ତ ଲେଖାଇ ଥିଲା । ସାହେବ ମହୋଦୟ ତାହା ଜାଣିପାରି ଦରଖାସ୍ତଲେଖକଙ୍କୁ ପ୍ରକାଶ୍ୟ ଅଦା-ଲତରେ ଧରି ଭୃତ୍ୟମାନଙ୍କ ଦ୍ୱାରା ପ୍ରହାର କରିବାରୁ ଦରଖାସ୍ତଲେଖକ ସାହେବଙ୍କ ହସ୍ତରୁ ଖସିବ ଛଡ଼ାଇ ନେଇ ସେହି ଖସିବାସ୍ତ ତାହାଙ୍କୁ କ୍ଷତବିକ୍ଷତ କଲେ । ଏହି ମାର-ପିଟ ଉକ୍ତ ଅଦାଲତର ଚକ୍ରବର୍ତ୍ତୀ ସେଠା ଶିଷ୍ଟାଣ୍ଟ କମିଶନର ହେଣ୍ଡ୍ରାରସନ ସାହେବଙ୍କ ସମ୍ମୁଖରେ ହେଲା । ସେ ମଧ୍ୟସ୍ଥ ହୋଇ ସେମା-ନଙ୍କୁ ଛଡ଼ାଇ ଦେଲେ । ସେତେବେଳେ ଉ-ପାୟକର ମୁଖ ଓ କର୍ଣ୍ଣ ଫାଟିଯାଇ ରକ୍ତ ପାତ ହଉଥିଲା । ଦରଖାସ୍ତ ଲେଖକଙ୍କ ନାମ ଆନ୍-ନ୍ଦରାମ । ଧନ୍ୟ ଆନନ୍ଦରାମ ଆପଣ ଯେଉଁ ସାହସ ଦେଖାଇ ଭାରତବର୍ଷର ମୁଖ ଉଜ୍ଜ୍ୱଳ କଲ ତାହିଁ ପ୍ରଶଂସା ଯଥାର୍ଥରେ କଲେ ସରିବ ନାହିଁ । ଆପଣଙ୍କ ପରି ଲୋକଙ୍କ ସଂଖ୍ୟା ଯେତେବେଳେ ଦେଶରେ ଅଧିକ ହେବ ସେତେବେଳେ ଦେଶର ଅମ୍ଭମାନଙ୍କ ଦୁର୍ଦ୍ଦଶା ନେଇବ । ଇଂରାଜମାନଙ୍କ ଉଦ୍ଧତପଣ କଥା ଶୁଣାଯାଏ ତନ୍ନ ସମାନଙ୍କର ଉଚିତ ଔଷଧ ଆନନ୍ଦରାମ ଜାଣନ୍ତି ଓ ଆବଶ୍ୟକରେ ପ୍ରୟୋଗ କରୁଅଛନ୍ତି । ଆନନ୍ଦରାମଙ୍କ ପରି ଆତ୍ମମର୍ଯ୍ୟାଦା ରକ୍ଷା କରିବାକୁ ଲୋକେ ସମର୍ଥ ନ ହେଲେ ଦୁର୍ଦ୍ଦାନ୍ତ ଇଂରାଜଙ୍କ ଠାରୁ ରକ୍ଷା ପାଇବାର ଉପାୟାନ୍ତର ନାହିଁ ।

ସଞ୍ଜୀବନୀ ଆନନ୍ଦରାମଙ୍କ ଏହି ସାହସରେ ମୋହିତ ହୋଇ ତାହାଙ୍କୁ ଟ ୫୦ ଙ୍କା ମୂଲ୍ୟର ଗୋଟିଏ ପଦକ ପୁରସ୍କାର ଦେବାକୁ ପ୍ରସ୍ତାବ କରି ତହିଁ ପାଇ ହେବା ପ୍ରାର୍ଥନା କରୁଅଛନ୍ତି ।

ଅମ୍ଭେମାନେ ଏକାନ୍ତ ଅନୁରୋଧ କରୁଁ କି ଅସ୍ମଦ୍ଦେଶୀୟମାନେ ଏପରି ସତ୍କାର୍ଯ୍ୟରେ ଚାନ୍ଦା ଦେବାକୁ ଶୀଘ୍ର ଅଗ୍ରସର ହେବେ । ଓଡ଼ିଶାରେ ସ୍ୱର୍ଗୀୟ ବାବୁ ବୃନ୍ଦାବନମଣ୍ଡଳ ବାଲେଶ୍ୱରର ସେ ସମୟର ମାଜିଷ୍ଟ୍ରେଟ ମେକନାଟନ ସାହେବଙ୍କୁ ଏହିପରି ଶାସ୍ତି ଦେଇଥିଲେ । ସେ କର୍ମ ଅଦ୍ୟାପି ଜାଜ୍ୱଲ୍ୟମାନ ରହିଅଛି ।

---

ଘୁମୁସରରୁ ଜଣେ ପତ୍ରପ୍ରେରକ ଲେଖିଅ-ଛନ୍ତି କି ରସୁଲକୁଣ୍ଡାର ମିଡଲସ୍କୁଲ କି କଂ ସ୍ଥା-ପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟମିଡଲସ୍କୁଲ ଥିଲା ସନ ୧୮୮୪ ସାଲ ଅକ୍ଟୋବର ମାସଠାରୁ ଗଞ୍ଜାମର ଲୋକାଲଫଣ୍ଡକୁ ଅର୍ପିତ ହେବାରୁ ଓଡ଼ିଆମାନଙ୍କ ପ୍ରତି ବଡ଼ ଅବିଚାର ହୋଇ-ଅଛି । କାରଣ ଲୋକାଲଫଣ୍ଡର ଅଧିକାଂଶ ସଭ୍ୟ ଏବଂ ସ୍କୁଲର ସେକ୍ରେଟେରୀ କମାବ୍ରାହ୍ମଣ କି ଯେଉଁମାନେ ସ୍ୱଜାତୀୟ ଲୋକଙ୍କ ଉନ୍ନତି ଉଦ୍ଦେଶରେ ଓଡ଼ିଆଙ୍କପ୍ରତି ଯଥେଷ୍ଟ ସହାନୁ-ଭୂତି ପ୍ରକାଶ କରନ୍ତି ନାହିଁ । ଘୁମୁସର ପ୍ରଦେଶ ପ୍ରକୃତ ଓଡ଼ିଆ ରାଜ୍ୟ ଏବଂ ଏଠା ମିଡଲସ୍କୁଲର ପ୍ରଧାନ ଶିକ୍ଷକ ଓଡ଼ିଆ ହେଲେ ଓଡ଼ିଆମାନ-ଙ୍କର ଯେମନ୍ତ ଶିକ୍ଷାର ସୁବିଧା ହେବ କମା ବ୍ରାହ୍ମଣ ଶିକ୍ଷକଦ୍ୱାରା ସେପରି ହେବାର ଆଶା କରାଯାଇ ନ ପାରେ । ପୂର୍ବେ ଏହି ସ୍କୁଲର ପ୍ରଧାନ ଶିକ୍ଷକ ପଦରେ ଜଣେ "ମାଟ୍ରିକ୍ୟୁଲେ-ସନ" ପାସ କରିଥିବା କମା ବ୍ରାହ୍ମଣ ନିଯୁକ୍ତ ଥିଲେ । ବର୍ତ୍ତମାନ ଉକ୍ତ ପରୀକ୍ଷା ପାସ କରି-ଥିବା ଓଡ଼ିଆଲୋକର ଅଭାବ ନ ଥିବା ପ୍ରତ୍ୟକ୍ଷେ କନିଷ୍ଠ ଜଣେ ଏଫ, ଏ, ପାସ କରି-ଥିବା ଲୋକ ଉକ୍ତ କର୍ମ ସକାଶେ ଲୋଡ଼ନ୍ତି-ଛନ୍ତି କାରଣ ଉକ୍ତ ପରୀକ୍ଷା ପାସ କରିଥିବା ଓଡ଼ିଆଲୋକ କହୁତ ନ ଥିବାରୁ ଜଣେ କମା ବ୍ରାହ୍ମଣକୁ ନିଯୁକ୍ତ କରିବାର ସୁବିଧା ହେବ । ପତ୍ରପ୍ରେରକ ଆହୁରି ଲେଖିଅଛନ୍ତି କି କମା ବ୍ରାହ୍ମଣମାନେ ଓଡ଼ିଆ ପଢ଼ାଇପାରିବାର ଦେଖିକି ଆଉ ତାହାଙ୍କର ଓଡ଼ିଆକଥା ଶୁଣିଲେ ଓଡ଼ିଆ-ମାନେ ହାସ୍ୟସମ୍ବରଣ କରିପାରନ୍ତି ନାହିଁ ଏପରି ଫଣ୍ଡରେ କୌଣସି ସମୟରେ ଟଙ୍କା ନଅଣ୍ଟ ହେଲେ ସ୍କୁଲଟି ଉଠିଯିବାର ଭୟ ଅଛି । ଅତଏବ ପତ୍ରପ୍ରେରକ ପ୍ରାର୍ଥନା କରୁ-ଅଛନ୍ତି କି ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଏ ସ୍କୁଲଟିକୁ ଲୋକାଲଫଣ୍ଡରୁ କାଢ଼ିନେଇ ପୂର୍ବପ୍ରାୟ ଗବର୍ଣ୍ଣ-ମେଣ୍ଟ ସ୍କୁଲମଧ୍ୟରେ ରଖନ୍ତୁ ଏବଂ ଓଡ଼ିଆଙ୍କ ମଧ୍ୟରେ ଏଫ, ଏ, ପାସକରିବା ଲୋକଙ୍କ ସଂଖ୍ୟା ଅଧିକ ହେବାପର୍ଯ୍ୟନ୍ତ ମାଟ୍ରିକ୍ୟୁଲେସନ ପାସ କରିଥିବା ଓଡ଼ିଆଙ୍କୁ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକତା ଦିଆଯାଉ ।

ଗଞ୍ଜାମଜିଲ୍ଲାରେ କମା ବ୍ରାହ୍ମଣଙ୍କର ପ୍ରାଦୁ-ର୍ଭାବ ଏବଂ ଓଡ଼ିଆଙ୍କର ଅତ୍ୟନ୍ତ ଦୁରବସ୍ଥା ଗୋଟିଏ ପୁରୁଣା କଥା ଏବଂ ଗବର୍ଣ୍ଣମେଣ୍ଟ ଏପର୍ଯ୍ୟନ୍ତ ତହିଁ ପ୍ରତିକାର ନ କଲେ ତାହିଁ ବଡ଼ ଦୁଃଖର ବିଷୟ ଅଟଇ । ସ୍ଥାନୀୟ ବାବୁମାନେ ଆଉ କେତେକାଳ ଏ ବିଷୟରେ ନିଶ୍ଚେଷ୍ଟ ରହିବେ ?

---

## ସ୍ୱାସ୍ଥ୍ୟସାଧନ ।

ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କର ସ୍ୱାସ୍ଥ୍ୟସା-ଧନ ଯେ ହିନ୍ଦୁ ଧର୍ମବିରୋଧୀ ତାହା ଅମ୍ଭେମାନେ ଏଥିପୂର୍ବେ ଦେଖାଇ ଅଛୁଁ । ବାବୁ-ଙ୍କର ସେ ଧର୍ମରେ ବିଶ୍ୱାସ ନାହିଁ ସୁତରାଂ ଦେବାର୍ଚ୍ଚନା ଓ ବଳିଦାନ ଇତ୍ୟାଦି କୁସଂସ୍କାର ଶ୍ରବଣ ଓ ମନ୍ତ୍ରରେ କିଛି ଫଳ ନାହିଁ ପଥରର ପିତୁଳା କିଛି ଖାଏ ନାହିଁ ଏପରି କଥା ହିନ୍ଦୁ-ଧର୍ମର ବିରୋଧୀ ବୋଲି ସେ ବୁଝି ପାରିବାକୁ ଅସମର୍ଥ । ମାତ୍ର ସେ ବୁଝି ପାରନ୍ତୁ ଅବା ନ ପାରନ୍ତୁ ହିନ୍ଦୁଙ୍କ ମନରେ ଆଘାତ ଲାଗିଅଛି ସନ୍ଦେହ ନାହିଁ । ଏଛଡ଼ା ସେ ଏ ଗ୍ରନ୍ଥ ରଚନା କଲାବେଳେ ଦେଶକାଳ ପାତ୍ରପ୍ରତି ଆଦୌ ଦୃଷ୍ଟି ରଖି ନାହାନ୍ତି । ସାହେବମାନଙ୍କର ଆହାର ବ୍ୟବହାର ପ୍ରତି ତାହାଙ୍କର କେମନ୍ତ ଗୋଟାଏ ବଇଦେଶୀୟ ଅନୁରାଗ ଜନ୍ମିଅଛି । ଏଥିପାଇଁ ସେ ପ୍ରାୟ ସବୁସ୍ଥଳରେ ସେହିମାନ ଅନୁକ-ରଣ କରିବାକୁ ଉପଦେଶ ଦେଇଅଛନ୍ତି । ସାହେବମାନଙ୍କର ଆହାର ବ୍ୟବହାର କେ-ତେକ ବିଷୟରେ ଅମ୍ଭମାନଙ୍କଠାରୁ ଅପେକ୍ଷା-କୃତ ଭଲ ହୋଇ ପାରେ କିନ୍ତୁ ସେପରି ସ୍ଥଳେ ମଧ୍ୟ ଅମ୍ଭେମାନେ ଆପଣା ଅବସ୍ଥା ବୁଝି ସିନା ଅନୁକରଣ କରିବା । ଯେଉଁ କାର୍ଯ୍ୟ ସଚରାଚର-ଲୋକେ ଅନାୟାସରେ କରି ପାରିବେ ସେହି-ପରି ଉପଦେଶ ଦେବା ଉଚିତ ବୃଥା ଅବା ଅସଙ୍ଗତ ଉପଦେଶ ଅବଶ୍ୟ ଅନର୍ଥକର କିମ୍ବା ଭଲ ହୋଇ ନ ପାରେ । ଉଦାହରଣ ସ୍ୱରୂପ ପୁସ୍ତକରୁ ନିମ୍ନଲିଖିତ ଅଂଶମାନ ଉଦ୍ଧୃତ କଲୁଁ ଯଥା ;—

"ସାହେବଙ୍କ ମଧ୍ୟରେ ଦୁଇରୁ ଅଧିକଜଣ ଏକ କୋଠରୀରେ ଶୁଅନ୍ତି ନାହିଁ ମାତ୍ର ଅମ୍-

Split by PDF Splitter
Digitized by srujanika@gmail.com

Split by PDF Splitter



ମାନଙ୍କ ଦେଶର ଲୋକମାନେ ଏକଘରେ ପରିବାରଯାକ ଶୋଇ ଶୁଅନ୍ତି । ଏଣୁ ଅନେକ ପୀଡ଼ା ଜନ୍ମଇ” ପୃ ୩୭ ଷ୍ଠା ।

ସାହେବମାନଙ୍କ ପରି ଖୋଟ୍ଟ୨ ବଙ୍ଗଳାରେ ରହିବା ସମସ୍ତଙ୍କ ପକ୍ଷରେ ସମ୍ଭବ କି ? ଆଉ ‘ପରିବାରଯାକ ଏକଘରେ ଶୁଅନ୍ତି’ ଏଥିର ଅର୍ଥ କି ? ପ୍ରକୃତ କଥା ଏହି କି ସ୍ୱାମୀ ସ୍ତ୍ରୀ ସାନ ପୁଅ କନ୍ୟାକୁ ଘେନି ଏକଘରେ ଶୁଅନ୍ତି ସମସ୍ତ ପରିବାର ନୁହେ ।

“ଯେଉଁମାନେ କେବଳ ଖାଇ ପିଇ ଓ ନିଷ୍କାର୍ଯ୍ୟ ଆହାର କରନ୍ତି ସେମାନେ ବହୁତ ମୋଟା ହୋଇ ଯାନ୍ତି ଓ ବହୁତ ପରିଶ୍ରମ କରି ପାରନ୍ତି ନାହିଁ । ଅଳ୍ପ ବୟସରେ ସେମାନଙ୍କର ମୁଣ୍ଡର ବାଳ ପାଚି ଯାଏ ଏବଂ ଅନେକ ରୋଗ ମଧ୍ୟ ସେମାନଙ୍କୁ ଆସି ଘେରି ଯାଏ ।” ପୃ ୨୮ ଷ୍ଠା ।

ଭାତର ଏତେ ଅନିଷ୍ଟକାରିତା ଏତେଦିନ ଜଣା ନ ଥିଲା ! କିନ୍ତୁ ଆମ୍ଭମାନଙ୍କ କପାଳଦୋଷରୁ ଭାତର ମୂଲକରେ ଜନ୍ମ ହୋଇଅଛୁଁ ଏଥକୁ ଅପୃତ୍ତ ନାହିଁ । ତଥାପି ପିଲମାନେ ସାବଧାନ ହୁଅ ଭାତ ବଦଳରେ ସାହେବଖାନା ଖାଇଲେ ଭଲ ନଭୁବା ବାଳପାଚି ଯିବ ଓ ରୋଗରେ ପଡ଼ିବ ।

“ଜ୍ୱର ଯେଉଁ ସମୟରେ ଶରୀରରେ ଲାଗିଥିବ ସହାଲୁଁ କିଛି ନ ଖାଇ ଘରୁ ବାହାରିବ ନାହିଁ । * * ଭୂଇଁରେ କି ଖୋଲା ଦୋଚାଲାଘରେ ବା ଖଟ ଖଟିଆ ବା ତକ୍ତପୋଷ ଉପରେ ଶୋଇବ ।” ପୃ ୪୧ ଷ୍ଠା ।

ଶୁଖିଲା ଘରେ ଦେଁସଥାଡ଼ି ଶୋଇଲେ ଜ୍ୱର ମାଡ଼ିବସିବ କି ? ଆଉ ସବୁବେଳେ ଗରମ ଲୁଗା ଦେହରେ ରଖିବା ଏପ୍ରଦେଶ ପକ୍ଷରେ କେତେ ସହଜ ଅନାୟାସରେ ବୁଝି ଯାଉଅଛି । ଯାହା ହେଉ ସାହେବ ବା ବଡ଼ଲୋକ ନ ହେଲେ ଏ ନିୟମ ରକ୍ଷା ହୋଇ ନ ପାରେ ସୁତରାଂ ଗରିବମାନେ ଜ୍ୱରସମୟରେ ନାଶ ଯିବେ । ଏ ପୁସ୍ତକର ଉପଦେଶ ବିଷୟରେ ଅଧିକ ବୋଲିବାର ପ୍ରୟୋଜନ ନାହିଁ । ଏଥର ଭାଷାପ୍ରତି ଥରେ ଦୃଷ୍ଟି କରନ୍ତୁ । ସ୍ଥୂଳରେ ବୋଲିଯାଇ ପାରେ ଯେ ଏଥିର ଭାଷା ଉଚ୍ଚପ୍ରାଇମେରି ବିଦ୍ୟାଳୟର ଉପଯୁକ୍ତ ହୋଇ ନାହିଁ ଏବଂ ଠାବେ୨ ନିତାନ୍ତ ଅସଙ୍ଗତ ଏବଂ ଏମନ୍ତ ଜଟିଳ ଯେ ପିଲମାନେ ବୁଝିବାର କେଉଁକି ଥାଉ ବଡ଼ ମନୁଷ୍ୟମାନେ ସୁଦ୍ଧା ବୁଝି ପାରିବେ ନାହିଁ ଉଦାହରଣ ଦେଖ ।

“ସୁସ୍ଥ ବ୍ୟକ୍ତିର ରାତ୍ରରେ ସ୍ୱପ୍ନଶୂନ୍ୟ ନିଦ୍ରା ଓ ପ୍ରାତଃକାଳରେ ମସ୍ତିଷ୍କ ପରିଷ୍କାର ବୋଧ ହୁଏ” ପୃ ୧ ଷ୍ଠା ।

‘ମସ୍ତିଷ୍କ ପରିଷ୍କାର’ କଥାଟା ପିଲମାନେ ବୁଝି ପାରିବେ କି ?

“ନିଶ୍ୱାସ ପ୍ରଶ୍ୱାସ ଆମ୍ଭମାନଙ୍କର ସବୁ ପ୍ରକାର କାର୍ଯ୍ୟ କେତେବେଳେ ନା କେତେବେଳେ ବନ୍ଦ ଥାଏ କିନ୍ତୁ ନିଶ୍ୱାସ ପ୍ରଶ୍ୱାସ ସବୁ ବେଳେ ଚାଲୁଥାଏ ।” ପୃ ୭ ଷ୍ଠା ।

ନିଶ୍ୱାସ ପ୍ରଶ୍ୱାସ କେତେବେଳେ ବନ୍ଦ ଥାଏ କିନ୍ତୁ ସବୁବେଳେ ଚାଲୁଥାଏ ଏ କିପରି ଭାଷା ଓ ଏଥିର ଅର୍ଥ ବୁଝାଇବାକୁ କେହି ପାରିବେ କି । ବୋଧ ହୁଏ ଗ୍ରନ୍ଥକାର ଶୀଘ୍ର ଖଣ୍ଡେ ଟୀକା ବାହାର କରିବେ ।

“ପୃଥିବୀରେ ୪୫ ମାଇଲ ଉପରକୁ ବ୍ୟାପି ବାୟୁ ରହିଅଛି ମାତ୍ର ତାହା ସବୁଆଡ଼େ ସମାନ ବହଳିଆ ନୁହେ । ଯେତେ ଉପରକୁ ଉଠିବ କମେ ପାତଳ ବାୟୁ ଦେଖିବ । ବାୟୁର ଗୁରୁତ୍ୱ ଥିବା ସେଥିର କାରଣ ଅଟେ” ପୃ ୫ ଷ୍ଠା ।

ଯେବେ କେବଳ ଉପରକୁ କ୍ରମଶ ପାତଳ ହେବ ତେବେ ଆଉ ସବୁଆଡ଼େ ସମାନ ବହଳିଆ ନ ହେବ କାହିଁକି ?

“ଉଦ୍ଭିଦ ପଦାର୍ଥ ବାୟୁମଧ୍ୟରୁ କାର୍ବୋନିକ ଆସେଡ଼ ବାଷ୍ପ ଗ୍ରହଣକରି ଏବଂ ଅମ୍ଳଜାନ ପରିତ୍ୟାଗକରି ବାୟୁକୁ ନିର୍ମଳ କରେ” ପୃ ୯ ଷ୍ଠା ।

ଉଦ୍ଭିଦ ବାୟୁମଧ୍ୟରୁ ଅମ୍ଳଜାନ ପରିତ୍ୟାଗ କରି ବାୟୁକୁ ନିର୍ମଳ କରଇ ଏକଥା ଠିକ ହେଲା କି ?

“ସେହିପରି ପଦାର୍ଥ ଖାଇବ ଯାହା ଖାଇଲେ ଦେହର କ୍ଷତିପୂରଣ ହେବ” । ପୃ ୧୭ଷ୍ଠା ।

“ଜଳ ଦୁଇପ୍ରକାର ସ୍ୱାଦୁ ବଳକର କଣ୍ଡ୨ ଶରୀରତାଜ ଆହାର କରିବ” । ପୃ ୨୧ ଷ୍ଠା

କ୍ଷତିପୂରଣ ଓ ଶରୀରତାଜ କେମନ୍ତ ପରିଷ୍କାର ଭାଷା । ଏପରି ରଚନାର ତୁଳନା ଅଛି କି ?

ଏପରି ପୁସ୍ତକ ପୃ ୨୪ ଓ ୨୫ ଷ୍ଠାରେ ଛାଲିବଛାପ ସୂର୍ଯ୍ୟଙ୍କ ଦକ୍ଷିଣାୟନ ଉତ୍ତରାୟଣ ଓ ତାପମାନ ଯନ୍ତ୍ରବିଷୟରେ ଯାହା ଲେଖାଅଛି ଉଚ୍ଚପ୍ରାଇମେରି ବିଦ୍ୟାଳୟର ଛାତ୍ରମାନେ ସେ ସମସ୍ତ ବୁଝିପାରିବାର କେଉଁକି ଥାଉ ଯେବେ ସେମାନଙ୍କ ଶିକ୍ଷକମାନେ ବୁଝିପାରିବେ ତେବେ ବୋଲିବାକୁ ହେବ ଯେ ଓଡ଼ିଶାରେ ବଙ୍ଗଃଶିକ୍ଷା ଅସାଧାରଣ ଉନ୍ନତିଲାଭ କରିଅଛି ।

“ବେଶ୍ୟାମାନେ ଭଲାଲୋକମାନଙ୍କୁ ପାପପଥରେ ଘେନି ଯାନ୍ତି ପୁଣି ଗରମି ବେମାରି ଓ ମେହରୋଗ ପ୍ରଭୃତି ଅନେକ ରୋଗ ସେମାନଙ୍କଠାରୁ ଯାଇ ହୁଏ ।” ପୃ ୪୪ ଷ୍ଠା

ପାଠ୍ୟପୁସ୍ତକରେ ଅଶ୍ଳୀଳ ଲେଖ ରହିବା ବଡ଼ ଦୋଷ ମାତ୍ର ସ୍ୱାସ୍ଥ୍ୟ ବିଷୟକ ପୁସ୍ତକରେ ଏପରି ନୀତିମୂଳ କଥା ନ ଥିଲେ ସର୍ବାଙ୍ଗ ସୁନ୍ଦର ହୁଅନ୍ତା ନାହିଁ । ଗରମି ଓ ମେହ ପ୍ରଭୃତି ରୋଗ ବେଶ୍ୟାଙ୍କଠାରୁ କିପରି ଜାତ ହୁଏ ଛାତ୍ରମାନେ ପଚାରିବେ ଓ ଶିକ୍ଷକମାନେ ବୁଝାଇ ଦେବେ । ଏଥିରେ କିଛି ଦୋଷ ନାହିଁ ପିଲମାନେ ଏହିରୂ ନ ଶିଖିଲେ ବଡ଼ଦିନକୁ ସାବଧାନ ହେବେ କିପରି ? ଧନ୍ୟ କାଳର ମହିମା ! ।

---

## ସାପ୍ତାହିକ ସଂବାଦ ।

ଏ ନଗରରେ ଅବଧି ଭଲ ବୃଷ୍ଟି ହୋଇ ନାହିଁ । ଏ ସପ୍ତାହରେ ସାମାନ୍ୟ ଦୁଇ ଏକଅସରା ମାତ୍ର ହୋଇଥିଲା । ବିଶେଷ ଖରା ଦେଖି ଲୋକେ ବିଲ ଫସଲ ପକ୍ଷରେ ଶଙ୍କାଯୁକ୍ତ ହୋଇ ଅଛନ୍ତି । ଏପରି ନଦୀ ଶୁଖି ଯିବାରୁ ଗୃହବାସୀଙ୍କ ପୂର୍ଣ୍ଣଜଳ ଜାହାନ ପିବାର କଷ୍ଟ ହୋଇଅଛି ।

ଶୁଙ୍ଗଡ଼ାର ଖୁନ ମୋକଦମାରେ ତିନିଜଣ ଆସାମୀ ମଧ୍ୟରୁ ଦୁଇଜଣ ଖଲାସ ପାଇଲେ କେବଳ ଏକଜଣ ହତ୍ୟାକାରୀଙ୍କ ସଙ୍ଗେ ଥିବାର ସ୍ୱୀକାର କରିବାରୁ ୭ ବର୍ଷ କାରାବାସ ଦଣ୍ଡ ପାଇଲା ।

ପୁରୀର ପୁଲିସ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ଥର, ଏଫ, ଲାଇସ ସାହେବ ତା ୭ ରଖ ଅପ୍ରେଲମାସଠାରୁ ତା୪ ରଖ ମଇମାସ ପର୍ଯ୍ୟନ୍ତ ଛୁଟିପ୍ରାପ୍ତ ହୋଇଥିଲେ ।

ପୁରୀର ଡାକ୍ତର ଇସ୍ମନ ସାହେବ ବାବୁ ପି, ସି, ଚଟ୍ଟୋର୍ଯ୍ୟାଙ୍କୁ ତା ୧୮ ରଖ ଜୁଲାଇ ମାସରେ ଚେଲକ ଛାର ବୁଝାଇ ଦେଲେ ।

ଯାଜପୁରର ମୁନ୍ସଫ ବାବୁ ଗୋପାଳକୃଷ୍ଣ ଘୋଷ ଅପଣାକର୍ମକୁ ଫେରିଆସି ଅଛନ୍ତି ।

ସମ୍ବାଦବାହିକାରୁ ଜଣାଗଲା ଯେ ବାଲେଶ୍ୱରରେ ଏପର୍ଯ୍ୟନ୍ତ କୃଷିର ଅବସ୍ଥା ଉତ୍ତମ ଏବଂ ବର୍ତ୍ତମାନଠାରୁ ଚାଉଳର ଦର କିଛି ଶସ୍ତା ହୋଇଅଛି ଅର୍ଥାତ୍ ଯେଉଁ ଚାଉଳ ଆଗେ ଟଙ୍କା ୧୦ ରୁ ଲେଖାଏଁ ବିକ୍ରୟ ହେଉଥିଲା ବର୍ତ୍ତମାନ ସେ ୧୪ର ଲେଖାଏଁ ମିଳୁଅଛି ।

ବାଲେଶ୍ୱର ସହରରୁ ଜାଳବାକାଠ ଓ ବୋଇଲା ଯେପରି ସହରରେ ଆସୁଥିଲା ତହିଁରେ ମିଉନିସିପାଲ ଟାକ୍ସ ବସୁଥିଲା । ଟାକ୍ସ ହେତୁ ଆମଦାନୀ ଊଣା ଓ ନଗରବାସୀଙ୍କର କଷ୍ଟ ହେବାରୁ ମିଉନିସିପାଲିଟି ପୂର୍ବର ପ୍ରବନ୍ଧ ତାହା ଉଠାଇ ଦେଇ ଅଛନ୍ତି ।

Digitized by srujanika@gmail.com